


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-11 ♦SUNDAY ♦05 JULY 2026 ♦PAGE-12+4 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୧ ♦ରବିବାର ♦୦୫ ଜୁଲାଇ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


ଲଘୁଚାପ ସକ୍ରିୟ

# ଆଜି ୯ ଜିଲ୍ଲାରେ ଛେଚିବ

## ୭ ତାରିଖ ଯାଏଁ ଲାଗିରହିବ ବର୍ଷା; ୩ ଜିଲ୍ଲାକୁ ରେଡ୍ ଆଲର୍ଟ

■ ଭୁବନେଶ୍ୱର, ୪।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଛି। ଗତ ୨ ଦିନ ଧରି ଲଗାଣ ବର୍ଷା ପ୍ରଭାବରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ କେତେକ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏପଟେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବର୍ଷାର ପ୍ରକୋପ ଦେଖିବାକୁ ମିଳିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୩୩ ଘଣ୍ଟା ମଧ୍ୟରେ ଗଞ୍ଜାମ ଛତ୍ରପୁରରେ ସର୍ବାଧିକ ୧୩୮.୭ ମିଲିମିଟର ବର୍ଷା ହୋଇଛି। ସେହିପରି କୋରାପୁଟରେ ୧୦୮ ମିଲିମିଟର, ଗୋପାଳପୁରରେ ୧୦୭.୮ ମିଲିମିଟର, ବାରିପଦାରେ ୧୦୪ ମିଲିମିଟର, ଚାନ୍ଦବାଲିରେ ୯୧.୬ ମିଲିମିଟର ବର୍ଷା ହୋଇଛି। ଏତଦବ୍ୟତୀତ କଟକ ଓ ଭୁବନେଶ୍ୱରରେ ୮୮.୬ ମିଲିମିଟର, ପୁରୀରେ ୭୬ ମିଲିମିଟର, ନୟାଗଡରେ ୮୯ ମିଲିମିଟର, ସୋନପୁରରେ ୭୩.୪ ମିଲିମିଟର, ବରଗଡ଼ରେ ୭୨.୪ ମିଲିମିଟର, ଖୋର୍ଦ୍ଧାରେ ୮୮ ମିଲିମିଟର, ଜଗତସିଂହପୁରରେ ୭୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଶନିବାର ସକାଳ ୮ଟା୩୦ରୁ ସନ୍ଧ୍ୟା ୫ଟା ୩୦ ମିନିଟ ମଧ୍ୟରେ କୋରାପୁଟରେ ସର୍ବାଧିକ ୬୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ବଲାଙ୍ଗୀରରେ ୬୭ ମିଲିମିଟର, ଭୁବନେଶ୍ୱରରେ ୪୫.୬ ମିଲିମିଟର, କଟକରେ ୩୨.୪ ମିଲିମଟର, ▶ପୃଷ୍ଠା-୭



## ମୁକାବିଲା ପାଇଁ ସଜାଗ ରହିବାକୁ ପ୍ରଶାସନକୁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୪।୭ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପ କାରଣରୁ ରାଜ୍ୟବ୍ୟାପୀ ବର୍ଷା ଜାରି ରହିଛି। ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ବେଳେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଥିବା କହିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି)ଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ (ଏସଇଓସି) ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଡିଇଓସି) ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଥିବା ସୂଚନା ମିଳିଛି।

ଭାରତୀୟ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ▶ପୃଷ୍ଠା-୭

# ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ ଗୃହ କାର୍ଯ୍ୟ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଚଳିତ ବର୍ଷ ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଆସନ୍ତା ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଆଜି ସୂଚନା ଦେଇଛନ୍ତି। ପ୍ରାୟ ତିନି ସପ୍ତାହରୁ ଅଧିକ ସମୟ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଏବଂ ଦେଶର ବିଭିନ୍ନ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

ମିଳିଥିବା ସୂଚନା ଅନୁଯାୟୀ ଏହି ଅଧିବେଶନ ବିଶେଷ କରି ଦୁଇଟି ପ୍ରସଙ୍ଗ ନେଇ ସରଗରମ ରହିବ। ୩୦ ଦିନ ଧରି ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ନିଜର ପଦ ହରାଇବେ ବୋଲି ସରକାର ଏସଂପର୍କରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବେ। ଯଦି ଜଣେ ମନ୍ତ୍ରୀଙ୍କୁ ଏଭଳି ଏକ ଅଭିଯୋଗରେ ଗିରଫ କରାଯାଇଛି, ଯେଉଁଥିରେ ୫ ବର୍ଷ କିମ୍ବା ତାଠାରୁ ଅଧିକ ସମୟ ପାଇଁ ଜେଲଦଣ୍ଡର ବ୍ୟବସ୍ଥା ଥିବ, ସେମାନଙ୍କ ପ୍ରତି ଏହି ନିୟମ ଲାଗୁ ହେବ। ସେମାନେ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ୩୧ତମ ଦିନରେ ଆପେ ଆପେ ମନ୍ତ୍ରୀ ପଦ ହରାଇବେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳ ମଧ୍ୟ ସେମାନଙ୍କୁ



ରାଜନାଥ ଓ ମନ୍ତ୍ରିପଦ ବିଲ୍‌କୁ ନେଇ ସରଗରମ ରହିବ ସଂସଦ

ଉଠିବ ଆଞ୍ଚଳିକ ଦଳରେ ବିଭାଜନ ପ୍ରସଙ୍ଗ

ବରଖାସ୍ତ କରିପାରିବେ। ତେବେ ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ବିରୋଧୀ ଦଳ ଶାସିତ ସରକାରଙ୍କୁ ଅସ୍ଥିର କରିବା ଲାଗି ସରକାର ଏହାର ରାଜନୈତିକ ଦୁରୁପଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଉଭୟ କେଜ୍ରିୱାଲ ଏବଂ ହେମନ୍ତ ସୋରେନଙ୍କ କ୍ଷେତ୍ରରେ ଦେଖାଦେଇଛି। ଅନ୍ୟପକ୍ଷରେ କେବଳ ସମ୍ବିଧାନ ସଂଶୋଧନ ଦ୍ୱାରା ଏହି ବିଲ୍ ପାସ୍ କରାଯାଇପାରିବ। ଏଥିପାଇଁ ଉଭୟ ଗୃହରେ ଦୁଇ ତୃତୀୟାଂଶ ଉପସ୍ଥିତ ସଭ୍ୟଙ୍କ ସମର୍ଥନ ଦରକାର। ରାଜ୍ୟସଭାରେ ସରକାର ଏହି ସଂଖ୍ୟାର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ ଲୋକସଭାରେ ବିଭିନ୍ନ ଦଳରେ ବିଭାଜନ ସତ୍ତ୍ୱେ ଆହୁରି ୪୦ ▶ପୃଷ୍ଠା-୭

# ଟାର୍ଗେଟ ପୂରିନି; ବନ୍ଦ ହେଲା ଧାନ ମଣ୍ଡି

ସରକାରଙ୍କ ପ୍ରତି ଚାଷୀଙ୍କ ତୁଟୁଛି ଭରସା

ବର୍ଷାରେ ଭିଜୁଛି ଧାନ; ଚାଷୀ ଉପାୟଶୂନ୍ୟ

୫୯,୨୬୫ଚାଷୀଙ୍କ ୩୮ ଲକ୍ଷ ୭୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ

କିଣି ପାରିଲେ ନାହିଁ ୨ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ



■ ଭବାନୀପାଟଣା, ୪।୭ (ସମିସ): ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଶୁକ୍ରବାର ଠାରୁ ଧାନ ମଣ୍ଡି ବନ୍ଦ କରି ଦିଆଯାଇଛି। ତରବରିଆ ଧାନ ସଂଗ୍ରହ ପ୍ରକ୍ରିୟା ଭିତରେ ରବି ଧାନ ସଂଗ୍ରହ ଟାର୍ଗେଟ ପୂରଣ ହୋଇପାରି ନାହିଁ। ଜିଲ୍ଲାରେ ୩୮ ଲକ୍ଷ ୭୧ ହଜାର ୨୧୨ କୁଇଣ୍ଟାଲ ଧାନ ଉଠିଥିବାବେଳେ ଏବେ ମଧ୍ୟ ମଣ୍ଡିମାନଙ୍କରେ ୨ ଲକ୍ଷ ୬୯ ହଜାର କୁଇଣ୍ଟାଲ ଧାନ ବଳକା ରହିଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜିଲ୍ଲାରେ ଚଳିତ ରବି ମଣ୍ଡି ପାଇଁ ୪୦ଲକ୍ଷ ୬୧ ହଜାର ୫ଶହ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ସେଥିମଧ୍ୟରୁ ଶୁକ୍ରବାର ସୁଦ୍ଧା ୫୯ ହଜାର ୨୬୫ ଚାଷୀଙ୍କ ୩୮ ଲକ୍ଷ ୭୧ହଜାର ୨୧୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ବୋଲି ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ୪୬ ହଜାର୧୯୯ ଚାଷୀଙ୍କୁ ୨୯ ଲକ୍ଷ ୮୪ ହଜାର୩୫୭ କୁଇଣ୍ଟାଲ ଧାନ ପାଇଁ ୬୮୯ କୋଟି ୮୨ ▶ପୃଷ୍ଠା-୭

## ଦୁର୍ଘଟଣାରେ ୩ ମୃତ

■ବାଲିଗୁଡ଼ା, ୪।୭ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଂ ନିକଟସ୍ଥ ଗେଗୁର ପଦର ନିକଟରେ ଅଜଣା ଗାଡ଼ି ଏକ ବାଇକକୁ ଧକ୍କା ଦେବା ଫଳରେ ବାଇକରେ ଆସୁଥିବା ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ବାଲିଗୁଡ଼ା ଉପଖଣ୍ଡ ହସ୍ପିଟାଲକୁ ଆଣିଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ୩ ଜଣ ନବରଙ୍ଗପୁର ଜିଲ୍ଲାର ଶୁଭମରାଜ ଜେନା, ସୁନୀଲ ଜାନି ଓ ଚନ୍ଦନ ସୁନା ବୋଲି ସୂଚନା ମିଳିଛି। ତେବେ କୌଣସି କାରଣ ବସତ ଏହି ୩ ଜଣ କନ୍ଧମାଳ ଆସିଥିବା ବେଳେ ଘରକୁ ଫେରିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଏକ ଅଜଣା ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏହା ଏକ ଘରୋଇ ବସ ବୋଲି ଆନୁମାନ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ବାଲିଗୁଡ଼ା ପୋଲିସ ତଦନ୍ତ କରୁଥିବା ଜଣାପଡିଛି।

ରାମ ମନ୍ଦିର ଚାନ୍ଦା ଘୋଟାଲା ମାମଲାରେ ନୂଆ ମୋଡ଼

# ଦାନ ସୁନାକୁ ତରଳାଇ ବିସ୍କୁଟ କରିଦେଲେ !



■ଅଯୋଧ୍ୟା, ୪।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ସାମଗ୍ରୀ ହେରଫେର ଓ ଚୋରି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ହାତରେ ଏକ ନୂଆ ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ମନ୍ଦିରରୁ ଚୋରି ହୋଇଥିବା ସୁନା ଓ ରୁପା ଗହଣାର ପରିଚୟ ଲୁଚାଇବା ପାଇଁ ଅଭିଯୁକ୍ତମାନେ ସେଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରିଥିବା ସନ୍ଦେହ କରାଯାଉଛି। ତଲାସୀ ସତ୍ତ୍ୱେ ଗହଣା ମିଳିନଥିବାରୁ ଏହି ଆଶଙ୍କା ଆହୁରି ଦୃଢ଼ ହୋଇଛି। ଏହି ସମ୍ବେଦନଶୀଳ ମାମଲାରେ ଏସ୍‌ଆଇଟି ତଦନ୍ତର ପରିସରକୁ ବ୍ୟାପକ କରିଛି। ଅଭିଯୁକ୍ତମାନଙ୍କ ସଂପର୍କୀୟମାନଙ୍କ ଘରେ ମଧ୍ୟ ଚଢ଼ାଉ କରାଯିବା ସହିତ ସେମାନଙ୍କର ବ୍ୟାଙ୍କ ଲକରର ମଧ୍ୟ ଯାଞ୍ଚ କରାଯାଉଛି।

ତଦନ୍ତକାରୀ ଦଳ ଆଜି ମନ୍ଦିରର ଦାୟିତ୍ୱରେ ଥିବା କେଡି ବାବୁଙ୍କ ସମେତ ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ ପଚରାଉଚରା କରିଛି। ମୁଖ୍ୟ ଅଭିଯୁକ୍ତ ଅବିନାଶ ▶ପୃଷ୍ଠା-୭

## ବଦ୍ରିନାଥରେ ବି ଦାନଅର୍ଥ ଚୋରି

■ ବଦ୍ରିନାଥ: ଅଯୋଧ୍ୟାର ରାମ ମନ୍ଦିର ପରେ ଏବେ ପ୍ରସିଦ୍ଧ ବଦ୍ରିନାଥ ଧାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆସିଛି। ସାମାଜିକ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ଏହାକୁ ଗମ୍ଭୀରତାର ସହ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। 'ଭୈରବ ସେନା' ନାମକ ଏକ ସଂଗଠନ ମନ୍ଦିର ସମିତିର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହକାରୀଙ୍କ ସନ୍ଦେହଜନକ ଭୂମିକାକୁ ନେଇ ଆର୍ଥିକ ଅନିୟମିତତାର ଅଭିଯୋଗ ଆଣିବା ସହ ନିରପେକ୍ଷ ତଦନ୍ତ ଦାବି କରିଥିଲା। ଏହି ଘଟଣା ଉପରେ ସ୍ପଷ୍ଟୀକରଣ ଦେଇ ମନ୍ଦିର ସମିତିର ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ କହିଛନ୍ତି ଯେ, ଅଭିଯୋଗ ଆସିଥିବା ସଂପୃକ୍ତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏକ ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ କରାଯାଇଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋହନ ସିଂହ ▶ପୃଷ୍ଠା-୭



# ଥାନା କ୍ୱାର୍ଟର୍ସରେ ଝୁଲିପଡ଼ିଲେ ଇନ୍ସପେକ୍ଟର ବିୟୁଟି

■କଟକ,୪।୭ (ସମିସ): ଚାଉଳିଆଗଞ୍ଜ ଥାନା ପରିସରରେ ଥିବା କ୍ୱାର୍ଟର୍ସ ଭିତରୁ ଆଇଆଇସି ବିୟୁଟି ମହାନ୍ତିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଘଟଣାକୁ ନେଇ ପୁଲିସ ମହଲରେ ଆଲୋଡନ ସୃଷ୍ଟି ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲକୁ ପଠାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ଯାଏ ଆଇଆଇସି ଶ୍ରୀମତୀ ମହାନ୍ତି ଥାନାରେ କାର୍ଯ୍ୟରତ ଥିଲେ। ହଠାତ ଅସୁସ୍ଥ ଅନୁଭବ କରିବାରୁ ସେ ଥାନାର ଉପର ମହଲାରେ ଥିବା ନିଜ କ୍ୱାର୍ଟର୍ସକୁ ଯାଇଥିଲେ। ଶନିବାର ସକାଳେ ଥାନାରେ ନିୟମିତ ହେଉଥିବା ବ୍ରିଫିଂ ରୋଲ୍‌କଲ୍‌କୁ ଆସି ନଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ଦିନ ପ୍ରାୟ ୧୦ଟା ବେଳେ ଥାନା କର୍ମଚାରୀ କ୍ୱାର୍ଟର୍ସକୁ ଯାଇ ଆଇଆଇସିଙ୍କୁ ଡାକିଥିଲେ। ମାତ୍ର ରୁମ୍ ଭିତରୁ କିଛି ଉତ୍ତର ମିଳି ନଥିଲା। ଏ ସମ୍ପର୍କରେ ଜୋନ୍ ଏସିପି ସୁଧାଂଶୁ ଜେନାଙ୍କୁ ସୂଚନା ଦିଆଯାଇଥିଲା। ପରେ

## ମୃତ୍ୟୁକୁ ନେଇ ନାନା ସନ୍ଦେହ

ଏସିପିଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯିବାରୁ ବିୟୁଟିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସ ପକ୍ଷରୁ ଉକ୍ତ ରୁମକୁ ସିଲ୍ କରାଯାଇଛି। ପୁଲିସ କମିସନର ଦେବଦତ୍ତ ସିଂ ଏବଂ କଟକ ଡିସିପି ଖିଲାରୀ ରଷିକେଶଙ୍କ ସମେତ ମୃତ ଆଇଆଇସିଙ୍କ ସ୍ୱାମୀ ଓ ପରିବାର ଲୋକେ ଏସସିବିରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ▶ପୃଷ୍ଠା-୭

୪ ଦିନ ରୋଗୀ ଦହଗଞ୍ଜ ପରେ ଆଲୋଚନାକୁ ଆସିଲେ ରାଜ୍ୟ ସରକାର

# ଡାକ୍ତର ଆନ୍ଦୋଳନ ସ୍ଥଗିତ

■ ଭୁବନେଶ୍ୱର, ୪।୭ (ସମିସ): ଚାରି ଦିନ ହେଲା ଆନ୍ଦୋଳନରେ ଥିଲେ ଡାକ୍ତର। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ସାରା ରାଜ୍ୟରେ ରୋଗୀମାନେ ଦହଗଞ୍ଜ ହେଲେ। କେଉଁଠି ବଞ୍ଚିଥିବା ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ମିଳିଲାନି ତ କେଉଁଠି ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇ ନ ପାରି ପଡ଼ି ରହିଲା।। ଶବ। ଆଉ କେତେକ ସ୍ଥାନରେ ଭୟରେ ରୋଗୀମାନେ ନ ଆସିବାରୁ ଡାକ୍ତରଖାନା ଶଯ୍ୟା ବି ଖାଲି ହୋଇଗଲା। ଏପଟେ ଡାକ୍ତରମାନଙ୍କୁ ଡରାଇବାକୁ ଯାଇ ସରକାର କାର୍ଯ୍ୟାନୁଷ୍ଠାନର ଧମକ ବି ଦେଲେ। ହେଲେ କିଛି ସୁଫଳ ମିଳିଲା ନାହିଁ, ଓଲଟା ଦିନକୁ ଦିନ ସମସ୍ୟା ବଢ଼ି ସ୍ଥିତି ବିଗିଡ଼ିବାରେ ଲାଗିଲା। ସ୍ୱାସ୍ଥ୍ୟ ସେବା ନ ମିଳିବା ଭଳି ଗୁରୁତର ସମସ୍ୟାରେ ସାରା ରାଜ୍ୟବାସୀ ଘାଣ୍ଟି ହେବା ପରେ ଶେଷରେ ସରକାର ଡାକ୍ତରମାନଙ୍କ ଦାବି ସଂପର୍କରେ ଆଲୋଚନା ପାଇଁ ରାଜି ହେଲେ। ଆଲୋଚନା ପରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି।

ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)ର କର୍ମକର୍ତ୍ତା ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କରିଥିଲେ। ଆଲୋଚନାରେ

## ଗଠନ ହେଲା ଉଚ୍ଚସ୍ତରୀୟ କମିଟି

## ଆସନ୍ତା ୨୨ରେ ବସିବ ବୈଠକ

ଡାକ୍ତରଙ୍କ ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ସହ ଅନ୍ୟାନ୍ୟ କେତେକ ନିଷ୍ପତ୍ତି ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି। ଶନିବାରଠାରୁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଲୋଚନା ପରେ ଗଣଣାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ▶ପୃଷ୍ଠା-୭

# ଇ-୨୦ ପେଟ୍ରୋଲକୁ ଦେଶସାରା ନା-ନା

## ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କଲା ଭୁଟାନ

■ ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସାରା ଦେଶରେ ଏବେ ଇ-୨୦ ପେଟ୍ରୋଲକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ଗୋଟିଏ ପଟେ, ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଇ-୨୦ ପେଟ୍ରୋଲ ଯୋଗୁଁ ଗତ କିଛି ମାସ ମଧ୍ୟରେ ସେମାନଙ୍କ ଗାଡ଼ିର ମାଇଲେଜ୍ ୩୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ଏଥିଯୋଗୁ ଇଞ୍ଜିନ୍‌ରେ ସମସ୍ୟାର ଏବଂ ଗାଡ଼ିର କାର୍ଯ୍ୟଦକ୍ଷତାରେ ହ୍ରାସ ହେଉଛି। ଏହି ସମସ୍ୟାଗୁଡ଼ିକ ପେଟ୍ରୋଲରେ ଅତ୍ୟଧିକ ଇଥାନଲ୍ ମିଶ୍ରଣ ଯୋଗୁ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମାମଲା କୋର୍ଟରେ ପହଞ୍ଚିବା ସହିତ ଏହି ପ୍ରସଙ୍ଗ ରାଜନୈତିକ ରୂପ ନେଇଛି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଏଭଳି ଘଟଣା ମଧ୍ୟରେ ଭୁଟାନ୍ ଭାରତଠାରୁ




ଫୁଏଲ୍ ପମ୍ପ ଜାମ୍, ଇଞ୍ଜିନ୍ ଯନ୍ତ୍ରାଂଶରେ ଲାଗୁଛି କଳଙ୍କି

ମାଇଲେଜ୍ କମୁଥିବା ନେଇ ପେଟ୍ରୋଲିୟମ୍ ମନ୍ତ୍ରୀ, ତେଲ କମ୍ପାନୀ ମୁଖ୍ୟଙ୍କ ସ୍ୱୀକାରୋକ୍ତି

ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି।

କେନ୍ଦ୍ର ସରକାରଙ୍କ ଇ-୨୦ ନୀତି ଅନୁଯାୟୀ, ପେଟ୍ରୋଲରେ ୨୦% ଇଥାନଲ୍ ମିଶ୍ରଣ ବାଧ୍ୟତାମୂଳକ। ହେଲେ ଏହାକୁ ନେଇ ଦେଶରେ ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଜନସାଧାରଣଙ୍କ ଅସନ୍ତୋଷର ମୁଖ୍ୟ କାରଣ ହେଉଛି, ଯାନବାହାନ ଦକ୍ଷତା ଏବଂ ଆର୍ଥିକ କ୍ଷତି ଚିନ୍ତା। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି ଯେ ଇ-୨୦ ପେଟ୍ରୋଲ ବ୍ୟବହାର କରିବା ଦ୍ୱାରା ଯାନବାହାନର ମାଇଲେଜ୍ ୧୦% ରୁ ୩୦%କୁ ହ୍ରାସ ପାଇଛି, ଯାହା ଫଳରେ ମାସିକ ଇନ୍ଧନ ଖର୍ଚ୍ଚ ବୃଦ୍ଧି ପାଇଛି। ଇ-୨୦ ଇନ୍ଧନ ସହ ସୁସଙ୍ଗତ ନ ଥିବା କାରଗୁଡ଼ିକର ଫୁଏଲ୍ ପମ୍ପ ଜାମ୍ ହେବା ସହ ରବର ହୋସ୍ ଏବଂ ଇଞ୍ଜିନ୍ର ଯନ୍ତ୍ରାଂଶଗୁଡିକ କଳଙ୍କି ଲାଗିବା ଭଳି ସମସ୍ୟା ଉପୁଜିଛି। ତଥାପି, ସରକାର ଏପରୁ ଅଭିଯୋଗଗୁଡିକୁ ଖଣ୍ଡନ କରିଛନ୍ତି। ଅପରପକ୍ଷେ ଖୋଦ୍ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ଏହି କଥାକୁ ସ୍ୱୀକାର କରିଛନ୍ତି ଯେ, ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି। ଏହାଛଡା ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜୈବ ଇନ୍ଧନ) ଅନୁରାଗ ▶ପୃଷ୍ଠା-୭

# ୟୁରୋପରେ ଥମୁନି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହର ପ୍ରକୋପ

**ଫ୍ରାନ୍ସରେ ଗଲାଣି ୧୦ ହଜାର ଜୀବନ**

ପ୍ୟାରିସ୍,୪।୭(ଏଜେନ୍ସି): ୟୁରୋପରେ ଜାରି ରହିଥିବା ଐତିହାସିକ ଗ୍ରୀଷ୍ମପ୍ରବାହ ମଧ୍ୟରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଆଶଙ୍କା, ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିପାରେ। ଜୁନ୍ ମାସର ସବୁଠାରୁ ଉତ୍ତପ୍ତ ସପ୍ତାହରେ ଫ୍ରାନ୍ସରେ ପ୍ରାୟ ୧୦ ହଜାରରୁ ଅଧିକ ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ପୂର୍ବ ସପ୍ତାହ ତୁଳନାରେ ପ୍ରାୟ ୩୦ ପ୍ରତିଶତ ଅଧିକ। ୪୫ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରେ ମୃତ୍ୟୁହାର ବେଶି ଥିବାବେଳେ ୬୫ ବର୍ଷରୁ ଅଧିକ ବୟସ୍କମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ରାଜଧାନୀ ପ୍ୟାରିସରେ ମୃତ୍ୟୁ ସଂଖ୍ୟା ସପ୍ତାହକ ମଧ୍ୟରେ ୬୨ ପ୍ରତିଶତ ବୃଦ୍ଧି ପାଇଥିବାରୁ ଏହା ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ପାଲଟିଛି। ଏପଟେ ଇଟାଲିରେ ମରୁଡ଼ି ପରିସ୍ଥିତି ଗୁରୁତର ହୋଇଥିବାବେଳେ ସ୍ୱିଜରଲ୍ୟାଣ୍ଡରେ ହିମବାହ ଦ୍ରୁତ ତରଳିବା ଜାରି ରହିଛି। ଜର୍ମାନୀ, ପୋଲାଣ୍ଡ, ସ୍ଲୋଭାକିଆ, ଚେକିଆ ଓ ହଙ୍ଗେରୀରେ ମଧ୍ୟ ନୂଆ ତାପମାତ୍ରା ରେକର୍ଡ ସୃଷ୍ଟି ହୋଇଛି। ୟୁରୋପରେ ବଢ଼ୁଥିବା ତାପପ୍ରବାହ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବକୁ ପୁଣିଥରେ ସ୍ପଷ୍ଟ କରିଛି। ବିଶେଷଜ୍ଞମାନଙ୍କ ମତରେ, ଭବିଷ୍ୟତରେ ଏଭଳି ଚରମ ପାଣିପାଗ ଘଟଣାର ମୁକାବିଲା ପାଇଁ ଦୀର୍ଘମିଆଦି ପ୍ରସ୍ତୁତି ଏବଂ ପ୍ରଭାବଶାଳୀ ଜଳବାୟୁ ନୀତି ଅପରିହାର୍ଯ୍ୟ।



# ବିଭିନ୍ନ ଦେଶରେ ଡ୍ରଗ୍ସ ଦେଇ ମହିଳାଙ୍କୁ ଯୌନ ନିର୍ଯାତନା



**ଗିରଫ ହେଲେଣି ୫୭ ଜଣ**

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ନଅଟି ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଭାବେ ମାଦକ ଦ୍ରବ୍ୟ ବ୍ୟବହାର କରି ଯୌନ ନିର୍ଯାତନା ଘଟାଉଥିବା ଏକ ଅନ୍ତର୍ଜାତୀୟ ଅପରାଧୀ ଚକ୍ରର ପର୍ଦ୍ଦାଫାସ ହୋଇଛି। ସାତଟି ଦେଶର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାର ମିଳିତ ତଦନ୍ତରେ ଏହି ଘଟଣା ସାମ୍ନାକୁ ଆସିଛି। 'ପ୍ରକଳ୍ପ ମେଡୁସା' ନାମକ ଏହି ଅଭିଯାନରେ ଜର୍ମାନୀ ଓ ବ୍ରିଟେନ୍‌ର ନେତୃତ୍ୱରେ ଆମେରିକା, ବ୍ରାଜିଲ୍, କାନାଡା, ଫ୍ରାନ୍ସ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଓ ସ୍ପେନ୍‌ର ସୁରକ୍ଷା ସଂସ୍ଥା ସହଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ସାଙ୍କେତିକ ବାର୍ତ୍ତା ଆଦାନପ୍ରଦାନ ମାଧ୍ୟମ ଓ ବନ୍ଦ ଆଲୋଚନା ଗୋଷ୍ଠୀ ଜରିଆରେ ଅପରାଧୀମାନେ ପରସ୍ପର ସହ ଯୋଗାଯୋଗ ରଖି ଅପରାଧ ଘଟାଇବାର ଉପାୟ, ପ୍ରମାଣ ଲୁଚାଇବାର କୌଶଳ ଓ ଅନ୍ୟାନ୍ୟ ସୂଚନା ବାଣ୍ଟୁଥିଲେ।

ଏପର୍ଯ୍ୟନ୍ତ ୧୫୦ରୁ ଅଧିକ ପୀଡ଼ିତ ଓ ସନ୍ଦିଗ୍ଧଙ୍କ ପରିଚୟ ମିଳିଥିବାବେଳେ ୨୭୦ରୁ ଅଧିକ ନୂତନ ତଦନ୍ତ ଆରମ୍ଭ ହୋଇଛି ଏବଂ ୫୭ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତକାରୀ ସଂସ୍ଥାମାନଙ୍କ ମତରେ ପ୍ରକୃତ ପୀଡ଼ିତଙ୍କ ସଂଖ୍ୟା ଏହାଠାରୁ ଅଧିକ ହୋଇପାରେ। ଏହି ଘଟଣା ଡିଜିଟାଲ ମାଧ୍ୟମର ଅପବ୍ୟବହାର କରି ସଂଗଠିତ ଅପରାଧ କିପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜରେ ପରିଣତ ହେଉଛି, ତାହା ପୁଣିଥରେ ସ୍ପଷ୍ଟ କରିଛି। ଏଭଳି ଅପରାଧ ରୋକିବା ପାଇଁ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ, ଆଧୁନିକ ତଦନ୍ତ ବ୍ୟବସ୍ଥା ଏବଂ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ତ୍ୱରିତ ପଦକ୍ଷେପର ଆବଶ୍ୟକତା ରହିଛି।

# ଖାଲିଦ୍, ସରଜିଲ୍‌ଙ୍କ ଜାମିନ ଆବେଦନ ପୁଣି ଖାରଜ



ନୂଆଦିଲ୍ଲୀ,୪।୭(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଦିଲ୍ଲୀର ଏକ ଅଦାଲତ ଆଜି ଛାତ୍ର ନେତା ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କ ଜାମିନ ଆବେଦନକୁ ପୁଣି ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ ସୁପ୍ରିମ କୋର୍ଟ ହିଁ ସେମାନଙ୍କୁ ଜାମିନ ଦେଇପାରିବେ। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ଏକ ବୃହତ୍ ବେଞ୍ଚର ବିଚାରାଧୀନ ଥିବାରୁ ଜାମିନ ଦେବାକୁ ମନା କରିଦେଇଛନ୍ତି କୋର୍ଟ। ସୂଚନାଯୋଗ୍ୟ ଯେ ଖାଲିଦ୍ ଏବଂ ଇମାମ ୟୁଏପିଏ ଅଧୀନରେ ପ୍ରାୟ ୬ ବର୍ଷ ଧରି ବିଚାର ବିଭାଗୀୟ ହାଜତରେ ଅଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ବେଳେ "ଜାମିନ ଏକ ନିୟମ' ବୋଲି କହିଥିଲେ। ଏହାକୁ ଖାଲିଦଙ୍କ ପକ୍ଷରୁ କୋର୍ଟରେ ଯୁକ୍ତି ଭାବେ ପ୍ରସ୍ତୁତ କରି ଜାମିନ ଆବେଦନ କରାହୋଇଥିଲା। ସେହିପରି, ଇମାମ ଦର୍ଶାଇଥିଲେ ଯେ ସୁପ୍ରିମକୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିବାର ୬ ମାସ ପରେ ମଧ୍ୟ ମାମଲାରେ କୌଣସି ଉଲ୍ଲେଖନୀୟ ଅଗ୍ରଗତି ହୋଇନାହିଁ। ଜାନୁଆରୀ ୫ରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟଙ୍କୁ ଜାମିନ ନାମଞ୍ଜୁର କରିଥିଲେ। ଏକ ବର୍ଷ ପରେ ଆବେଦନ କରିବାକୁ କହିଥିଲେ ସୁପ୍ରିମକୋର୍ଟ। ଅତିରିକ୍ତ ସେସନ୍ ଜଜ୍ ସମୀର ବାଜପେୟୀ ଉକ୍ତ ଯୁକ୍ତିକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ସୁପ୍ରିମ କୋର୍ଟଙ୍କ ୫ ଜାନୁଆରୀ ୨୦୨୬ ରାୟ ପରିପ୍ରେକ୍ଷୀରେ ଏହି ଜାମିନ ଆବେଦନକୁ ବିଚାର କରାଯାଇ ପାରିବ ନାହିଁ।

# ଆତଙ୍କବାଦୀ ତାଲିକାରେ ହାଫିଜ୍ ସୟିଦର ଶ୍ୱାଇଁ

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶନିବାର ଦିନ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରରୁ ସକ୍ରିୟ ଥିବା ୨୩ ଜଣ ଅପରାଧୀଙ୍କୁ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଛି। ଏହି ତାଲିକାରେ ଅଯୋଧ୍ୟାର ରାମ ମନ୍ଦିର ଉପରେ ଗୁପ୍ତଚରୀ କରିଥିବା ଆତଙ୍କବାଦୀ ଏବଂ ଲସ୍କର-ଇ-ତୋଏବାର ମୁଖ୍ୟ ହାଫିଜ୍ ସୟିଦର ଶ୍ୱାଇଁ ମଧ୍ୟ ସାମିଲ ଅଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ତାଲିକାରେ ଲସ୍କର-ଇ-ତୋଏବା ଏବଂ ଜୈଶ-ଇ-ମହମ୍ମଦ ଭଳି ସଂଗଠନର ବଡ଼ ବଡ଼ କମାଣ୍ଡର, ଅର୍ଥ ଯୋଗାଣକାରୀ ଏବଂ ସୀମାପାର ଅନୁପ୍ରବେଶକାରୀ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ୨୩ ଜଣଙ୍କ ମଧ୍ୟରୁ ୬ ଜଣ ଭାରତୀୟ ନାଗରିକ ଯେଉଁମାନେ ଏବେ ପାକିସ୍ତାନରେ ରହି ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଛନ୍ତି।

# ରେଳବାଇ ପ୍ରଶ୍ନପତ୍ର ଲିକ୍; ୨ ଗିରଫ

ବେଙ୍ଗାଲୁରୁ,୪।୭(ଏଜେନ୍ସି): ଦକ୍ଷିଣ ପଶ୍ଚିମ ରେଳବାଇର ୨୦୨୨ ଜିଡିସିଇ ବିଭାଗୀୟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ବେଙ୍ଗାଲୁରୁରୁ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଗୁଡ୍ସ ଟ୍ରେନ୍ ମ୍ୟାନେଜର ପଦବୀ ପାଇଁ ଅନୁଷ୍ଠିତ ପରୀକ୍ଷାରେ ଏହି ୨ ଜଣ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡିଛି। ସେମାନେ ପରୀକ୍ଷା ପୂର୍ବରୁ କିଛି ମନୋନୀତ ପ୍ରାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେଇଥିବା ଅଭିଯୋଗ ହୋଇଛି। ତଲାସି ସମୟରେ ସିବିଆଇ ସେମାନଙ୍କ ନିକଟରୁ ସ୍କାନର୍, ପ୍ରିଣ୍ଟର୍ ଏବଂ ପରୀକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଓ ପ୍ରାର୍ଥୀଙ୍କ ବିବରଣୀ ଜବତ କରିଥିଲା। ଏହି ମାମଲାରେ ପୂର୍ବରୁ ୨୩ ଜଣଙ୍କ ବିରୋଧରେ ଦକ୍ଷିଣ ପଶ୍ଚିମ ରେଳବାଇ ପକ୍ଷରୁ ଅଭିଯୋଗ ହୋଇଥିଲା।

# ବଢ଼ି ଚାଲିଛି ମମତାଙ୍କ ସଙ୍କଟ

## ଟିଏମ୍‌ସି ରାଜ୍ୟ ସଭାପତି ପଦ ଛାଡ଼ିଲେ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ



**'ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ'**

କୋଲକାତା,୪।୭(ଏଜେନ୍ସି):

ମମତା ମାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ରେ ବିଦ୍ରୋହକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ଥମିବାର ନାମ ଧରୁନି। ଗତକାଲି ବିଦ୍ରୋହୀମାନେ ପାର୍ଟିର ମୁଖ୍ୟାଳୟକୁ କବଜା କରିଥିବା ବେଳେ ଆଜି ପାର୍ଟିର ରାଜ୍ୟ ସଭାନେତ୍ରୀ ଚନ୍ଦ୍ରିକା ଭଟ୍ଟାଚାର୍ଯ୍ୟ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଗତକାଲିର ଘଟଣା ପାଇଁ ମମତାଙ୍କ ଠାରୁ ଭର୍ତ୍ସିତ ହେବାପରେ ସେ ଇସ୍ତଫା ଦେଇଥିବା କୁହାଯାଉଛି। ଇସ୍ତଫା ଦେବାପରେ ସେ ବିଦ୍ରୋହୀଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ବିଧାନସଭା ନିର୍ବାଚନରେ ପରାଜୟ ପରେ ସଂଗଠନର ପୁନର୍ଗଠନ କରି ମମତା ଗତମାସ ଚନ୍ଦ୍ରିକାଙ୍କୁ ସଭାନେତ୍ରୀ ନିଯୁକ୍ତ କରିଥିଲେ। ମମତା ବାନାର୍ଜୀଙ୍କ ଅତି ନିକଟତମ ସହଯୋଗୀ ଭାବେ ଜଣାଶୁଣା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଆଜି ଇସ୍ତଫା ଦେବାପରେ ମମତାଙ୍କୁ ଶକ୍ତ ଝଟକା ଲାଗିଛି। ଇସ୍ତଫା ଦେବା ପାରେ ସେ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀର ସଦସ୍ୟମାନଙ୍କୁ ଭେଟିଛନ୍ତି। ଅଧିକାଂଶ ବିଧାୟକଙ୍କ ସମର୍ଥନରେ ରତବ୍ରତ ବାନାର୍ଜୀ ବିଧାନସଭାରେ ବିରୋଧୀ ଦଳ ନେତା ହୋଇଛନ୍ତି, ଯଦିଓ ମମତା ବାନାର୍ଜୀ ବରିଷ୍ଠ ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ଏହି ପଦ ପାଇଁ ମନୋନୀତ କରିଥିଲେ। ଦଳର ବନିର୍ବାଚିତ ୮୦ ଜଣ ବିଧାୟକଙ୍କ ମଧ୍ୟରୁ ବହୁ ସଂଖ୍ୟକ ବିଧାୟକ ଦଳରୁ ଅଲଗା ହୋଇଯାଇଥିବା ବେଳେ ୨୦ ଜଣ ଦଳୀୟ ସାଂସଦ ଅନ୍ୟ ଏକ ଛୋଟ ଦଳରେ ସାମିଲ ହୋଇ ଏନ୍‌ଡିଏକୁ ସମର୍ଥନ ଘୋଷଣା କରିଛନ୍ତି। ଗତ ଶୁକ୍ରବାର ଦିନ କୋଲକାତାରେ ଥିବା ମୁଖ୍ୟ କାର୍ଯ୍ୟାଳୟ 'ତୃଣମୂଳ ଭବନ'କୁ ବିଦ୍ରୋହୀ ଗୋଷ୍ଠୀ ନିଜ ନିୟନ୍ତ୍ରଣକୁ ନେଇ ସେଠାରେ ତାଲା ପକାଇ ଦେଇଛନ୍ତି ଏବଂ ନିଜକୁ ଅସଲି ଟିଏମସି ବୋଲି ଦାବି କରିଛନ୍ତି।

ଏହିସବୁ ଘଟଣାକୁ ନେଇ ଆଜି ମୁହଁ ଖୋଲିଛନ୍ତି ମମତା ବାନାର୍ଜୀ। ସେ କହିଛନ୍ତି ଯେ, ଟିଏମସି ବିଭାଜନ ପଛରେ ବିଜେପିର ହାତ ରହିଛି। ସେମାନେ ଭୋଟ ଚୋରି କରି କ୍ଷମତା ଦଖଲ କରିବା ପରେ ତାଙ୍କ ଦଳକୁ ତାଙ୍କ ହାତରୁ ଛଡ଼ାଇ ନେବାକୁ ଚାହୁଁଛନ୍ତି। କିନ୍ତୁ ଏହା ଆଦୌ ସମ୍ଭବ ନୁହେଁ। ଉଭୟ ଦଳ ଏବଂ ସଙ୍କେତ ତାଙ୍କ ପାଖରେ ରହିବ। ଏଥିପାଇଁ ସେ ଦୀର୍ଘ ସମୟ ଧରି ସଂଘର୍ଷ ଜାରି ରଖିବେ। ଏଥିରୁ ତାଙ୍କୁ କେହି ଅଟକାଇ ପାରିବେ ନାହିଁ। ଅଟକାଇବାକୁ ହେଲେ ମୋତେ ମାରିବାକୁ ପଡ଼ିବ ବୋଲି ମମତା କହିଛନ୍ତି।





ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ଭାବପ୍ରବଣ ମୁହୂର୍ତ୍ତ। ଏଥିରେ ଏକ କୋଟିରୁ ଅଧିକ ଲୋକ ସାମିଲ ହେବେ ବୋଲି କୁହାଯାଉଛି। ଭାରତ ସମେତ ବିଭିନ୍ନ ଦେଶରୁ ଅନେକ ସରକାରୀ ପ୍ରତିନିଧି ଦଳ ମଧ୍ୟ ଯୋଗଦେଉଛନ୍ତି।

# ଫିଲ୍ମ ପ୍ରସାରଣ ନେଇ ଟେଲିଗ୍ରାମ୍‌କୁ କେନ୍ଦ୍ରର ନୋଟିସ୍

**୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୪।୭(ଏଜେନ୍ସି): ପାଇରେଟେଡ୍ ଚଳଚ୍ଚିତ୍ର ଓ ଓଟିଟି ମଞ୍ଚର ବିଷୟବସ୍ତୁ ବେଆଇନ ଭାବେ ପ୍ରସାରଣ ହେଉଥିବା ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଟେଲିଗ୍ରାମକୁ ନୋଟିସ ଜାରି କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୧୫ ଦିନ ମଧ୍ୟରେ ସଂଶୋଧନମୂଳକ ପଦକ୍ଷେପ ନେଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ ଟେଲିଗ୍ରାମକୁ ପାଇରେଟେଡ୍ ଚଳଚ୍ଚିତ୍ର ଓ ଅନ୍ୟାନ୍ୟ ଦୃଶ୍ୟଶ୍ରାବ୍ୟ ବିଷୟବସ୍ତୁ ଚିହ୍ନଟ, ଅଭିଯୋଗ ଗ୍ରହଣ, ଅପସାରଣ ଏବଂ ପ୍ରବେଶ ବନ୍ଦ କରିବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ କହିଛି। ଏଥିସହ ବାରମ୍ବାର ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଚ୍ୟାନେଲ, ଗୋଷ୍ଠୀ, ସ୍ୱୟଂଚାଳିତ ଖାତା, ପ୍ରଶାସକ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ, ଓଟିଟି ମଞ୍ଚ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାମାନଙ୍କ ଅଭିଯୋଗର ସମାଧାନ ପାଇଁ ଥିବା ବ୍ୟବସ୍ଥାର ବିବରଣୀ ମଧ୍ୟ ମାଗିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ କପିରାଇଟ୍ ଉଲ୍ଲଙ୍ଘନ ଭାରତରେ କେବଳ ଦେୱାନୀ ନୁହେଁ, ବରଂ ଏକ ଦଣ୍ଡନୀୟ ଅପରାଧ। ଦେଶର ସୃଜନଶୀଳ କ୍ଷେତ୍ର, ଚଳଚ୍ଚିତ୍ର ଶିଳ୍ପ, ପ୍ରସାରଣ ସଂସ୍ଥା ଏବଂ ଓଟିଟି ମଞ୍ଚର ସ୍ୱାର୍ଥ ସୁରକ୍ଷା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ପଦକ୍ଷେପ ନ ନେଲେ ପ୍ରଚଳିତ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବିଚାର କରାଯାଇପାରେ।


# ମୁମ୍ବାଇରେ ପ୍ରବଳ ବର୍ଷା; ରେଡ୍ ଆଲର୍ଟ ଜାରି

ମୁମ୍ବାଇ,୪।୭(ଏଜେନ୍ସି): ମହାରାଷ୍ଟ୍ରର ମୁମ୍ବାଇ ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଆଇଏମ୍‌ଡି ପକ୍ଷରୁ ମୁମ୍ବାଇ ଏବଂ ଥାନେ ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତ୍ୟଧିକ ବର୍ଷା ହେବାର ପୂର୍ବାନୁମାନ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇର ରାମ ମନ୍ଦିର ଅଞ୍ଚଳରେ ସର୍ବାଧିକ ୨୦୬.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଭିଖ୍‌ରୋଲିରେ ୧୮୮ ମିଲି, ସାନ୍ତାକ୍ରୁଜରେ ୧୬୪.୧ ମିଲି ଏବଂ ବିଦ୍ୟାବିହାରରେ ୧୨୬ ମିଲି ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଅନ୍ଧେରୀ ସବୱେ, ମାଟୁଙ୍ଗାର ସେନାପତି ବାପଟ ମାର୍ଗ ଏବଂ ସିୟନ ଭଳି ତଳୁଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ମୁମ୍ବାଇରେ ୨ ଜଣଙ୍କ ପ୍ରାଣହାନୀ ମଧ୍ୟ ଘଟିଛି। ଗୁଜରାଟରେ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

# ୫୦ ବାଂଲାଦେଶୀଙ୍କୁ ସ୍ୱଦେଶ ଫେରାଇବ ତାମିଲନାଡୁ

ଚେନ୍ନାଇ,୪।୭ (ଏଜେନ୍ସି): ତାମିଲନାଡୁର ଏକ ସ୍ୱତନ୍ତ୍ର ଅଟକ ଶିବିରରେ ରହୁଥିବା ୫୦ ଜଣ ବାଂଲାଦେଶୀ ନାଗରିକଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସେମାନଙ୍କୁ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ତାମିଲନାଡୁରୁ ପଶ୍ଚିମବଙ୍ଗ ପଠାଯାଇଛି। ସେଠାରେ ସେମାନଙ୍କୁ ସୀମା ସୁରକ୍ଷା ବଳଙ୍କୁ ହସ୍ତାନ୍ତର କରାଯିବ, ଯିଏ କି ସମସ୍ତ ଔପଚାରିକତା ଶେଷ କରି ସେମାନଙ୍କୁ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇବେ। ପୁଲିସର ସୂଚନା ଅନୁଯାୟୀ, ଏହି ଦଳରେ ୪୪ ଜଣ ପୁରୁଷ ଏବଂ ୬ ଜଣ ମହିଳା ଅଛନ୍ତି, ଯେଉଁମାନଙ୍କୁ ସେଲମ ଜିଲ୍ଲାର ଆତୁର ତାଲୁକ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱତନ୍ତ୍ର ଅଟକ ଶିବିରରେ ରଖାଯାଇଥିଲା। ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି।

# ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପୁସ୍ତକରେ ଆତଙ୍କବାଦୀଙ୍କୁ ପ୍ରଶଂସା!




ଶ୍ରୀନଗର,୪।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦିତ ବୋଲି କୁହାଯାଉଥିବା ଏକ ପୁସ୍ତକକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ପୁସ୍ତକରେ ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀ ନେତାଙ୍କୁ ପ୍ରଶଂସା କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀର ସମ୍ପର୍କରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। 'ଜମ୍ମୁ-କାଶ୍ମୀରର ବ୍ୟକ୍ତିତ୍ୱ ଓ କିମ୍ବଦନ୍ତୀ' ନାମକ ଏହି ପୁସ୍ତକରେ ନିଷିଦ୍ଧ ସଂଗଠନ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ସକାରାତ୍ମକ ଭାବେ ଉପସ୍ଥାପନ କରାଯାଇଥିବା ଏବଂ ଜମ୍ମୁ-କାଶ୍ମୀରକୁ ନେଇ ବିବାଦୀୟ ଶବ୍ଦ ପ୍ରୟୋଗ ହୋଇଥିବା ଅଭିଯୋଗ ଉଠିଛି। ପୁସ୍ତକରେ ସମଗ୍ର ଶିକ୍ଷା ଜମ୍ମୁ-କାଶ୍ମୀରର ପ୍ରତୀକ ଚିହ୍ନ ଥିବାରୁ ଏହା କିପରି ସରକାରୀ ବିଦ୍ୟାଳୟ ପୁସ୍ତକାଳୟ ପାଇଁ ଅନୁମୋଦନ ପାଇଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ବିରୋଧୀ ଦଳ ଏହି ପୁସ୍ତକକୁ ତୁରନ୍ତ ନିଷିଦ୍ଧ କରିବା ସହ ଏହାର ପ୍ରକାଶନ, ଅନୁମୋଦନ ଓ ବିତରଣ ସହ ଜଡ଼ିତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ହାଇଦରାବାଦ୍‌ରେ ୧୨୨ ଟନ୍ ଭେଜାଲ ଖାଦ୍ୟ ଜବତ



ହାଇଦରାବାଦ୍,୪।୭(ଏଜେନ୍ସି): ହାଇଦରାବାଦ୍ ସହରରେ ଭେଜାଲ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପୋଲିସ ଏକ ବଡ଼ ଧରଣର ଅଭିଯାନ ଚଳାଇଛି। ମାତ୍ର ୧୦୦ ଦିନ ମଧ୍ୟରେ ସ୍ୱତନ୍ତ୍ର ପୋଲିସ ଦଳ (ଏଚ୍-ଫାଷ୍ଟ) ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮୫ଟି ମାମଲା ରୁଜୁ କରିବା ସହ ପ୍ରାୟ ୧୨୨ ଟନ୍ ଅସୁରକ୍ଷିତ ଓ ନକଲି ଖାଦ୍ୟ ସାମଗ୍ରୀ ଜବତ କରିଛି। ଗତ ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ପୋଲିସ ଦଳ ମହାନଗର ନିଗମ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ସହ ମିଶି ସହରର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ଜବତ ହୋଇଥିବା ମୁଖ୍ୟ ସାମଗ୍ରୀଗୁଡ଼ିକ ହେଲା।୨୭ ଟନ୍ ଭେଜାଲ ଅଦା-ରସୁଣ ବଟା। ୨୫ ଟନ୍‌ରୁ ଅଧିକ କେମିକାଲ ଦ୍ୱାରା ପଚାଯାଇଥିବା ଫଳ। ୩୦ ଟନ୍‌ରୁ ଅଧିକ କୁକୁଡ଼ା ବର୍ଜ୍ୟବସ୍ତୁ ଏବଂ ୧୫ ଟନ୍ ନିମ୍ନମାନର ମାଂସ। ୪ ଟନ୍ ନକଲି ଖୋଆ, ୩.୯ ଟନ୍ ନକଲି ଚାହାର ଗୁଣ୍ଡ ଏବଂ ୧.୫ ଟନ୍ କୃତ୍ରିମ ପନୀର। ଏହା ବ୍ୟତୀତ ପ୍ରାୟ ୨୪୭ଟି ମାମଲାକୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ହାଇଦରାବାଦ୍ ପୋଲିସ କମିଶନରଙ୍କ କହିବା ଅନୁଯାୟୀ, ଖାଦ୍ୟରେ ଭେଜାଲ ମିଶାଇବା କୌଣସି ସାଧାରଣ ଅପରାଧ ନୁହେଁ, ବରଂ ଏହା ହତ୍ୟା ଉଦ୍ୟମ ସହ ସମାନ।

# ସାହାରା ମରୁଭୂମିକୁ ରୋକିବ ପ୍ରକୃତିର ମହାପ୍ରାଚୀର

ନୂଆଦିଲ୍ଲୀ,୪।୭(ଏଜେନ୍ସି):

ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏବଂ ମରୁଭୂମିର ସମ୍ପ୍ରସାରଣକୁ ରୋକିବା ପାଇଁ ଆଫ୍ରିକା ମହାଦେଶରେ ଏକ ଅଭୂତପୂର୍ବ ପରିବେଶ ଆନ୍ଦୋଳନ ଆରମ୍ଭ ହୋଇଛି। ଚୀନର ମହାପ୍ରାଚୀର ପରେ ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସବୁଜ ପ୍ରକଳ୍ପ ଭାବେ ଏକ ୮,୦୦୦ କିଲୋମିଟର ଦୀର୍ଘ 'ଗଛର ପ୍ରାଚୀର' ନିର୍ମାଣ କରାଯାଉଛି। ଆଟଲାଣ୍ଟିକ୍ ମହାସାଗର ଉପକୂଳର ସେନେଗାଲ୍‌ଠାରୁ ଆରମ୍ଭ କରି ଲୋହିତ ସାଗର କୂଳରେ ଥିବା ଜିବୁଟି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ନଷ୍ଟ ହୋଇଯାଇଥିବା ଜମିର ପୁନରୁଦ୍ଧାର କରିବା, ଜୀବିକା ଯୋଗାଇବା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କ୍ଷୁଧାରୁ ମୁକ୍ତି ଦେବା। ଏହି ଐତିହାସିକ ପ୍ରକଳ୍ପ ଆଫ୍ରିକୀୟ ସଂଘ ଦ୍ୱାରା ୨୦୦୭ ମସିହାରେ ଆରମ୍ଭ କରାଯାଇଥିଲା। ସାହାରା ମରୁଭୂମିର ସୀମାନ୍ତରେ ଥିବା ଅର୍ଦ୍ଧ-ଶୁଷ୍କ ଅଞ୍ଚଳ 'ସାହେଲ୍'କୁ ବଞ୍ଚାଇବା ପାଇଁ ଏହି ଯୋଜନା ପ୍ରସ୍ତୁତ ହୋଇଛି। ଗତ କେତେ ଦଶନ୍ଧି ହେବ ଏହି ଅଞ୍ଚଳ କ୍ରମାଗତ ମରୁଡ଼ି, ଜଳବାୟୁ ପରିବର୍ତ୍ତନ ଏବଂ ଭୂମିର ଉର୍ବରତା ହ୍ରାସ ପାଇବା ଯୋଗୁଁ ସଙ୍କଟ ଦେଇ ଗତି କରୁଥିଲା। ଏହା ଦ୍ୱାରା ସ୍ଥାନୀୟ କୃଷି ଓ ଗୋପାଳନ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ଏବଂ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥିଲେ। ପ୍ରାରମ୍ଭିକ ପରିକଳ୍ପନାରେ ଏହା କେବଳ ୧୫ କିଲୋମିଟର ଓସାରର ଏକ ସରଳ ଗଛର ଧାଡ଼ି ହେବାର ଥିଲା। ମାତ୍ର ପରବର୍ତ୍ତୀ ସମୟରେ ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ଅନୁଭବ କଲେ ଯେ କେବଳ ଗଛ ଲଗାଇବା ଅପେକ୍ଷା ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶର ସୁଧାର କରିବା ଅଧିକ ପ୍ରଭାବଶାଳୀ ହେବ। ତେଣୁ ବର୍ତ୍ତମାନ ଏହି ଅଭିଯାନରେ ସ୍ଥାନୀୟ ଜଳବାୟୁ ଅନୁଯାୟୀ ଜଙ୍ଗଲ, ତୃଣଭୂମି, ଆର୍ଦ୍ରଭୂମି ଏବଂ ଚାଷଜମିର ପୁନରୁଦ୍ଧାର କରାଯାଉଛି। ଫଳରେ ମାଟିର ଆର୍ଦ୍ରତା ବୃଦ୍ଧି ପାଉଛି ଏବଂ ଭୂତଳ ଜଳସ୍ତରରେ ସୁଧାର ଆସୁଛି। ଏହି ପ୍ରକଳ୍ପର କେତେକ ପ୍ରମୁଖ ଲକ୍ଷ୍ୟଗୁଡ଼ିକ ହେଉଛି, ୧୦୦ ନିୟୁତ ହେକ୍ଟର ନଷ୍ଟ ହୋଇଯାଇଥିବା ଭୂମିକୁ ପୁଣି ଉର୍ବର କରିବା। ବାୟୁମଣ୍ଡଳରୁ ୨୫୦ ନିୟୁତ ଟନ୍ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ଶୋଷଣ କରିବା। ଆଫ୍ରିକାର ସ୍ଥାନୀୟ ଅଞ୍ଚଳରେ ୧୦ ନିୟୁତ ସବୁଜ ରୋଜଗାର ସୃଷ୍ଟି କରିବା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ରୁ ଅଧିକ ଆଫ୍ରିକୀୟ ଦେଶ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଛନ୍ତି। ସେନେଗାଲ୍ ଏବଂ ଇଥିଓପିଆ ଭଳି ଦେଶଗୁଡ଼ିକ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ପ୍ରାୟ ୩୦ ନିୟୁତ ହେକ୍ଟର ଜମିକୁ ସବୁଜିମାରେ ପରିଣତ କରିସାରିଲେଣି। ଏହି ସବୁଜ ପ୍ରାଚୀର କେବଳ ଏକ ପରିବେଶ ପ୍ରକଳ୍ପ ନୁହେଁ, ବରଂ ଏହା ମାନବ ସମାଜ ଏବଂ ପ୍ରକୃତିର ମିଳନର ଏକ ମହାନ ପ୍ରତୀକ। ବିଭାଜନ ପାଇଁ ତିଆରି ହେଉଥିବା ଅନ୍ୟ ପ୍ରାଚୀରଗୁଡ଼ିକ ତୁଳନାରେ ଏହି ସବୁଜ ପ୍ରାଚୀର ସମାଜକୁ ଯୋଡ଼ିବା ଏବଂ ଜୀବନ ବଞ୍ଚାଇବା ପାଇଁ କାର୍ଯ୍ୟ କରୁଛି। ଆଫ୍ରିକାର ଏହି ସଫଳ ପ୍ରୟାସ ବିଶ୍ୱର ଅନ୍ୟାନ୍ୟ ମରୁଭୂମି ପ୍ରବଣ ଅଞ୍ଚଳ ପାଇଁ ଆଗାମୀ ଦିନରେ ଏକ ଅନନ୍ୟ ଉଦାହରଣ ଏବଂ ପ୍ରେରଣା ସାଜିବ।



**ଆଫ୍ରିକାରେ ୮,୦୦୦ କିଲୋମିଟରର 'ଗଛର କାନ୍ଥ'**

**୨୦ରୁ ଅଧିକ ଦେଶ ଏହି ଅଭିଯାନରେ ସାମିଲ୍**

Excellence is a habit @ VIKASH / Admission Open for 2026-27 Courses Offered: PG, UG & DIPLOMA
The Legacy of GOLD Continues ...
Aradhana Pradhan 9.62 CGPA | Sanskruti Hota 9.42 CGPA | N. Jhansi Rani 8.97 CGPA
BCA Final Sambalpur University Results 2026
BBA Final Sambalpur University Results 2026
+3 Final Sambalpur University Results 2026
MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm
Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com
94393 49333 / 82800 08111 / 92372 70045 / 94380 85817

**ଅଣସରରେ ଚାଲିଛି ଗୁପ୍ତ ସେବା**

# ମହାପ୍ରଭୁଙ୍କୁ ଲାଗିହେଲା ଫୁଲୁରୀ ତେଲ

ପୁରୀ,୪।୭(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହିସେବା କରୁଛନ୍ତି। ଶନିବାର ଦାରୁବିଗ୍ରହଙ୍କୁ ଲାଗି ହୋଇଛି ଫୁଲୁରୀ ତେଲ। ରବିବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରୀ ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲୁରୀ ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୭ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇଦେଇଥାଏ।

ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ।



ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ। ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ଶନିବାର ଅପରାହ୍ନରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲୁରୀ ତେଲକୁ ପତିମହାପାତ୍ର ସେବକ ତିନୋଟି ରୂପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।

ଫୁଲୁରୀ ତେଲ ଲାଗି ପରେ ପ୍ରଭୁଙ୍କ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଇଳା ଛଡାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲୁରୀ ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶ୍ରଥିବା ସମସ୍ତ ପ୍ରକାର ଫୁଲ ଏବଂ ଚେର ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

**ଡିଏନ୍‌ଏ ରିପୋର୍ଟ ଖୋଲିଲା ହତ୍ୟା ରହସ୍ୟ**

# ଗୁଣିଗାରେଡ଼ି ସନ୍ଦେହରେ ମାରି କୂଅରେ ଫିଙ୍ଗିଥିଲେ; ୩ ଗିରଫ

ବାରିପଦା/ଉଦଳା, ୪।୭(ସମିସ): ଡିଏନଏ ରିପୋର୍ଟ ଆସିବା ପରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ଅଢେଇ ବର୍ଷ ତଳେ ସଂଗଠିତ ଲୋମଟାଙ୍କୁରା ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇଛି। ଏ ଘଟଣାରେ ୩ଜ ଣଙ୍କୁ ଗିରଫ ମଧ୍ୟ କରାଯାଇଛି। ଫଳରେ ଅଜଣା ମୃତଦେହକୁ ଧରି ଅଢେଇ ବର୍ଷ ପରିଚୟ ପାଇଁ ଘାଣ୍ଟି ହୋଇ ଶେଷରେ ହତ୍ୟାକାରୀଙ୍କୁ

## ଅଢ଼େଇ ବର୍ଷ ପରେ ପର୍ଦ୍ଦାଫାସ୍ କଲା କ୍ରାଇମବ୍ରାଞ୍ଚ

ପୁଲିସ ଗିରଫ କରିଛି ନାଟକର ପରିସମାପ୍ତି ଘଟାଇଛି। ସୂଚନା ମୁତାବକ, ୨୦୨୩ ନଭେମ୍ବର ୮ ତାରିଖରେ ଉଦଳା ଥାନା ବହୁବନ୍ଧ ସୁରେଇସାହି କାଜୁ ଜଙ୍ଗଲର ଏକ ପରିତ୍ୟକ୍ତ କୂଅ ଭିତରୁ ବୋରା ଭିତରେ ଭର୍ତ୍ତି ପଥର ବନ୍ଧା ଥିବା ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ହେଲେ ମୃତକଙ୍କ ପରିଚୟ ପୁଲିସ ପାଇ ନ ଥିଲା। କେବଳ ଅଲଗା ଅଲଗା ଚପଲ ଘଟଣାସ୍ଥଳରୁ ପୁଲିସ ପାଇଥିଲା। ମୃତଦେହର ପରିଚୟ ନ ପାଇଥିବାବେଳେ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡ଼ିଥିଲା। ଘଟଣାର ୩ ମାସ ପରେ ଏହି ମୃତଦେହ ଉଦ୍ଧାର ଘଟଣା କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚ ମଧ୍ୟ ସବୁ ଦିଗରୁ ତଦନ୍ତ କରି ଥକି ପଡ଼ିଥିବାବେଳେ ଅଚାନକ ଗତ ଜୁନ ୧୭ ତାରିଖରେ ନିଖୋଜ ବାପାକୁ ଖୋଜିଖୋଜି ଥାନାରେ ପହଞ୍ଚିଥିଲେ ଶୁଖୁଆସାହି ଗ୍ରାମର ବିଶ୍ୱନାଥ ସିଂ। ସେତେବେଳେ ସେହି ଅଜଣା ମୃତଦେହ ପାଖରୁ ମିଳିଥିବା ଚପଲ ଦେଖି ତାହା ତାଙ୍କ ବାପା ଯୁବରାଜ ସିଂଙ୍କର ବୋଲି ଦାବି କରିଥିଲେ। ପରେ କ୍ରାଇମବ୍ରାଞ୍ଚ ତାଙ୍କ ଡିଏନଏ ନେଇ ପରୀକ୍ଷା କରାଇବା ପରେ ଶେଷରେ ସବୁ ରହସ୍ୟ ଖୋଲିଥିଲା। ଗୁଣି ଗାରେଡ଼ି ସନ୍ଦେହରୁ ଅତି ବୀଭତ୍ସ ଭାବେ ହତ୍ୟା କରାଯିବା ସହିତ ସବୁ ପ୍ରମାଣ ନଷ୍ଟ ଉଦ୍ୟମ କରାଯାଇଥିବା ଜଣାପଡିଛି। ଯୁବରାଜ ସିଂଙ୍କୁ ଗୁଣିଗାରେଡ଼ି ପାଇଁ ବଣସାହି ଗ୍ରାମର ସାନଗୌର ମୋହନ ସିଂ, ନରହରି ସିଂ ଓ ଜଣେ ନାବାଳକ ମିଶି ଅଢେଇ ବର୍ଷ ତଳୁ ବଡ଼ବିଲା ଗ୍ରାମ ହାଟକୁ ଡାକି ସେଠାରେ ଏକ ରଶି ସାହାଯ୍ୟ ତାଙ୍କ ବେକ ଚିପି ହତ୍ୟା କରିଥିଲେ। ହତ୍ୟା କରିବା ପରେ ତାଙ୍କୁ ନିକଟସ୍ଥ ଜଙ୍ଗଲରେ ରଖିଥିଲେ। ମଧ୍ୟାହ୍ନରେ ୨ଟି ବୋରାରେ ଭର୍ତ୍ତି କରି ସେଠାରୁ ଏକ ଗାଡ଼ିରେ ଲଦି ଉଦଳା ସୁରେଇସାହି କାଜୁ ଜଙ୍ଗଲକୁ ଆଣି ହତ୍ୟା କରିଥିବା ଦଉଡିକୁ ଉକ୍ତ ବୋରା ଉପରେ ବାନ୍ଧିବା ସହିତ ୫ଟି ପଥର ବାନ୍ଧି କୂଅରେ ପକାଇ ଦେଇଥିଲେ। ଘଟଣା ସମ୍ବନ୍ଧରେ ସମସ୍ତ ଦୋଷ ସ୍ୱୀକାର କରିବା ପରେ କ୍ରାଇମବ୍ରାଞ୍ଚ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

ବେଲଗୁଣ୍ଠା,୪।୭(ସମିସ): ଟ୍ରେନ୍‌ରୁ ଖସିପଡ଼ି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି।ଏମୃତକ ହେଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଉଡ଼ୁରା ପଞ୍ଚାୟତ ଅନ୍ତର୍ଗତ କୋକଲୁଣ୍ଡା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଆଲୋକ ବେହେରା (୨୫)। ସୁରେନ୍ଦ୍ର ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କର ସମସ୍ତ ପରିବାର ସଦସ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସୁରେନ୍ଦ୍ର ବହୁ ବର୍ଷ ହେବ ତାଳଚେରର ଏକ ରୋଟି କମ୍ପାନୀରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟକରୁଥିବା କରୁଥିବା ବେଳେ ସୁରେନ୍ଦ୍ରଙ୍କ ସାନ ପୁଅ ଆଲୋକ ଘରର ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁଁ ପ୍ରାଥମିକ ବିଦ୍ୟାଳୟରୁ ହିଁ ପାଠରେ ଡୋରି ବାନ୍ଧି ୮ ବର୍ଷ ତଳେ ନିଜ ସାଙ୍ଗ ସାଥିଙ୍କ ସହିତ ସୁରତ ଚାଲି ଯାଇଥିଲେ। ସେ ସୁରତରେ ୭ ବର୍ଷ କାମ କରିବା ପରେ ୮ ମାସ ତଳେ ମୁମ୍ବାଇରେ ଆସି କାମ କରୁଥିଲେ। ଗତ ୨୯ ତାରିଖ ଦିନ ସେ ତାଳଚେର ଆସିବା ପାଇଁ ମୁମ୍ବାଇରୁ ଟ୍ରେନ୍‌ରେ ଚଢ଼ିଥିଲେ। କିନ୍ତୁ ରାତି ୨ଟା ୩୦ ସମୟରେ ନାସିକ ପଖରେ ଆଲୋକ ଅସାବଧାନତା ବଶତଃ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ରେଳ ସୁରକ୍ଷା ବାହିନୀକୁ ଜଣାଇବା ପରେ ରେଲୱେ ପୋଲିସ ଆଲୋକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନାସିକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ନାସିକ ସିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଏକ ତାରିଖ ଦିନ ୧୨ ଘଣ୍ଟା ୨୦ ମିନିଟ୍ ସମୟରେ ଆଲୋକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଖବର ପାଇ ଆଲୋକଙ୍କ ଭାଇ ଏବଂ ଭିଣୋଇ ନାସିକରେ ପହଞ୍ଚିଥିଲେ। ଏକ ତାରିଖରେ ହିଁ ଆଲିକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଆଲୋକଙ୍କ ଶବକୁ ଗ୍ରାମକୁ ଆଣିବା ନିମନ୍ତେ ତାଙ୍କ ପରିବାର ଲୋକଙ୍କ ପକ୍ଷେ ଅର୍ଥର ଅଭାବ ଥିବାରୁ ସେମାନେ ନାସିକରେ ହିଁ ଶବ ସତ୍କାର କରିଦେଇଥିଲେ। ଫଳରେ ଆଲୋକଙ୍କ ବାପା, ମା ଏବଂ ଭଉଣୀ ତାଙ୍କର ଶେଷ ଦର୍ଶନ ମଧ୍ୟ କରିପାରି ନ ଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଉଡ଼ୁରା ସମିତି ସଭ୍ୟ ସୁଧାଂଶୁ ଶେଖର ପୋଲାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି।

**ଶେଷ ସମୟରେ ମୁହଁ ବି ଦେଖି ପାରିଲେନି ବାପା ମାଆ**



# ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୪।୭(ସମିସ): ଭାରତର ଉପରାଷ୍ଟ୍ରପତିଙ୍କ ଚଳିତ ଜୁଲାଇ ୯ ତାରିଖରେ ଓଡ଼ିଶା ଆସୁଛନ୍ତି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଉପରାଷ୍ଟ୍ରପତି ୯ ତାରିଖରେ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର)ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ**

# କଙ୍ଗାରୁ କୋର୍ଟରୁ ବାଦ୍ ପଡ଼ିନାହାନ୍ତି ପୂର୍ବ ସାମରିକ କର୍ମଚାରୀ

ବ୍ରହ୍ମପୁର,୪।୭(ସମିସ): ଡିଜିଟାଲ ଯୁଗରେ ବି କୁସଂସ୍କାରରୁ ବାଦ ପଡିନାହାନ୍ତି ପୂର୍ବ ସାମରିକ କର୍ମଚାରୀ ଓ ସେମାନଙ୍କ ପରିବାର। ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସାମାନ୍ୟତମ ମନାନ୍ତରକୁ ନେଇ ସମାଜରେ ନିଆଁ ପାଣକୁ ବନ୍ଦ କରି ସାମାଜିକ ବାସନ୍ଦ କରାଯାଉଛି। ଯାହାଫଳରେ ସମାଜରେ ବଞ୍ଚିବା ଦୁର୍ବିସହ ହୋଇପଡୁଛି। ଯାହା ଜଣେ ବ୍ୟକ୍ତିର ମାନବିକ ଅଧିକାରକୁ ଖୋଲାଖୋଲି ଉଲଂଘନ ମଧ୍ୟ କରୁଛି। ଏଭଳି କଳୁଷିତ ପ୍ରଥାକୁ କେହି ପସନ୍ଦ କରୁନଥିଲେ ହେଁ ସେମାନଙ୍କ ଉପରେ ପ୍ରତିବନ୍ଧକ ଲାଗିବାର ଆଶଙ୍କା କରି ଏହାର ପ୍ରତିବାଦରେ କେହି ମୁହଁ ଖୋଲିବାକୁ କେହି ସାହାସ ମଧ୍ୟ କରୁନାହାନ୍ତି। ଯାହାର ସୁଯୋଗ ନେଇ କିଛି ବ୍ୟକ୍ତିବିଶେଷ ସମାଜରେ ନିଜର ପତିଆରା ଜାହିର କରୁଛନ୍ତି। ଏହା ଏକ ମାନସିକ ନିର୍ଯାତନା ଛଡା ଆଉ କିଛି ନୁହେଁ। ଏଭଳି ନିର୍ଯାତନାରୁ ବାଦ ପଡୁନାହାନ୍ତି ଖୋଦ୍ ଆମ ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ତଥା ନିଜ ଜୀବନର ଅନେକ ସମୟ ଉତ୍ସର୍ଗୀକୃତ କରିଥିବା ପୂର୍ବ ସେନା କର୍ମଚାରୀ ଓ ସେମାନଙ୍କ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ପଞ୍ଚାୟତରେ। ଜଣେ ଜଣେ କରି ପର୍ଯ୍ୟାୟ କ୍ରମେ ୧୪ଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ବାସନ୍ଦ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୭ଜଣ ହେଉଛନ୍ତି ପୂର୍ବ ସେନା କର୍ମଚାରୀ। ନିଜ ଉପରେ ତଥା ସେମାନଙ୍କ ପରିବାର ଉପରେ ହେଉଥିବା ସାମାଜିକ ନିର୍ଯାତନାକୁ ନେଇ ସେମାନେ ପ୍ରତିବାଦ କରିବାରୁ କାହାର ବିଦ୍ୟୁତ୍ ତ କାହାର ପାନୀୟ ଜଳ ଯୋଗାଣକୁ ବିଚ୍ଛିନ୍ନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କ ଉପରେ ଆର୍ଥିକ ଜରିମାନା ସେପୁଣି ସର୍ବାଧିକ ଏକ ଲକ୍ଷ ପର୍ଯ୍ୟନ୍ତ କରାଯାଇଛି। ସାମାଜିକ ବାସନ୍ଦ ହୋଇଥିବା ପରିବାରର ସଦସ୍ୟଙ୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଅନ୍ୟମାନଙ୍କ ଉପରେ ୧୦ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ମଧ୍ୟ ଜାରି କରାଯାଇଛି। ସାମାଜିକ ବାସନ୍ଦର ଶିକାର ପରିବାର ସଦସ୍ୟଙ୍କୁ ଗ୍ରାମରେ ରହିବାରେ ନାନାଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି କଳୁଷିତ ପ୍ରଥାର ତଥା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଏକଛତ୍ରବାଦ ତଥା ତାଲିବାନୀ ଶାସନକୁ ବିରୋଧ କରି ନ୍ୟାୟ ପାଇଁ ଥାନା ଓ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେଉଁଠାରୁ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିବା ଦୂରେ ଥାଉ ସେମାନଙ୍କ ଅଭିଯୋଗକୁ କେହି ଶୁଣୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁହଁ ଖୋଲିବା ସହିତ ସେମାନଙ୍କର ମାନବିକ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ସେମାନେ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ସେମାନେ କହିଛନ୍ତି। ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକେ ସମାଜର ଅର୍ଥ ଆତ୍ମସାତ ବା ହଡପ କରିବାକୁ ମସୁଧା କରିବା ସହିତ ନିଜର ଆଧିପତ୍ୟ ଜାହିର କରିବାକୁ ଯାଇ ଏଭଳି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ସହିତ ସମାଜୋର ସେମାନଙ୍କୁ ନିଜ ପରିବାର ବର୍ଗଙ୍କ ସହିତ ବଞ୍ଚିବାର ସୁଯୋଗ ଦିଆନଗଲେ ଚରମ ନିଷ୍ପତ୍ତି ନେବାକୁ ସେମାନେ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



- ସାମାନ୍ୟ ମତାନ୍ତରରୁ ନିଆଁ ପାଣି ବାସନ୍ଦ ସହିତ ପଡୁଛି ଆର୍ଥିକ ଜରିମାନା
- ଭୟରେ ନାରାୟଣପୁର ଗାଁର ୧୪ପରିବାର, ମାନବିକ ଅଧିକାର ଉଲ୍ଲଂଘନ ଅଭିଯୋଗ

**ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶୈକ୍ଷିକ ସଙ୍କଟ**

# ୫୬୦୦ ପଦ ଫାଙ୍କା; ଅତିଥି ଶିକ୍ଷକ ନିଯୁକ୍ତି ହେଉନି


ଭୁବନେଶ୍ୱର, ୪।୭(ସମିସ): ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଶିକ୍ଷକମାନେ ଅବସର ନେବା ପରେ ନୂତନ ନିଯୁକ୍ତି ହେଉନାହିଁ। ଖାଲି ପଦରେ ଅତିଥି ଶିକ୍ଷକ ମଧ୍ୟ ଏବେଯାଏଁ ନିଯୁକ୍ତ ହୋଇନାହାନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଏପରି ଅବ୍ୟବସ୍ଥା ଲାଗି ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପ୍ରଭାବିତ ହେଉଛି। ରାଜ୍ୟରେ ୨୦୦୪ ରୁ ଏବେଯାଏଁ ଅନୁଦାନ ପାଇଥିବା ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସଂଖ୍ୟା ପ୍ରାୟଶୂନ୍ୟ ହୋଇଗଲାଣି। ପ୍ରତିମାସରେ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ସ୍ଥାନରେ ନୂତନ ନିଯୁକ୍ତି ବ୍ୟବସ୍ଥା ନାହିଁ। ଖାଲି ହୋଇଥିବା ପଦ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୫,୬୦୦ରୁ ଅଧିକ ହେଲାଣି। ଅଧିକାଂଶ ବିଦ୍ୟାଳୟ ଜଣେ ବା ଦୁଇଜଣ ଶିକ୍ଷକରେ ଚାଲୁଛି। ଏସବୁ ବିଦ୍ୟାଳୟରେ ନିୟମିତ ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ଏଣୁ ଏସବୁ ବିଦ୍ୟାଳୟରେ ପଢୁଥିବା ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ରାଜ୍ୟରେ ନୂତନ ଜାତୀୟ ଶିକ୍ଷା ନୀତି ଲାଗୁ କରିବାକୁ ସରକାର ତତ୍ପରତା ପ୍ରକାଶ କରିଥିଲେ ମଧ୍ୟ ଶିକ୍ଷକ ଅଭାବ ଦୂର କରିବାକୁ କୌଣସି ପଦକ୍ଷେପ ନେଇ ନାହାନ୍ତି। ଅତିଥି ଅଧ୍ୟାପକ ନିଯୁକ୍ତ କରି ପାଠପଢ଼ା ହେଉଥିଲେ ମଧ୍ୟ ଚଳିତବର୍ଷ ଏହା ବିଳମ୍ବ ହୋଇଛି। ଏଣୁ ଏସ୍‌ଏସ୍‌ବି ମାଧ୍ୟମରେ ସ୍ଥାୟୀ ଶିକ୍ଷକ ନିଯୁକ୍ତିର ବ୍ୟବସ୍ଥା କରିବା ସହ ଚଳିତବର୍ଷ ଅବିଳମ୍ବେ ଅତିଥି ଶିକ୍ଷକ ନିଯୁକ୍ତ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଦାବି କରିଛି। ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଶିକ୍ଷକ ଅଭାବରୁ ଭାଙ୍ଗିବାକୁ ବସିଥିବା ଏହି ବିଦ୍ୟାଳୟଗୁଡ଼ିକୁ ପୁନଃକ୍ଷମ କରିବାକୁ ସରକାର ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ନିଅନ୍ତୁ। ସରକାର +୩ ଏବଂ +୨ ରେ ଶିକ୍ଷାବର୍ଷ ଆରମ୍ଭରୁ ଅତିଥି ଅଧ୍ୟାପକ ନିଯୁକ୍ତି ଦେଇ ସାରିଥିବାବେଳେ ମାଧ୍ୟମିକ ବିଦ୍ୟାଳୟ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

**ବାରିପଦାରେ ସଡ଼କ ଦୁର୍ଘଟଣାରେ ୨ ମୃତ, ୯ ଆହତ ଘଟଣା**

# ଚିକିତ୍ସା ଅବହେଳାରୁ ଚାଲିଗଲା ଅମୂଲ୍ୟ ଜୀବନ: ବିଜେଡି

ବାରିପଦା, ୪।୭(ସମିସ): ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ କାଳ ସାଜିଛି। ଲୋକେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଜ୍ୱଳନ୍ତ ଚିତ୍ର ଶୁକ୍ରବାର ସନ୍ଧ୍ୟାରେ ବାରିପଦାରେ ଘଟିଥିବା ଦୁର୍ଘଟଣାରୁ ଦେଖିବାକୁ ମିଳିଛି। ଏହି ଦୁର୍ଘଟଣାରେ ୨ ଜଣ ମୃତ୍ୟୁବରଣ କରିଥିବାବେଳେ ୯ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକସ୍ଥ ଏସସିବି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ଜଣଙ୍କ ଅମୂଲ୍ୟ ଜୀବନ ହାନୀକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ ବିବୃତ୍ତିରେ କହିଥିଲେ ଯେ, ବିଜେପି ସରକାରର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟସେବା ନ ମିଳିବାରୁ ଏକ ଅମୂଲ୍ୟ ଜୀବନ ଚାଲିଗଲା। ବିଜେଡି ସରକାର ସମୟରେ ବାରିପଦାସ୍ଥ ରଙ୍ଗାମାଟିଆଠାରେ ନୂତନ ହସ୍ପିଟାଲ କ୍ୟାମ୍ପସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକୁ ଗତ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ପରନ୍ତୁ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ୨ ବର୍ଷ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ ନ କରି ସ୍ଥାନାନ୍ତର ବିଳମ୍ବ କରି ରଖିଥିଲା। ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ରଙ୍ଗ ମାରି ଲୋକ ଦେଖାଣିଆ ଭାବେ ଜୁନ ୧୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଉଦଘାଟନ କରିଥିଲେ।

ଡ. ମହାନ୍ତି ଆହୁରି କହିଥିଲେ ଯେ, ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ହସ୍ପିଟାଲରେ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଛି। ରୋଗ ନିରୂପଣ ଓ ଯାଞ୍ଚ ନିମନ୍ତେ ହସ୍ପିଟାଲରେ ସିଟି ସ୍କାନ, ଅଲଟ୍ରା ସାଉଣ୍ଡ ସମେତ ଅନ୍ୟାନ୍ୟ ଦରକାରୀ ମେସିନ ଉପଲବ୍ଧ ନାହିଁ। ରୋଗ ନିରୂପଣ ପାଇଁ ରଙ୍ଗମାଟିଆରୁ ପ୍ରାୟ ୫ କିମି ଦୂର ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ସେହିପରି ରକ୍ତଭଣ୍ଡାର ନ ଥିବାରୁ ଗୁରୁତର ରୋଗୀଙ୍କୁ ରକ୍ତ ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି। ଉକ୍ତ ସମସ୍ତ କାର୍ଯ୍ୟ ପାଇଁ ୨ରୁ ୩ ଘଣ୍ଟା ସମୟ ଲାଗୁଥିବାରୁ ଗତକାଲି ଦୁର୍ଘଟଣାରେ ଗୁରୁତର ଆହତଙ୍କୁ ସଠିକ୍ ଚିକିତ୍ସା ସୁବିଧା ନ ମିଳିବାରୁ ଜଣଙ୍କ ଜୀବନ ଚାଲିଗଲା। ମେଡିକାଲରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ସେହିପରି ସହରରୁ ଦୂରରେ ହସ୍ପିଟାଲ ଥିବାରୁ ଯୋଗାଯୋଗର କୌଣସି ବ୍ୟବସ୍ଥା ନାହିଁ। ଭଡ଼ା ଅଟୋ ଓ ଟ୍ୟାକ୍ସି ୩୦୦ରୁ ୫୦୦ ଟଙ୍କା ଦାବି କରୁଛନ୍ତି। ଅହଙ୍କାରୀ ବିଜେପି ସରକାର ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଉଦଘାଟନ କରି ବାହାବା ନେଉଛି। କେବଳ କାନ୍ଥରେ ରଙ୍ଗ ମାରିଦେଲେ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆସିବନି। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ ଆଗକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।



- ଗୁରୁତର ଅବସ୍ଥାରେ ୩ ଜଣ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର
- ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ମିଳୁନି ସ୍ୱାସ୍ଥ୍ୟସେବା
- ଅସମ୍ପୂର୍ଣ୍ଣ ହସ୍ପିଟାଲକୁ ଲୋକ ଦେଖାଣିଆ ଉଦ୍‌ଘାଟନ କରି ବାହାବା ନେଉଛି ବିଜେପି ସରକାର

# ଶିମିଳିପାଳ ରିସର୍ଟ ପ୍ରକଳ୍ପରୁ ହଟିଲା ହୋଟେଲ ସୋନାର ବାଂଲା

**ବନ ବିଭାଗ ସତ୍ୟପାଠରେ କହିଲା; ଆମେ କିଛି ଜାଣିନୁ, କୌଣସି ସ୍ଥଳ ପରିଦର୍ଶନରେ ଯୋଗ ଦେଇନାହୁଁ**

ବାରିପଦା,୪।୭(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଇକୋ-ସେନସିଟିଭ୍ ଜୋନ୍ (ଇଏସଜେଡ) ଭିତରେ ପ୍ରସ୍ତାବିତ ହୋଟେଲ ଓ ରିସର୍ଟ ପ୍ରକଳ୍ପ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚରେ ଚାଲୁଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଛି। ହୋଟେଲ ସୋନାର ବାଙ୍ଗଲା ତାହାର ସତ୍ୟପାଠରେ ପ୍ରକଳ୍ପରୁ ସମ୍ପୂର୍ଣ୍ଣ ହଟିବା ଘୋଷଣା କରିଛି। ସୋନାର ବାଙ୍ଗଲା ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ, ପ୍ରାରମ୍ଭରେ ଶାମାଖୁଣ୍ଟା ବ୍ଲକ୍ ଲକ୍ଷ୍ମୀପୋଷି ମୌଜାର ପ୍ରାୟ ୧୦୦ ଏକର ଜମିରେ ହସ୍‌ପିଟାଲିଟି ପ୍ରକଳ୍ପ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରାଯାଇଥିଲା ଓ କିଛି ପ୍ରାଥମିକ ପଦକ୍ଷେପ ନିଆଯାଇଥିଲା। ସ୍ଥାନ ପରିଦର୍ଶନ ମଧ୍ୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସ୍ଥାନ ପରିଦର୍ଶନ ଓ ବିଭିନ୍ନ ଦିଗର ସମୀକ୍ଷା ପରେ ପ୍ରକଳ୍ପ ଆଗକୁ ନେବାକୁ ନିଷ୍ପତ୍ତି ନିଆଯାଇନାହିଁ। ବର୍ତ୍ତମାନ ଉକ୍ତ ଜମି ସହ କୌଣସି ପ୍ରକାରର ସମ୍ପର୍କ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିସହିତ ମାମଲାରୁ ନିଜର ନାମ ବାଦ୍ ଦେବାକୁ ମଧ୍ୟ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ବାରିପଦା ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ଆଇନଜୀବୀ ସଚିଦାନନ୍ଦ ଆଚାର୍ଯ୍ୟଙ୍କ ସତ୍ୟପାଠରେ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଉପସ୍ଥାପିତ ହୋଇଛି। ସେ କହିଛନ୍ତି, ଡିଆଇପିଏ, ଆଇପିଆଇସିଓଏଲ କିମ୍ବା ହୋଟେଲ ସୋନାର ବାଙ୍ଗଲା ପକ୍ଷରୁ କଥିତ ସ୍ଥଳ ପରିଦର୍ଶନ ସମ୍ପର୍କରେ ବନ ବିଭାଗର କୌଣସି ଜ୍ଞାନ ନ ଥିଲା। ବନ ବିଭାଗକୁ ପରାମର୍ଶ କରାଯାଇ ନ ଥିଲା ଓ ଏଥିରେ ବନ ବିଭାଗର କୌଣସି ଭୂମିକା ନ ଥିଲା। ତାଙ୍କ ସତ୍ୟପାଠରେ ଉଲ୍ଲେଖ ଅଛି ଯେ, ଖାତା ନମ୍ବର ୧୨୩, ପ୍ଲଟ ନମ୍ବର ୧୩୮ (ପାହାଡ଼ କିସମ)ର ଜମି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ ଜୋନ୍ ସୀମା ଭିତରେ ଅଛି ଓ ବାଲଡିହା ରିଜର୍ଭ ଫରେଷ୍ଟରୁ ମାତ୍ର ୬୮୦ ମିଟର ଦୂରରେ ଅବସ୍ଥିତ। ଏହି ଜମି ପାଇଁ କୌଣସି ପ୍ରକାରର ବାଣିଜ୍ୟିକ ପ୍ରକଳ୍ପ ପାଇଁ କୌଣସି ଅନୁମତି ବା କ୍ଲିୟରାନ୍ସ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ପ୍ରକଳ୍ପ ନେଇ ପରିବେଶବିତଙ୍କ ଅଭିଯୋଗ ପରେ ଏନଜିଟି ଅନ୍ତରୀଣ ଆଦେଶ ଜାରି କରି ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆଇପିଏ, ଆଇପିଆଇସିଓଏଲ/ଡିଆଇପିଏ ଓ ହୋଟେଲ ସୋନାର ବାଙ୍ଗଲାକୁ ବିବାଦୀୟ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ବାରଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଏହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଆବେଦନକାରୀଙ୍କ ଆଇନଜୀବୀ ଆକାଶ ଶର୍ମା କହିଛନ୍ତି, ପ୍ରତିପକ୍ଷଙ୍କ ନିଜ ସତ୍ୟପାଠରୁ ସ୍ପଷ୍ଟ ଯେ, ଇକୋ-ସେନସିଟିଭ୍ ଜୋନ୍ ଭିତରେ ବାଣିଜ୍ୟିକ ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଥିଲା। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏନଜିଟିଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ। ବର୍ତ୍ତମାନ ମାମଲାଟି ଏନଜିଟିରେ ବିଚାରାଧୀନ ରହିଛି। ଏହି ଘଟଣା ଶିମିଳିପାଳ ପରି ସମ୍ବେଦନଶୀଳ ଇକୋ-ସେନସିଟିଭ୍ ଅଞ୍ଚଳରେ ପର୍ଯ୍ୟଟନ ଓ ବାଣିଜ୍ୟିକ ପ୍ରକଳ୍ପ ପାଇଁ ଥିବା କଡ଼ା ନିୟମ ଓ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ପୁନଃ ସ୍ମରଣ କରାଇଦେଇଛି।

ସକାଳ THE SAKALA



# ସାମାନ୍ୟ ବର୍ଷାରେ ମଧ୍ୟ ପଡ଼ା ପାଲଟୁଛି ପୋଖରୀ

**ସମ୍ବଲପୁର, ୪।୭ (ସମିସ)**

ବର୍ଷ ପରେ ବର୍ଷ ବିତୁଛି, କିନ୍ତୁ ବଦଳୁନି ସମ୍ବଲପୁର ସହରବାସୀଙ୍କ ଭାଗ୍ୟ। ସାମାନ୍ୟ କେଇବୁନ୍ଦା ବର୍ଷାହେଲେ ସମ୍ବଲପୁର ସହରର ଅବସ୍ଥା ବେହାଲ ହୋଇପଡୁଛି। ଅଞ୍ଚଳବାସୀଙ୍କ ଦୈନନ୍ଦିନ ଜୀବନର ଏକ ଅତି ପରିଚିତ ତଥା ପୀଡ଼ାଦାୟକ ବାସ୍ତବତା ପାଲଟିଯାଇଛି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ଥିତି ପରଖାଯାଏ, ବଡ଼ ବଡ଼ ସମୀକ୍ଷା ବୈଠକ ବସେ, ଏବଂ ନାଳ ସଫେଇର ଲମ୍ବା ଚଉଡ଼ା ଦାବି କରାଯାଏ। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ସମସ୍ୟା ସେଇଠି ଠିଆ ହୋଇଛି ଯେଉଁଠି ବର୍ଷବର୍ଷ ଧରି ରହିଆସିଛି।

## ପ୍ରତିବର୍ଷ ସମୀକ୍ଷା ହେଉଛି; ସମାଧାନ ହେଉନି

## ଏବେଠୁ ଏତେ; ଆଗକୁ ବଢ଼ିବ ସମସ୍ୟା

ସ୍ୱଳ୍ପ ବର୍ଷା ହେଲେ ମଧ୍ୟ ସହରର ପ୍ରମୁଖ ରାସ୍ତା ଓ ଆବାସିକ ଅଞ୍ଚଳଗୁଡିକ ଜଳାର୍ଣ୍ଣବ ହୋଇପଡୁଛି। ତଳି ଅଞ୍ଚଳର ପଡ଼ା ଗୁଡିକରେ ଜଳଭରି ରହୁଛି। ଡ୍ରେନ ପାଣି ଘର ଭିତରକୁ ପସୁଛି। ଏପରକି ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ଅନେକ ସମୟରେ ଲୋକଙ୍କ ଘର ଭିତରକୁ ନାଳର ଦୂଷିତ ପାଣି ପଶିଯାଉଛି, ଯାହାଫଳରେ ଲୋକେ ଘରୁ ବାହାରିବା ମଧ୍ୟ ମୁସ୍କିଲ ହୋଇପଡୁଛି। ରାସ୍ତାରେ ପାଣି ଜମି ରହିବା କାରଣରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଛୋଟବଡ଼ ଦୁର୍ଘଟଣା ଏବେ ନିତିଦିନିଆ ଘଟଣା ସଦୃଶ ହେଲାଣି। ସମ୍ବଲପୁରର ଏହି ଦୟନୀୟ ସ୍ଥିତି ପାଇଁ ଦୁର୍ବଳ ଓ ଅବ୍ୟବସ୍ଥିତ ଡ୍ରେନେଜ୍ ବ୍ୟବସ୍ଥା ହିଁ ମୁଖ୍ୟତଃ ଦାୟୀ। ସହରର ବଡ଼ ନାଳଗୁଡ଼ିକର ନିୟମିତ ଓ ସଠିକ୍ ସଫେଇ କରାଯାଉ ନାହିଁ। ଅନେକ ସ୍ଥାନରେ ଜବରଦଖଲ ଯୋଗୁଁ ନାଳଗୁଡ଼ିକ ସଂକୁଚିତ ହୋଇଯାଇଛି, ଯାହା ଦ୍ୱାରା ବର୍ଷା ପାଣି ଶୀଘ୍ର ନିଷ୍କାସିତ ହୋଇପାରୁ ନାହିଁ। ବର୍ଷା ଦିନ ପୂର୍ବରୁ ଯେଉଁ ପ୍ରାକ୍-ମୌସୁମୀ ପ୍ରସ୍ତୁତି କରାଯିବା କଥା, ତାହା କେବଳ କାଗଜପତ୍ରରେ ସୀମିତ ରହିଯାଉଥିବା ପରି ମନେହେଉଛି। ପ୍ରତିବର୍ଷ ମହାନଗର ନିଗମର କର୍ମକର୍ତ୍ତା ଓ ଜିଲ୍ଲା ପ୍ରଶାସନ ସ୍ଥିତିର ଅନୁଧ୍ୟାନ କରନ୍ତି, ପରିଦର୍ଶନରେ ଯାଆନ୍ତି ଏବଂ ଲୋକଙ୍କୁ ସ୍ଥାୟୀ ସମାଧାନର ଆଶ୍ୱାସନା ଦିଅନ୍ତି। ମାତ୍ର ବର୍ଷା ଋତୁ ଶେଷ ହେବା ମାତ୍ରେ ସବୁ ପ୍ରତିଶ୍ରୁତି ଥଣ୍ଡା ବାକ୍ସକୁ ଚାଲିଯାଏ। ପରବର୍ତ୍ତୀ ବର୍ଷ ପୁଣି ସେହି ସମାନ ଦୁର୍ଦ୍ଦଶା ସହରବାସୀଙ୍କୁ ଭୋଗିବାକୁ ପଡ଼େ। ପ୍ରଶାସନର ଏଭଳି ଚିରାଚରିତ ଉଦାସୀନ ମନୋଭାବ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ ମାଷ୍ଟରପ୍ଲାନ ଓ ଡିପିଆର ପ୍ରସ୍ତୁତି ହୋଇଛି। ସମ୍ବଲପୁର ବୁର୍ଲା ଓ ହୀରାକୁଦ ଅଞ୍ଚଳରେ ସର୍ଭେ ମଧ୍ୟ ହୋଇଛି। କିନ୍ତୁ ସମସ୍ତ ଡ୍ରେନର ସ୍ଥିତ ଅତି ଦୟନୀୟ ଅବସ୍ଥାରେ ରହିଥିବା ଅଭିଯୋଗ ହେଉଛି। ଗୋପାଳମାଳ ଅଞ୍ଚଳର ଜଣେ ମହିଳା କହିଛନ୍ତି, ଆମେ କେଉଁ ଅଭିଶାପରେ ବଞ୍ଚୁଛୁ ଜାଣିପାରୁନୁ। ଟିକିଏ ବର୍ଷା ହେଲେ ଛାନିଆ ଲାଗୁଛି। ପିଲାମାନେ ସ୍କୁଲ ଯାଇପାରୁ ନାହାନ୍ତି, ବୃଦ୍ଧବୃଦ୍ଧାମାନେ ଘରୁ ବାହାରି ପାରୁନାହାନ୍ତି। ପ୍ରଶାସନ କେବଳ ଆସୁଛି, ଦେଖୁଛି, କିନ୍ତୁ କିଛି କରୁନାହିଁ। ଜୁଲାଇ ମାସ ଆରମ୍ଭ ହେଉଛି ଏବେ ସମ୍ବଲପୁର ସହରରେ ଲଘୁଚାପ ଯୋଗୁଁ ବର୍ଷା ହେଉଛି। ଏବେଠୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହି। ଆଉ କିଛି ଦିନ ପରେ ବର୍ଷାର ପରିମାଣ ବୃଦ୍ଧି ହେବେ, ସେତେବେଳେ ଏହି ସମସ୍ୟା ବଢ଼ିବାରେ ବୋଲି ଆଶଙ୍କା କରାଯାଇଛି। ତେଣୁ ପ୍ରଶାସନ ଓ ମହାନଗର ନିଗମ ଏ ସମ୍ପର୍କରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



### ଏସ୍ଏମ୍ସି ଜାରି କଲା ହେଲ୍ପଲାଇନ୍ ନମ୍ବର

ସହରରେ ବର୍ଷା ଜନିତ ସମସ୍ୟା ଏବଂ ଜଳବନ୍ଦୀ ସ୍ଥିତିର ତୁରନ୍ତ ପ୍ରତିକାର ପାଇଁ ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) ପକ୍ଷରୁ ଏକ ୨୪ ଘଣ୍ଟିଆ ଗ୍ରୀଭାନ୍ସ ସେଲ୍ଫ ଏବଂ ଜରୁରୀକାଳୀନ ହେଲ୍ପଲାଇନ୍ କାର୍ଯ୍ୟକ୍ଷମ କରାଯାଇଛି। ସହରବାସୀ ଯେକୌଣସି ସମୟରେ ନିଜର ଅଭିଯୋଗ ଓ ସମସ୍ୟା ଜଣାଇପାରିବେ ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୬୭୯୧, ୮୪୮୦୨୮୬୫୯୨, ୮୪୮୦୨୮୬୬୭୩, ୮୪୮୦୨୮୬୪୦୮ରେ କଲ କରି ପାରିବେ। ହ୍ୱାଟସ୍ଆପ୍‌ରେ ୭୬୫୫୮୫୨୪୫୫, ୮୪୮୦୨୮୬୪୦୮ ଅଭିଯୋଗ କରି ପାରିବେ। ବର୍ଷା ସମୟରେ ସୁରକ୍ଷିତ ରହିବା, ସତର୍କ ରହିବା ଏବଂ ପ୍ରଶାସନ ସହ ସୂଚନା ଆଦାନପ୍ରଦାନ କରି ପ୍ରସ୍ତୁତ ରହିବାକୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି। ସାମାନ୍ୟବର୍ଷାରେ ସହରର ବିଭିନ୍ନ ପଡ଼ାରେ ପାଣି ଜମୁଥିବାବେଳେ ପ୍ରଶାସନର ଏହି ପଦକ୍ଷେପ ଲୋକଙ୍କୁ କେତେଦୂର ତୁରନ୍ତ ସହାୟତା ଯୋଗାଇପାରୁଛି, ତାହା ଦେଖିବାକୁ ବାକି ରହିଲା।

# ମହିଳାଙ୍କୁ ନ୍ୟାୟ ପାଇଁ ଏଡିଏମ୍‌ଙ୍କୁ ଦାବିପତ୍ର



**ସମ୍ବଲପୁର, ୪।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡ଼ିଘାଟ ପଞ୍ଚାୟତ ଅଧୀନ ଘୁଷୁରାମୁଣ୍ଡାର ଅଙ୍ଗନବାଡ଼ି କେନ୍ଦ୍ରରେ ପାଚିକା ଭାବରେ ନିଯୁକ୍ତ ପୂର୍ଣ୍ଣ୍ୟ ହରିପାଲ ଦଳିତ ଗଣ୍ଡା ସମ୍ପ୍ରଦାୟର ହୋଇଥିବାରୁ ଆଦିବାସୀ ସମ୍ପ୍ରଦାୟର ଲୋକେ ଏହାକୁ ବିରୋଧ କରିଥିଲେ। ଗଣ୍ଡା ସମ୍ପ୍ରଦାୟର ପାଚିକା ପ୍ରସ୍ତୁତ ଖାଦ୍ୟ ଗ୍ରହଣ କଲେ ପିଲାମାନଙ୍କ ଜାତି ଚାଲିଯିବ ଯାହା ଆଦିବାସୀ ସମାଜର ଲୋକଙ୍କ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ସେଥିପାଇଁ ସେମାନେ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଜିଲ୍ଲା ପ୍ରଶାସନ ଏବଂ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ ପୂର୍ଣ୍ଣ୍ୟ ହରିପାଲଙ୍କ ବଦଳରେ ମାତୃଶକ୍ତି ସମିତିକୁ ପାଚିକା ଭାବରେ ନିଯୁକ୍ତ କରାଯାଇଛି। ଦଳିତମାନଙ୍କ ପ୍ରତି ଏଭଳି ମନୋଭାବ ଆଦୌ ଶୋଭନୀୟ ନୁହେଁ ଯାହା ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହିତ ସମାନତା ଅଧିକାରକୁ ହତ୍ୟା କରୁଛି। ଦଳିତ ମହିଳାଙ୍କ ପ୍ରତି ଅପମାନ ଘୋର ନିନ୍ଦନୀୟ ଯାହାକୁ ଦଳିତ ସମାଜ ତୀବ୍ର ବିରୋଧ କରିବା ସହ ଏହାର ପ୍ରତିବାଦ ନିମନ୍ତେ ଅଣ୍ଟା ଭିଡ଼ିଛି। ଏହି ପରିପ୍ରେକ୍ଷୀରେ ଡ. ବି.ଆର୍ ଆମ୍ବେଦକର ସୋସିଆଲ ୱେଲଫେଆର ଫେଡେରେସନ ଏବଂ ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଂଘ ସମ୍ବଲପୁରର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଫେଡେରେସନର ସଭାପତି ଦ୍ୱିତୀୟା ଗର୍ଡ଼ିଆ, କାର୍ଯ୍ୟକାରୀ ସଭାପତି ବରୁଣ ସୁନା, ସହାୟକ ସଭାପତି ଗଣେଶ ହରିପାଲ ଏବଂ ଆଇନଜୀବୀ ଶ୍ୟାମ ଗର୍ଡ଼ିଆ ତଥା ମହିଳା ସଂଘର ସଭାପତି ଅନୁପମା ନାଗ, ଉପସଭାପତି ରଞ୍ଜୁ ଭୋସାଗର, ସମ୍ପାଦକ ବନୀତା ବାଗ, ସହ ସମ୍ପାଦକ ସପ୍ନା ମନ୍ଦୋଦରୀ, କୋଷାଧ୍ୟକ୍ଷ ସୁନୀତା ନାଗ ଏବଂ ସଦସ୍ୟା ସସ୍ମିତା ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣ୍ୟ ହରିପାଲଂକୁ ପୁନଃନିଯୁକ୍ତି ଏବଂ ପ୍ରାପ୍ୟ ପ୍ରଦାନ ସହ ଜାତିବାଦକୁ ପ୍ରୋତ୍ସାହିତ କରୁଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଟିଏମ୍ ଦାବି

**ସମ୍ବଲପୁର, ୪।୭ (ସମିସ):** ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍) ପରିସରରେ ଏକ ଏଟିଏମ୍ ସ୍ଥାପନ କରିବା ପାଇଁ ଅଧିକାର ଅନୁଷ୍ଠାନ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଧିକାରର ଅନୁଷ୍ଠାନର ସଂଯୋଜକ ଗିରିଧାରୀ ଖୁରା କହିଛନ୍ତି ଯେ, ଡିଏଚ୍ଏଚକୁ ପ୍ରତିଦିନ ହଜାରହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ମାତ୍ର ଚିକିତ୍ସାଳୟ ପରିସରରେ କୌଣସି ଏଟିଏମ୍ ବ୍ୟବସ୍ଥା ନ ଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଟଙ୍କା ଉଠାଇବା ପାଇଁ ରୋଗୀଙ୍କ ପରିଜନମାନଙ୍କୁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରୋଗଶଯ୍ୟାରେ ରୋଗୀଙ୍କୁ ଏକାକୀ ଛାଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ରୋଗୀ ପରିଜନମାନେ ଚିକିତ୍ସାଳୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଏକ ଏଟିଏମ୍ ସ୍ଥାପନ କରିବାକୁ ଅଧିକାର ଅନୁଷ୍ଠାନର ସଂଯୋଜକ ଖୁରା ଦାବି କରିଛନ୍ତି।

# ମଦ କାରବାରରେ ଜଣେ ଗିରଫ

**ଜମନକିରା, ୪।୭ (ସମିସ):** ସମ୍ବଲପୁର ଜିଲ୍ଲା ଜମନକିରାରେ ମଦ କାରବାର ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ରାଧାକୃଷ୍ଣ ପଡ଼ାର ଗଣେଶ ସାହୁ (୪୮)। ପୁଲିସ ତା’ ଘରେ ଘରେ ଚଢଉ କରି ବହୁ ପରିମାଣର ଚୋରା ମଦ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ଛାତ୍ରଛାତ୍ରୀ ପାଳିଲେ ବନ ମହୋତ୍ସବ

**ଜମନକିରା, ୪।୭ (ସମିସ):** ଭୋଜପୁର ସରକାରୀ ଏସଏସଡ଼ି ଉଚ୍ଚ ବିଦ୍ୟାଳୟଠାରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୋଜପୁର ଫରେଷ୍ଟ ରେଞ୍ଜର ଫରେଷ୍ଟର ହେମନ୍ତ ମିଶ୍ର, ଦେବାଶିଷ ନାୟକ, ଭାରତୀ ସେଠି, ରିନା ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚାରା ରୋପଣର ଉପକାରିତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା ସଭାପତିତ୍ୱ କରିଥିଲେ। ଚକ୍ରଧର ମାଝୀ ସଭା ପରିଚାଳନା କରିଥିଲେ। ଆଦିତ୍ୟ ପ୍ରଧାନ, ସୁଶାନ୍ତ ଚୌଧୁରୀ, ସୁଜାତା ତ୍ରିପାଠୀ, ସଞ୍ଜୁଲତା ବାଘ, ପୂଜାରାଣୀ ପଟେଲ, ପଙ୍କଜିନୀ ବାରିକ, ଅମୀୟ ନାୟକ, ସୁଧୀର ଛତ୍ରିଆ, ଶାନ୍ତନୁ ରାଉଦିଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଚାରା ରୋପଣ କରିଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରାୟ ୧୦୦ରୁ ଅଧିକ ଚାରା ରୋପଣ କରିଥିଲେ।



**କୁଚିଣ୍ଡା:** କୁଚିଣ୍ଡା ବ୍ଲକ ବଡ଼ମୁଣ୍ଡାଲୋଇ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବନ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ପରିବେଶ ସଚେତନତା ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୁନିଲାଲ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଶିକ୍ଷକ ବୀରେନ୍ଦ୍ର ପଟେଲ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ କରୁଣାକର କିସାନ, ସମ୍ମାନିତ ଅତିଥି ଭାବେ ଭାଗୀରଥି ମହାନନ୍ଦ, ଶୁଭ୍ରଜିତ ଚୌଧୁରୀ, ପଙ୍କଜ ସ୍ୱାଇଁ ଏବଂ ବନରକ୍ଷୀ ସୌମ୍ୟକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରୋହିତ ସାହୁ, ସୌମ୍ୟ ସାହୁ, ଶିକ୍ଷୟତ୍ରୀ ରୀନାବତୀ ବର, ସାଲିମା ଚୌଧୁରୀ ଓ ଶୁଭଶ୍ରୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ସମ୍ବଲପୁରୀ ସଂସ୍କୃତି ପ୍ରଚାରରେ ଗୁରୁ ଭଗବାନ ସାହୁଙ୍କ ଭୂମିକା ଅତୁଳନୀୟ



**ସମ୍ବଲପୁର, ୪।୭ (ସମିସ):** ସାମାଜିକ ସଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ଶନିବାର ସମ୍ବଲପୁରୀ ଭାଷା, ସଂସ୍କୃତି ଏବଂ ନାଟକର ପ୍ରଚାରକ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜନ୍ମଦିନ ପାଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଠାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଗୁରୁ ଭଗବାନ ସାହୁଙ୍କ ସମ୍ବଲପୁରୀ ସଂସ୍କୃତିର ପ୍ରଚାରପ୍ରସାର ଦିଗରେ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ନୂଆଁଖାଇକୁ ଗୋଟିଏ ଦିନରେ ପାଳନ କରିବା ଦିଗରେ ଭଗବାନ ସାହୁଙ୍କର ଅତୁଳନୀୟ ଅବଦାନ ସହ ବୀର ସୁରେନ୍ଦ୍ର ସାଏଙ୍କ ସଂଘର୍ଷ ବିଷୟରେ ଗବେଷଣା କରି ତାଙ୍କର ସଂଘର୍ଷକୁ ଲୋକ ଲୋଚନକୁ ଆଣିବା ଦିଗରେ ତାଙ୍କର ପ୍ରମୁଖ ଭୁମିକା ବିଷୟରେ ପଙ୍କଜିନୀ ମେହେର ଆଲୋଚନା କରିଥିଲେ। ସମ୍ବଲପୁରୀ ନାଟକ ଏବଂ ଶବ୍ଦ ନୃତ୍ୟର ପ୍ରଚାର ପ୍ରସାର ଦିଗରେ ସେ ସାରା ଜୀବନ ଚେଷ୍ଟା କରିଥିଲେ ବୋଲି ଗୁରୁ ରଞ୍ଜିତ ସାହୁ କହିଥିଲେ। ଏହି ଅବସରରେ ଶୋଭାଙ୍ଗିନୀ ପଟେଲ କହିଥିଲେ ଗୁରୁ ଭଗବାନ ସାହୁଙ୍କ ପ୍ରଚେଷ୍ଟା ଯୋଗୁଁ ପଶ୍ଚିମ ଓଡ଼ିଶା ସହ ଛତିଶଗଡ଼ରେ ମଧ୍ୟ ଗୋଟିଏ ଦିନରେ ନୂଆଁଖାଇ ସମ୍ଭବ ହୋଇପାରିଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଗୁରୁ ଭଗବାନ ସାହୁଙ୍କୁ ଫଟୋ ଚିତ୍ର ସହ ତାଙ୍କର ଅବଦାନ ସମ୍ପର୍କରେ ଅବଗତ କରିବା ପାଇଁ ବ୍ୟବସ୍ଥା କରାଯିବା ନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଏହି ଅବସରରେ ସୁଚନା ଦିଆଯାଇଥିଲା।

**ସମ୍ବଲପୁରଗୁରୁ ଭଗବାନ ସାହୁଙ୍କର ଜନ୍ମଦିନ ପାଳିତ**

ଏହି କାର୍ଯ୍ୟକ୍ରମକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗ ପରିବାରର ସୁବୋଧ ଦୋରା, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, ଅମନ ଚିରଗୁନ, ଶଙ୍କର ମେହେର, ପ୍ରଥମ ପଣ୍ଡା, ବିରଞ୍ଚି ନାରାୟଣ ନାୟକ, ଗୋପବନ୍ଧୁ ସେନାପତି, ପ୍ରେମ ସାହାଣୀ, ସୁଭମ ସାହୁ, ହିମାଂଶୁ ସାହୁ, ସୁବ୍ରତ ପ୍ରଧାନ, ଅଭିଲାଷ ରାଉତ, ପ୍ରାସିସ ପଣ୍ଡା, ପଙ୍କଜିନୀ ମେହେର, ରୀତା ସ୍ୱାଇଁ, ଲଳିତା ଭୋଇ, ଦୀପା ରାଉତ, ସନ୍ଧ୍ୟା ସୁନା, ଭାରତୀ ସମାଜର ସଦସ୍ୟ, ନିଃଶୁଳ୍କ ସମ୍ବଲପୁରୀ ନୃତ୍ୟ ପ୍ରଶିକ୍ଷାର୍ଥୀ ଏବଂ କିକ୍ ବକ୍ସିଂ ଆସୋସିଏସନ୍ ସମ୍ବଲପୁରର ପ୍ରଶିକ୍ଷାର୍ଥୀ ମାନେ ଉପସ୍ଥିତ ଥିଲେ।

# କିଲାସମା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



**ସମ୍ବଲପୁର, ୪।୭ (ସମିସ) :** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ, କିଲାସମା ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଞ୍ଜାମାଲରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସେଠଙ୍କ ଅଧ୍ୟକ୍ଷତାରେ ବନମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲି। ରେଙ୍ଗାଲି ରେଞ୍ଜ ଅଧୀନ ଭାଲୁବାହାଲ ବିଟ ଏବଂ ପରଦେଶୀପାଲି ବିଟର ବନରକ୍ଷୀ ପ୍ରୀତିମୟୀ ବେହେରା ଏବଂ ସୁଶ୍ରୀ ଝରଣା କିଷାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ଏବଂ ଇକୋ କ୍ଲବର ଛାତ୍ରଛାତ୍ରୀ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶ୍ରୀମତୀ ସେଠ ଚଳିତ ବର୍ଷର ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରି ପରିବେଶ ସୁରକ୍ଷା ପାଇଁ ଗଛର ମହତ୍ତ୍ୱକୁ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ଏହା ସହିତ ଚଳିତ ବର୍ଷର ବିଷୟ; ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀର ଆରୋଗ୍ୟ ବିଷୟକୁ ବୁଝାଇଥିଲେ। ଆମେ ଯାହା ଗଛ ଲଗାଉଛୁ ତାହାକୁ କିପରି ବଞ୍ଚାଇ ରଖିବା ଏବଂ ଆଗରୁ ଲାଗାଯାଇଥିବା ଗଛ ଗୁଡିକର କିପରି ଯତ୍ନ ନେବାର ବ୍ୟବସ୍ଥା କରିବା ପାଇଁ ପ୍ରତ୍ୟେକ ଗଛକୁ ଜଣେ ଛାତ୍ର/ଛାତ୍ରୀ ପୋଷ୍ୟ ଗଛ ଭାବରେ ଗ୍ରହଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଖେଳ ପଡ଼ିଆ ପାଚେରୀ ପାଖରେ ପ୍ରତ୍ୟେକ ପିଲାଙ୍କ ଦ୍ୱାରା ଗୋଟିଏ ଲେଖାଏଁ ବଉଳ ଚାରା, କୃଷ୍ଣଚୂଡ଼ା ଏବଂ ବିଭିନ୍ନ ଫଳଗଛର ଚାରା ସର୍ବମୋଟ ୧୦୦ଟି ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ରେଡ଼କ୍ରସ ସଂଯୋଜକ ଡ. ସୁଧାଂଶୁ ଭୂଷଣ ଷଣ୍ଢ ଏବଂ ଇକୋ କ୍ଲବ୍ ସଂଯୋଜିକା ସୁକଲ୍ୟାଣୀ ବାରିକଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ସାହୁ, ବିକାଶ ସାହୁ, ଧୃତିବଲ୍ଲଭ ମେହେର, ବିଦ୍ୟାବତୀ ବିଶ୍ୱାଳ, ସୁଭାଷ ପ୍ରଧାନ, ଋତୁପର୍ଣ୍ଣା ରଣା, ରାକା ପଶାୟତ, ପ୍ରଜ୍ଞାନସିନୀ ପଧାନ, ଶ୍ରୀକାନ୍ତ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।

# ରାଇସ୍ ମିଲ୍ ମାମଲାରେ ଘାଣ୍ଟି ହେଉଛନ୍ତି ପରିବାର

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଡିଏସ୍‌ପିସ୍ତରରେ ତଦନ୍ତ ହେବ

**ସମ୍ବଲପୁର, ୪।୭ (ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ ଭଣ୍ଡାରିମାଲରେ ଥିବା ଏକ ରାଇସ୍ ମିଲ୍‌ର ବିବାଦ ଦିନକୁ ଦିନ ତେଜିବାର ଲାଗିଛି। ଏହି ଘଟଣାକୁ ନେଇ ପ୍ରାୟ ଦେଢ଼ ଦଶନ୍ଧି ଧରି ବ୍ୟାଙ୍କଋଣ, ଧାନ ସଂଗ୍ରହ, ଡିଆରଟି, ଓପିଡିଆର ଏବଂ ଏକାଧିକ ଅପରାଧିକ ମାମଲାକୁ କେନ୍ଦ୍ରକରି ଚାଲିଆସୁଥିବା ବହୁଚର୍ଚ୍ଚିତ ବିବାଦର ଉଚ୍ଚସ୍ତରୀୟ ଓ ନିରପେକ୍ଷ ନ୍ୟାୟିକ ତଦନ୍ତ ଦାବି ଉଠିଲାଣି। ସମ୍ବଲପୁରର ଏକ ପରିବାର ଏହି ଘଟଣାରେ ଘାଣ୍ଟି ହୋଇ ଏବେ ଅଭିଯୋଗ ଆଣିଛନ୍ତି। ସମଗ୍ର ଘଟଣାରେ ସରକାରୀ ଓ ବ୍ୟାଙ୍କ ସମ୍ପର୍କିତ ପ୍ରାୟ ୬ରୁ ୭ କୋଟି ଟଙ୍କାର ଆର୍ଥିକ ଅନିୟମିତତା ଘଟିଥାଇପାରେ ବୋଲି ସେମାନେ ଅନୁମାନ କରୁଥିବା ଅଭିଯୋଗ କରିଛନ୍ତି। ଯାହାର ସତ୍ୟତା ଉନ୍ମୋଚନ ପାଇଁ ସ୍ୱାଧୀନ ଭାବେ ତଦନ୍ତ ଆବଶ୍ୟକତା ରହିଛି। ପରିବାରର ଅଭିଯୋଗ ଅନୁଯାୟୀ, ୨୦୦୬ ମସିହାରେ ଏକ ବ୍ୟାଙ୍କର ସମ୍ବଲପୁର ଶାଖା ପକ୍ଷରୁ ପ୍ରାୟ ୨ କୋଟି ଟଙ୍କାର କ୍ୟାଶ କ୍ରେଡିଟ୍ ସୁବିଧା ପ୍ରଦାନ କରାଯାଇଥିଲା ଏବଂ ପ୍ରତିବର୍ଷ ଏହାର ନବୀକରଣ ହେଉଥିଲା। ଋଣ ବିରୋଧରେ ଦର୍ଶାଯାଇଥିବା ଧାନ ମହଜୁତ ଓ ଷ୍ଟକ୍ ସମ୍ପର୍କରେ ଗୁରୁତର ଅସଙ୍ଗତି ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଚାଷୀଙ୍କଠାରୁ ଧାନ କ୍ରୟ ନାମରେ ପ୍ରାୟ ୪ କୋଟି ଟଙ୍କାର ଧାନ ଆତ୍ମସାତ୍ ହୋଇଥିବାର ସନ୍ଦେହ ରହିଛି। ଜାଲି କ୍ରୟ ପ୍ରମାଣପତ୍ର ବ୍ୟବହାର କରାଯିବା ସହ ରାଇସ ମିଲର ପ୍ରକୃତ ସଂରକ୍ଷଣ କ୍ଷମତାଠାରୁ ବହୁଗୁଣା ଅଧିକ ଧାନ ମହଜୁତ ଦର୍ଶାଯାଇଥିବାର ମଧ୍ୟ ଅଭିଯୋଗ କରାଯାଇଛି। ସେମାନେ କେବଳ ଋଣର ଜାମିନଦାର ଥିଲେ। କିନ୍ତୁ ୨୦୧୦-୧୧ ମସିହାରେ ଋଣ ଖିଲାପକାରୀଙ୍କ ଅଭିଯୋଗ ଆଧାରରେ ସେମାନଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରୁଜୁ କରାଯାଇଥିଲା ଏବଂ ଗିରଫ ମଧ୍ୟ କରାଯାଇଥିଲା। ପରେ ଉଚ୍ଚ ନ୍ୟାୟାଳୟରୁ ଜାମିନ ମିଳିଥିଲେ ମଧ୍ୟ, ଅନେକ ମାମଲା ଏବେ ମଧ୍ୟ ବିଚାରାଧୀନ ରହିଛି। ପରିବାରର ସୂଚନା ଅନୁଯାୟୀ, ବର୍ତ୍ତମାନ ଡିଆରଟି, ଓପିଡିଆର ଓ ବିଭିନ୍ନ ଆପରାଧିକ ଆଦାଲତରେ ୧୦ରୁ ଅଧିକ ମାମଲା ବିଚାରାଧୀନ ଅଛି। ୨୦୧୫ ମସିହାରୁ ଚାଲିଆସୁଥିବା ଓପିଡିଆର ମାମଲାର ମଧ୍ୟ ୨୦୨୬ ସୁଦ୍ଧା ଚୂଡ଼ାନ୍ତ ସମାଧାନ ହୋଇ ନ ଥିବା ସେମାନେ ଦର୍ଶାଇଛନ୍ତି। ଅଭିଯୋଗରେ ଆହୁରି କୁହାଯାଇଛି ଯେ, ବନ୍ଧକ ରଖାଯାଇଥିବା ସମ୍ପତ୍ତିଗୁଡ଼ିକୁ ପ୍ରକୃତ ବଜାର ମୂଲ୍ୟଠାରୁ ବହୁତ କମ୍ ଦରରେ ନିଲାମ କରାଯାଇଥିବାରୁ ପରିବାର ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି। ଏ ସମ୍ପର୍କରେ ପରିବାର ସମ୍ବଲପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିବା ବେଳେ ଜିଲ୍ଲାପାଳ ମାମଲାକୁ ପୁଲିସ ଏବଂ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଏକାଧିକ ସ୍ମାରକପତ୍ର ଜାରି କରିଥିବା ସେମାନେ କହିଛନ୍ତି। ଜଣେ ଡିଏସ୍‌ପିସ୍ତରର ଅଧିକାରୀ ପ୍ରାଥମିକ ତଦନ୍ତ କରି ଦଲିଲପତ୍ର ଗ୍ରହଣ କରିଥିଲେ ମଧ୍ୟ, ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା ତଦନ୍ତର ଅନ୍ତିମ ଏଯାଏଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇନଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଅନ୍ୟପକ୍ଷରେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ, ଆର୍ଥିକ ଅନିୟମିତତାର ତଦନ୍ତ, ଦାୟୀ ବ୍ୟକ୍ତିଙ୍କୁ ଚିହ୍ନଟ ଏବଂ ଦୀର୍ଘଦିନ ଧରି ଚାଲିଥିବା ମାମଲାଗୁଡ଼ିକର ନ୍ୟାୟସଙ୍ଗତ ସମାଧାନ ପାଇଁ ଜଣେ ଅବସରପ୍ରାପ୍ତ ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି।

# ମଣ୍ଡି ଅବଧି ଶେଷ; ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ନୂଆପଡ଼ା/ସିନାପାଲି, ୪।୭(ସମିସ):** ନୂଆପଡ଼ା ଜିଲ୍ଲାରେ ରବିମଣ୍ଡିରେ ଧାନ କ୍ରୟ କରିବାର ଅବଧି ଶୁକ୍ରବାର ଶେଷ ହୋଇଛି। ତଥାପି ଚାଷୀ ଧାନ ବିକ୍ରିକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ମଣ୍ଡିର ଧାନ ଉଠାଣ ନ ହେବାରୁ ଶନିବାର ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁ ମଣ୍ଡିର ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୫ ଦିନରୁ ଅଧିକ ହେବ ମଣ୍ଡିରେ ଧାନପଡ଼ି ବର୍ଷାରେ ଗଜା ହୋଇଯାଉଛି ବୋଲି ଚାଷୀମାନେ ଜିଲ୍ଲାପାଳ ଠାରେ ଗୁହାରି କରିଥିଲେ। ଜିଲ୍ଲପାଳ ମଧୁସୂଦନ ସାହୁ ଆସନ୍ତାକାଲି ମଣ୍ଡିର ସବୁଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ, ବିଶୋରା ମଣ୍ଡିରେ ଜୁନ୍ ୯ରେ କିଛି ଧାନ ଉଠାଣ ହୋଇ ୧୦ ତାରିଖଠାରୁ ଜୁଲାଇ ୪ ପର୍ଯ୍ୟନ୍ତ ୨୫ ଦିନ ହେଲା ଆଦୌ ଧାନ ଉଠାଣ ହୋଇନାହିଁ। ମଣ୍ଡିରେ ୧୨୦ ଜଣ ଚାଷୀଙ୍କ ୧୪ ହଜାର ବସ୍ତା ଧାନ ଖୋଲାଆକାଶ ତଳେ ପଡ଼ି ରହିଛି। ଜିଲ୍ଲାରେ ବର୍ଷା ଲାଗି ରହିଛି। ବର୍ଷାରେ ଧାନ ଭିଜି ଯାଇ ଗଜା ହୋଇ ଧାନ ନଷ୍ଟ ହୋଇ ଗଲାଣି। ଅନ୍ୟପଟେ ମଣ୍ଡି ଅବଧି ଶେଷ ହୋଇଯାଇଛି। ମଣ୍ଡିରୁ ଧାନ ଉଠାଣ ହେବ କି ନାହିଁ ବୋଲି ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ପୁଣି ଖରିଫ ଚାଷ କାମ ଆରମ୍ଭ ହୋଇ ଗଲାଣି। ରବିଧାନ ବିକ୍ରୟ କଲେ ଚାଷୀ ନୂତନ ଭାବରେ ଚାଷ କାର୍ଯ୍ୟ ଆରମ୍ଭ କରି ବିହନ, ରାସାୟନିକ ସାର, କୀଟନାଶକ ଔଷଧ କିଣିବା ସହ ଟ୍ରାକ୍ଟର, କୁଲି ମଜୁରିଆ ଲଗାଇ ଚାଷ କରିବେ। ଏପର୍ଯ୍ୟନ୍ତ ଧାନ ବିକ୍ରୟ ନ ହେବାରୁ ଦିନରାତି ଚିନ୍ତାରେ ଘାରି ହେଉଛନ୍ତି। ମଣ୍ଡିରେ ପଡ଼ି ରହିଥିବା ଧାନ ଶୀଘ୍ରଉଠାଣ କରାଯାଉ ବୋଲି ଜିଲ୍ଲାପାଳଠାରେ ଦାବି କରିଛନ୍ତି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ମଣ୍ଡିରୁ ଧାନ ଉଠାଣନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଚୁରନ ସିଂ ମାଝୀ, ଲଳିତ ପାଣ୍ଡେ, ପଦ୍ମନ ପାଣ୍ଡେ, ତିଯାଉ ଗଉଡ଼, ଦିନରାମ ମାଝୀ, ଯାଦ ରାମ ମାଝୀ, ବିଦ୍ୟା ଚରଣ ମାଝୀ, ଓଁକାର ମାଝୀ, କୁଶ କେଉଟ, ଜିହାରୁ ମାଝୀ, ହୀରାଧର ରାଉତ, ଲଳିତ ରାଉତ ପ୍ରମୁଖ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସ୍କୁଲରେ ଶିକ୍ଷକ ଅଭାବ

# ୮ଟି ଶ୍ରେଣୀକୁ ମାତ୍ର ୨ କୋଠରି

**କର୍ଲାମୁଣ୍ଡା, ୪।୭(ସମିସ):** ଶିକ୍ଷା ନୀତିରେ ଫେଲ ମାରିଛି ଡବଲଇଞ୍ଜିନ ସରକାର। ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ। ଏଭଳି ପରିସ୍ଥିତି କର୍ଲାମୁଣ୍ଡା ବ୍ଲକରେ ଦେଖିବାକୁ ମିଳିଛି କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅଧୀନସ୍ତ କଁଅସିଲ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ବର୍ଷେ ହେଲା ପ୍ରଧାନ ଶିକ୍ଷକ ପଦ ଖାଲିପଡ଼ିଥିବାବେଳେ ଗତ ଦୁଇ ମାସ ତଳେ ଜଣେ ଶିକ୍ଷକ ଅବସରଗ୍ରହଣ କରିଛନ୍ତି। ସ୍କୁଲରେ ମୋଟ ୭୬ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବ ବେଳେ ଶିଶୁ ବାଟିକାରେ ଜଣେ ଶିକ୍ଷକ ନିୟୋଜିତ ଅଛନ୍ତି। ପ୍ରଥମରୁ ଅଷ୍ଟମ ଯାଏ ଆଠଟି ଶ୍ରେଣୀକୁ ୩ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷୟିତ୍ରୀ ଇଏଲରେ ଅଛନ୍ତି। ଶିଶୁବାଟିକାକୁ ବାଦ୍‌ଦେଲେ ଶିକ୍ଷକ ଅଭାବରୁ ଦୁଇଟି ଶ୍ରେଣୀ ଗୃହରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଶିକ୍ଷାଦାନ ହେଉଛି। ଶିକ୍ଷକ ଅଭାବରୁ ଶିକ୍ଷାଦାନରେ ଅବହେଳା ହେଉଥିବା ଅଭିଯୋଗରେ ବିଇଓଙ୍କ ଅନୁପସ୍ଥିତରେ ଏବିଇଓ ଗୋପମଣି ସାହୁଙ୍କୁ ଗ୍ରାମବାସୀ ଦାବିପତ୍ର ଦେଇଛନ୍ତି। ବ୍ଲକରେ ଶିକ୍ଷକ ଅଭାବ ପୂରଣ ପାଇଁ ଦୁଇମାସ ସମୟ ଲାଗିପାରେ ବୋଲି ଶ୍ରୀ ସାହୁ ଅଭିଯୋଗ କାରୀଙ୍କୁ କହିଥିଲେ। ଗ୍ରାମବାସୀ କହିଛନ୍ତି ଯଦି ଏହାର ତୁରନ୍ତ ସମାଧାନ ନହୁଏ ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଛାଡ଼ିବୁନାହିଁ କି ତାଙ୍କ ଭବିଷ୍ୟତକୁ ଆମେ ଅନ୍ଧାରକୁ ଠେଲିଦେଇ ପାରିବୁନାହିଁ। ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କୁମାର ପୁଟେଲ ଓ ଗ୍ରାମ ଯୁବକ ସଂଘ ସଭାପତି ରୁପେନ୍ଦ୍ର ଭୋଇ କହିଛନ୍ତି ଯେ ଆଗାମୀ ଦିନରେ ଯଦି ଶିକ୍ଷକ ନିଯୁକ୍ତି ଦିଆ ନ ଯାଏ ତାହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବୁ।

## ଚତୁର୍ଥ ଦିନରେ ଡାକ୍ତରଙ୍କ ଆନ୍ଦୋଳନ

# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ଖଡ଼ିଆଳ, ୪।୭ (ସମିସ)**

ଚାରି ଦିନ ଧରି ରାଜ୍ୟବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ ଚାଲିଛି। ଡାକ୍ତରମାନେ ଚିକିତ୍ସା କରୁଥିବାରୁ ଜଣେ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ବିରିଘାଟ ଗ୍ରାମର ଜଣେ ଗର୍ଭବତୀ ଚିକିତ୍ସାରେ ଅବହେଳା ଯୋଗୁଁ ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଶୁକ୍ରବାର ବିରିଘାଟ ଗ୍ରାମର ଭଲ ଖର୍ସେଲଙ୍କ ସ୍ତ୍ରୀ ଗୀତାଞ୍ଜଳି ଖର୍ସେଲ (୩୧)ଙ୍କ ଗର୍ଭ ବେଦନା ହେବାରୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ଆଣୁଥିବାବେଳେ ପାଖପୁଖି ଖଡ଼ିଆଳ ସହର ନିକଟରେ ଗୋଟିଏ ପୁଅ ଜନ୍ମ ଦେଇଥିଲେ। ସମ୍ପୃକ୍ତ ମହିଳା ଓ ଜନ୍ମିତ ଶିଶୁକୁ ଖଡ଼ିଆଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତରମାନେ ଧାରଣାରେ ଥିବାରୁ ଉପଖଣ୍ଡ ଚିକିତ୍ସାଳୟରେ



ନ ଥିଲେ। ଫଳରେ ନର୍ସ ମାନେ ସାତଟାରୁ ଏଗାର ପର୍ଯ୍ୟନ୍ତ ଚିକିତ୍ସା କରି ବିଫଳ ହେବାରୁ ମିଶନ ହସ୍ପିଟାଲ ରାୟପୁର ନେବାକୁ ପରାମର୍ଶ ଦେଇଥିଲେ। ରାୟପୁର ଯାଉଥିବାବେଳେ ବାଗବାହାରା ଠାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ପରିବାର ପକ୍ଷରୁ ମୃତକଙ୍କ ଶବକୁ ପୋଡ଼ି ଦେଇଥିବା ଜଣାପଡ଼ିଛି। ନବଜାତ ଶିଶୁ ଗୁରୁତର ହେବାରୁ ଶନିବାର ସନ୍ଧ୍ୟାରେ ବଲାଙ୍ଗିର ସ୍ଥାନାନ୍ତର କରାଯାଇଛି। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଚିକିତ୍ସା କରିଥିଲେ ମହିଳାଙ୍କ ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସ୍ୱାମୀ ଭଲ ଖର୍ସେଲ, ଶାଶୂ ଲଳିତା ଖର୍ସେଲ, ଶଶୁର ଲାଲ ଖର୍ସେଲ ଅଭିଯୋଗ କରିଛନ୍ତି। ଏହି ଗର୍ଭବତୀ ମହିଳାଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ତାର ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଡାକ୍ତରମାନେ ଧାରଣାରେ ଥିବାରୁ ମତାମତ ଦେବାକୁ ମନାକଲେ।

# କଲମପୁର ବ୍ଲକ୍ ଶିକ୍ଷାଧିକାରୀ ବଦଳି ନେଇ ବିବାଦ

**ଭବାନୀପାଟଣା, ୪।୭(ସମିସ):** କଳାହାଣ୍ଡି ଜିଲ୍ଲାର କଲମପୁର ବ୍ଲକ ଶିକ୍ଷାଧିକାରୀଙ୍କ ବଦଳି ଓ ପଦସ୍ଥାପନକୁ ନେଇ ଏବେ ଶିକ୍ଷା ବିଭାଗରେ ନୂଆବିବାଦ ସୃଷ୍ଟି ହୋଇଛି। ସରକାରଙ୍କ ବଦଳି ନୀତିରେ ହୋମ୍ ବ୍ଲକରେ ଅଧିକାରୀଙ୍କ ପଦସ୍ଥାପନକୁ ସାଧାରଣତଃ ଏଡ଼ାଇବାକୁ କୁହାଯାଇଥିବାବେଳେ, କଲମପୁରରେ ହୋଇଥିବା ଏହି ପଦସ୍ଥାପନକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ଏହି ଘଟଣାର ସ୍ପଷ୍ଟୀକରଣ ଦାବି କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟକୁ ଏକ ଲିଖିତ ପତ୍ର ପଠାଯାଇଛି। ସୂଚନା ଅନୁଯାୟୀ, ପୂର୍ବରୁ ମଧୁସ୍ମିତା ନାଏକ କଲମପୁର ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ପରେ ତାଙ୍କୁ କର୍ଲାମୁଣ୍ଡା ବ୍ଲକକୁ ବଦଳି କରାଯାଇଥିଲା। ଏହାପରେ ବିଜ୍ଞପ୍ତି ଅନୁଯାୟୀ ବଞ୍ଚାନିଧି ପଣ୍ଡାଙ୍କୁ କଲମପୁର ବ୍ଲକର ବ୍ଲକ ଶିକ୍ଷାଧିକାରୀ ଭାବେ ପଦସ୍ଥାପନ କରାଯାଇଥିଲା। ଏହି ପଦସ୍ଥାପନ ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ରେଜୋଲ୍ୟୁସନ୍ ସଂଖ୍ୟା୨୬୫୧୨, ତାରିଖ ୧୮ ସେପ୍ଟେମ୍ବର ୨୦୨୫ ପୁଣି ଚର୍ଚ୍ଚାକୁ ଆସିଛି। ଉକ୍ତ ରେଜୋଲ୍ୟୁସନର ଦ୍ୱିତୀୟ ନିୟମରେ ସମ୍ଭବ ହେଲେ ଅଧିକାରୀମାନଙ୍କୁ ନିଜ ବ୍ଲକରେ ପଦସ୍ଥାପନ ନ କରିବାକୁ ଉଲ୍ଲେଖ ରହିଛି, ଯାହା ପ୍ରଶାସନିକ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସ୍ୱାର୍ଥ ସଂଘାତକୁ ଏଡ଼ାଇବା ଉଦ୍ଦେଶ୍ୟରେ ପ୍ରଣୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପଠାଯାଇଥିବା ପତ୍ରରେ ପଚରାଯାଇଛି ଯେ, କଲମପୁର ବ୍ଲକ କି ବଞ୍ଚାନିଧି ପଣ୍ଡାଙ୍କ ହୋମ ବ୍ଲକ? ଯଦି ହଁ, ତେବେ ତାଙ୍କ ପଦସ୍ଥାପନ ସରକାରଙ୍କ ବଦଳି ନୀତି ସହ ସଙ୍ଗତିପୂର୍ଣ୍ଣ କି ନୁହେଁ? ଏଥିପାଇଁ କୌଣସି ବିଶେଷ ଛାଡ଼, ଅନୁମୋଦନ କିମ୍ବା ସକ୍ଷମ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମିଳିଥିଲା କି? କେଉଁ ନିୟମ ଆଧାରରେ ଏହି ପଦସ୍ଥାପନ କରାଯାଇଥିଲା? ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ମଗାଯାଇଛି। ଏହା ସହିତ ଶିକ୍ଷା ମହଲରେ ଆଉ ଏକ ପ୍ରଶ୍ନ ଚର୍ଚ୍ଚାରେ ରହିଛି। ମଧୁସ୍ମିତା ନାଏକଙ୍କୁ କଲମପୁରରୁ କର୍ଲାମୁଣ୍ଡାକୁ ବଦଳି କରାଯିବା ପରେ ବଞ୍ଚାନିଧି ପଣ୍ଡାଙ୍କୁ କଲମପୁରକୁ ଆଣିବା ପଛରେ କାହାର ପ୍ରଶାସନିକ ନିଷ୍ପତ୍ତି କିମ୍ବା ନିର୍ଦ୍ଦେଶ ଥିଲା? ଏହି ପ୍ରଶ୍ନକୁ ନେଇ ବିଭାଗ ଭିତରେ ଓ ବାହାରେ ବ୍ୟାପକ ଆଲୋଚନା ଚାଲିଥିବା କୁହାଯାଉଛି। ତେବେ ଏହି ଚର୍ଚ୍ଚା ଉପରେ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପ୍ରତିକ୍ରିୟା ଆସିନାହିଁ। ଶିକ୍ଷା ବିଶେଷଜ୍ଞମାନଙ୍କ ମତରେ, ସରକାରୀ ବଦଳି ନୀତି ସମସ୍ତ ଅଧିକାରୀଙ୍କ କ୍ଷେତ୍ରରେ ସମାନ ଭାବରେ ପ୍ରୟୋଗ ହେବା ଦରକାର। ଯଦି କୌଣସି ବ୍ୟତିକ୍ରମ କରାଯାଇଥାଏ, ତେବେ ତାହାର କାରଣ, ଆଇନଗତ ଆଧାର ଓ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମୋଦନ ସାର୍ବଜନୀନ କରାଯିବା ଉଚିତ। ଏହା ଦ୍ୱାରା ପ୍ରଶାସନିକ ସ୍ୱଚ୍ଛତା ଓ ଜନବିଶ୍ୱାସ ଅଧିକ ସୁଦୃଢ଼ ହେବ। ତେବେ ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ଏହି ପଦସ୍ଥାପନରେ କୌଣସି ଅନିୟମିତତା ପ୍ରମାଣିତ ହୋଇନାହିଁ। ଏହା କେବଳ ସରକାରୀ ବଦଳି ନୀତିର ଆଲୋକରେ ସ୍ପଷ୍ଟୀକରଣ ମଗାଯାଇଥିବା ଏକ ପ୍ରଶାସନିକ ପ୍ରସଙ୍ଗ। ବିଭାଗ ପକ୍ଷରୁ ଆଧିକାରିକ ଉତ୍ତର ଆସିବା ପରେ ହିଁ ସମଗ୍ର ବିଷୟର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ।

# ସ୍ତ୍ରୀକୁ କିରାସିନି ଢାଳି ହତ୍ୟା ମାମଲା; ସ୍ୱାମୀକୁ ଆଜୀବନ କାରାଦଣ୍ଡ

**ଧର୍ମଗଡ଼, ୪।୭(ସମିସ):** ପାରିବାରିକ କଳହରୁ ନିଜ ସ୍ତ୍ରୀକୁ କିରାସିନି ଢାଳି ହତ୍ୟା କରିବା ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ଧର୍ମଗଡ଼ ଅତିରିକ୍ତ ଦୌରାଜଜ୍ ଗୁଣ୍ଡିଚା ସାମନ୍ତସିଂହାର ଏହି ସେନ୍ସେସନାଲ୍ ମାମଲାର ବିଚାରକରି ଶନିବାର ଏହି ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। କୋର୍ଟ ଅଭିଯୁକ୍ତକୁ ଆଜୀବନ



ସଜା ଶୁଣାଇବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୨୧ ମସିହା ଜୁଲାଇ ୨ ତାରିଖରେ ଜୁନାଗଡ଼ ଥାନା ଅନ୍ତର୍ଗତ ତେନ୍ତୁଲିପଡ଼ା ଗ୍ରାମର ସୁଦାମ ମାଝୀ (୩୧) ପାରିବାରିକ ତିକ୍ତତା ଯୋଗୁଁ ନିଜ ସ୍ତ୍ରୀ ରଶ୍ମିତା ସରାଫଙ୍କ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତ ରଶ୍ମିତାଙ୍କ ଭଉଣୀ ଐଶ୍ୱର୍ଯ୍ୟା ସରାଫ ଜୁନାଗଡ଼ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ଜୁନାଗଡ଼ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସୁଦାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ପ୍ରଶାନ୍ତ ତନ୍ତୀ ପରିଚାଳନା କରୁଥିଲେ।

# ବନ୍ୟା ମୁକାବିଲା ପାଇଁ ସଜାଗ ବ୍ଲକ ପ୍ରଶାସନ



**କଲମପୁର, ୪।୭(ସମିସ):** ଚଳିତବର୍ଷ ପ୍ରାକ୍ ମୌସୁମୀ ବର୍ଷା ଦୁଇଦିନ ଧରି ଲାଗି ରହିଛି। ଅବିରତ ବର୍ଷା ଚାଷ କାର୍ଯ୍ୟ ପାଇଁ ବାଟ ଫିଟିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଉ କିଛି ଦିନ ଏଭଳି ବର୍ଷା ଜାରି ରହିବ। ଲଗାଣବର୍ଷା ଯୋଗୁଁ ନଇଁନାଳ ଭରିବାରେ ଲାଗିଛି। ପ୍ରତିବର୍ଷ ପରି, ପ୍ରାକ୍ ମୌସୁମୀ ବର୍ଷାରେ କଲମପୁର ଅଞ୍ଚଳରେ ପ୍ରବାହିତ ହାତୀନଦୀରେ ବନ୍ୟା ଆସିଥିବା ନଜିର ରହିଛି। ଏଥିପାଇଁ ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ରହିଛି। ବ୍ଲକ ପ୍ରଶାସନ ସୂଚନା ଅନୁସାରେ, ହାତୀନଦୀର ଜଳସ୍ତର ଉପରେ ନଜର ରଖାଯାଇଛି। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛନ୍ତି। ସେହିପରି ବାଲିଛଡ଼ା ଓ ରସଡୁମେର ବନ୍ୟା ଆଶ୍ରୟସ୍ଥଳୀ ସମେତ ଉଦ୍ଧାରକାରୀ ଦଳ ପ୍ରସ୍ତୁତ ରହିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳ ଟେମରା, ଖଙ୍ଗାରଗୁଡା, ବିରିପୁର, ମାଟିଖାଲ, ଜାମପଡ଼ା, କର୍ମେଲ କେଉଟପଡ଼ା, ବାଲିଛଡା ଆଦି ଗ୍ରାମକୁ ତହସିଲଦାର ସ୍ମରଣିକା ତୁଳଙ୍କ ସହ ବିଡ଼ିଓ ବିଜୟ ମାଣ୍ଡାଙ୍ଗି କ୍ଷେତ୍ର ପରିଦର୍ଶନ କରିଛନ୍ତି।

## କେନ୍ଦୁଗୁଡ଼ାରେ ସରକାରୀ ଜମି ସୁରକ୍ଷା ନାଁରେ ଦୁର୍ନୀତି ଅଭିଯୋଗ

# ୨୫ ଏକର ବଦଳରେ ମାତ୍ର ୫ ଏକରରେ କଣ୍ଟାବାଡ଼

**ଧର୍ମଗଡ଼, ୪।୭(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ତେଣ୍ଡାପାଲି ପଞ୍ଚାୟତର କେନ୍ଦୁଗୁଡ଼ା ଗ୍ରାମରେ ସରକାରୀ ଜମି ସୁରକ୍ଷା ପ୍ରକଳ୍ପରେ ବ୍ୟାପକ ଅନିୟମିତତା







ହୋଇଥିବାନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, କେନ୍ଦୁଗୁଡ଼ା ମୌଜାର ଖାତା ନମ୍ବର ୨୦୩ ଓ ୨୬୩ ର ସରକାରୀ ଜମିକୁ କଣ୍ଟାତାର ବାଡ଼ ଘେରାଇ ସୁରକ୍ଷିତ କରିବା ପାଇଁ ଧର୍ମଗଡ଼ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ପକ୍ଷରୁ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପ୍ରାୟ ୨୫ ଏକର ପରିମିତ ସରକାରୀ ଜମିର ସୁରକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ୩୦ ହଜାର ଟଙ୍କା ଏବଂ ପରବର୍ତ୍ତୀ ସମୟରେ ଆଉ ୨ ଲକ୍ଷ ୧ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା (ବିଭାଗୀୟ) ମାତ୍ର ୫ ରୁ ୭ ଏକର ଜମିରେ କଣ୍ଟାବାଡ଼ ନିର୍ମାଣ କରି ସମଗ୍ର ସରକାରୀ ଅର୍ଥକୁ ହରିଲୁଟ୍ କରିବାକୁ ବସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପସ୍ଥଳରେ ଲାଗିଥିବା ସୂଚନାଫଳକ ଅନୁସାରେ, ଆର୍ଥିକ ବର୍ଷ ୨୦୨୫-୨୬ ର ଏହି କାର୍ଯ୍ୟ ପାଇଁ ତହସିଲଦାରଙ୍କ ଠାରୁ ୪, ୩୦, ୦୦୦ ଓ ୨, ୧୬, ୦୦୦ ଦୁଇ ଗୋଟି ସରକାରୀ ପାଣ୍ଠି ମଞ୍ଜୁର ହୋଇଛି। କିନ୍ତୁ ଏହି ସରକାରୀ ଅର୍ଥରେ କେତେ ଦୈର୍ଘ୍ୟର ବାଡ଼ ନିର୍ମାଣ ହେବ, ତାହାର କୌଣସି ସ୍ପଷ୍ଟ ସୂଚନା ବୋର୍ଡରେ ଉଲ୍ଲେଖ ନାହିଁ। ବୋର୍ଡରେ 'କାର୍ଯ୍ୟ ଶେଷତା' ର ସ୍ଥାନ ମଧ୍ୟ ଖାଲି ପଡ଼ିଛି, ଯାହା ବିଭାଗର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଧର୍ମଗଡ଼ ତହସିଲଦାର ଏବଂ ବ୍ଲକ ପ୍ରଶାସନ ଏହି ଘଟଣାର ସରଜମିନ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଓଡ଼ିଶା ଜନତା କଂଗ୍ରେସ ଦଳର ସାଂଗଠନିକ ଦାୟିତ୍ୱ

## ଜୟନ୍ତ କୁମାର ନାୟକ ଜିଲ୍ଲା ସଭାପତି ମନୋନୀତ

**କେସିଙ୍ଗା, ୪।୭(ସମିସ):** ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ସଂଗଠନକୁ ଜିଲ୍ଲାସ୍ତରରେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସାଙ୍ଗଠନିକ ନିଯୁକ୍ତି ଘୋଷଣା କରାଯାଇଛି। ଏହି କ୍ରମରେ ଜୟନ୍ତ କୁମାର ନାୟକଙ୍କୁ କଳାହାଣ୍ଡି ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଛି। ଦଳର ସଭାପତି ଇଂ.ମହମ୍ମଦ ମୋକିମଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି ଘୋଷଣା କରାଯାଇଛି। ସେହିପରି ବିଦ୍ୟାଧର ମୁଣ୍ଡଙ୍କୁ ସଂଗଠନ ସଧାରଣ ସମ୍ପାଦକ ଓ ସୁନନ୍ଦ ପଟ୍ଟନାୟକ ଓ ପ୍ରଣବ ଭୋକ୍ତା ଙ୍କୁ ଓଡ଼ିଶା ଜନତା କଂଗ୍ରେସ ର ରାଜ୍ୟ ସମ୍ପାଦକ ଭାବେ ଚୟନ କରାଯାଇଛି। ଦଳର ନୀତି ଓ କାର୍ଯ୍ୟକ୍ରମକୁ ଆହୁରି ତୃଣମୂଳ ସ୍ତରରେ ଅଧିକ ଗତିଶୀଳ କରାଯିବ ବୋଲି ଜିଲ୍ଲା ସଭାପତି ଜୟନ୍ତ କୁମାର ନାୟକ ପ୍ରକାଶ କରିଛନ୍ତି।

# କଳାହାଣ୍ଡି ରାଇଫଲ ଆସୋସିଏସନର ସାଧାରଣ ବୈଠକ

**ଭବାନୀପାଟଣା, ୪।୭(ସମିସ):** ଭାରତଭୂଷଣ ଦେଓଙ୍କ ସଭାପତିତ୍ୱରେ କଳାହାଣ୍ଡି ରାଇଫଲ ଆସୋସିଏସନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୁନୀଲ କୁମାର ବେହେରା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୁରେନ୍ଦ୍ର ପ୍ରସାଦ ନେଗୀ ବିଗତ ଦିନର କାର୍ଯ୍ୟପନ୍ଥା ଉପରେ ଅବଗତ କରାଇଥିଲେ। ଏଥିରେ ବିଭିନ୍ନ ବିଷୟ ଆଲୋଚନା ପରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାରତଭୂଷଣ ଦେଓ, ଉପସଭାପତି ଅଜୟ କୁମାର ମିଶ୍ର, ସୁନୀଲ କୁମାର ବେହେରା, ସମ୍ପାଦକ ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ପ୍ରଭୁପାଦ ପ୍ରଧାନ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ପଣ୍ଡା ମନୋନୀତ ହୋଇଥିଲେ। ସେହିଭଳି ସଭ୍ୟ ଭାବେ ସୁରେନ୍ଦ୍ର ପ୍ରସାଦ ନେଗି, ଅରବିନ୍ଦ ସାହୁ, ସଞ୍ଜୟ କୁମାର ମିଶ୍ର, ଅରିହାନ୍ତ ଜୈନ, ରବୀନ୍ଦ୍ର କୁମାର ମିଶ୍ର, ଭୀମସେନ ସାହୁ, ଶମ୍ଭୁ ପ୍ରସାଦ ରାଉତ, ଅଶ୍ୱିନ କୁମାର ସାହୁ ମନୋନୀତ ହୋଇଥିଲେ। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ କରିବା ପାଇଁ ସଭାପତି ଅନୁରୋଧ କରିଥିଲେ। ପ୍ରଦୀପ କୁମାର ଦାସ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭରୁଆମୁଣ୍ଡା କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ସିନାପାଲି, ୪।୭(ସମିସ):** ସିନାପାଲି ଗୋଷ୍ଠୀ ଶିକ୍ଷା ଅଧୀନ ଭରୁଆମୁଣ୍ଡା କ୍ଲଷ୍ଟର୍‌ର ଅବସରଗ୍ରହଣ କରିଥିବା ତିନି ଶିକ୍ଷକ ଦେବାର୍ଚ୍ଚନ ଭୋଇ, ଈଶ୍ୱରଲାଲ ମେହେର ଓ ବୁଢ଼ା ମାଲିଙ୍କୁ ଆଜି କ୍ଲଷ୍ଟରସ୍ତରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ସ୍ଥାନୀୟ ସାନଗହଟିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ରାଧେଶ୍ୟାମ ସୁନାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠଶିକ୍ଷକ ଜିତେନ୍ଦ୍ର ଠାକୁର, ମୁଖ୍ୟବକ୍ତା ଭାବରେ ଲୋଚନ ମେହେର ଓ ସମ୍ମାନିତ ଅତିଥି ଭାବରେ ରଥାଙ୍ଗ ମେହେର ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଶିକ୍ଷା ପ୍ରତି ସମର୍ପଣ ଓ ତ୍ୟାଗପୂର୍ଣ୍ଣ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମାନପତ୍ର ଓ ଉପଢ଼ୌକନ ଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ରୋଜାଲିନ ସେଠୀ, ଅରବିନ୍ଦ ମେହେର, ସୁଶାନ୍ତ ଦଣ୍ଡସେନା ମାନପତ୍ର ପାଠ କରିଥିଲେ। ନୀଳମଣି ମାଝୀ ମଞ୍ଚ ପରିଚାଳନା କରିଥିଲେ ଓ ସାନୁର୍ଯ୍ୟ ମେହେର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଧାରୀ ମେହେର, ଦେବରାଜ ମାଝୀ, ଶରତ ମେହେର, ସଦାନନ୍ଦ ଜାନି, ଦୈତାରୀ ମେହେର, ଜୟକାନ୍ତ ରାଉତ, ରୁଦ୍ରେ ଛତ୍ରିଆ, ପ୍ରେମଲତା ପୂଝାରୀ, ଶୁଭଶ୍ରୀ ମାଝୀ, ରମେଶ ମେହେର, ଟି. ଯେ. ଫିଲିକ୍ସ, ସତ୍ୟବ୍ରତ ଠାକୁର, ହୃଦାନନ୍ଦ ସା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରବି ମଣ୍ଡି ବନ୍ଦ; ଖୋଲା ଆକାଶ ତଳେ ଲକ୍ଷ ଲକ୍ଷ କୁଇଣ୍ଟାଲ ଧାନ

**ଧର୍ମଗଡ଼, ୪।୭(ସମିସ):** କଳାହାଣ୍ଡି ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ହୋଇଥିଲେ ମଧ ଚାଷୀଙ୍କ ସମସ୍ୟା ଦୂର ହୋଇନାହିଁ। ଜୁଲାଇ ୩ ତାରିଖରୁ ଜିଲ୍ଲାର ବିଭିନ୍ନ ରବି ମଣ୍ଡିକୁ ବିଧିବଦ୍ଧ ଭାବେ ବନ୍ଦ କରାଯାଇଛି। ସରକାରୀ ନିର୍ଦ୍ଦେଶ ଅନୁସାରେ, ପ୍ରଥମେ ଜୁନ୍ ୩୦ ପର୍ଯ୍ୟନ୍ତ ମଣ୍ଡି



ଚାଲିବାକୁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଆଉ ୩ ଦିନ ବୃଦ୍ଧି କରାଯାଇଥିଲା। ପ୍ରଶାସନ ପକ୍ଷରୁ ୩ ତାରିଖ ରାତି ସୁଦ୍ଧା ସମସ୍ତ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ ଥିଲେ ହେଁ, ବାସ୍ତବ ଚିତ୍ର ଏବେ ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳିଛି। ସରକାରୀ ତଥ୍ୟ ଅନୁସାରେ, ଧର୍ମଗଡ଼ ଉପଖଣ୍ଡର ୬ଟି ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ୧୨୦ଟି ମଣ୍ଡି ମାଧ୍ୟମରେ ଗତ ଜୁଲାଇ ୩ ସୁଦ୍ଧା ୪୮ ହଜାର ୭୦୪ ଜଣ ଚାଷୀଙ୍କଠାରୁ ୩୨ ଲକ୍ଷ ୭୯ ହଜାର କୁଇଣ୍ଟାଲ୍ ଧାନ କ୍ରୟ କରାଯାଇଛି। ମାତ୍ର ଏହା ପରେ ମଧ ପ୍ରାୟ ୩ ହଜାର ୪୨୫ ଜଣ ଚାଷୀଙ୍କ ୨ ଲକ୍ଷ ୯୬ ହଜାର କୁଇଣ୍ଟାଲ୍ ଧାନ ଏବେ ମଧ ମଣ୍ଡିଗୁଡ଼ିକରେ ବିକ୍ରି ନ ହୋଇ ପଡ଼ିରହିଛି। ଅନ୍ୟପଟେ ଯେଉଁ ଚାଷୀଙ୍କ ଧାନକ୍ରୟ କରାଯାଇଛି, ମିଲର୍ସମାନେ ତାହାକୁ ନେଇ ନ ଥିବାରୁ ସେହି ସବୁ ଧାନ ବସ୍ତା ମଧ ମଣ୍ଡିରେ ଜମା ହୋଇ ରହିଛି। ଗତ ମେ' ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ରବି ମଣ୍ଡି ପ୍ରକ୍ରିୟା ଶେଷ ହେବା ପରେ ଏବେ ଖୋଲା ଆକାଶ ତଳେ ଲକ୍ଷ ଲକ୍ଷ କୁଇଣ୍ଟାଲ ଧାନ ପଡ଼ିରହିଛି। ମୌସୁମୀ ପ୍ରଭାବରେ ଜିଲ୍ଲାରେ ତୁହାକୁ ତୁହା ବର୍ଷା ହେଉଥିବାରୁ ଚାଷୀର କଷ୍ଟଉପାର୍ଜିତ ଧାନ ବେଶ୍ ପ୍ରଭାବିତ ହୋଇଛି। ଅନେକ ସ୍ଥାନରେ ଧାନ ଓଦା ହୋଇ ଗଜା ହେବା ସହ ନଷ୍ଟ ହେବାକୁ ବସିଲାଣି।ବର୍ତ୍ତମାନ ସମୟରେ ଖରିଫ ଚାଷ ପାଇଁ ଚାଷୀମାନେ ବିଲ ପ୍ରସ୍ତୁତ କରିବା ସହ ଧାନ ବୁଣିବା ସମୟ ଉପନୀତ ହୋଇଛି। ଗୋଟିଏ ପଟେ ରବି ଧାନ ବିକ୍ରିର ଚିନ୍ତା ଓ ଅନ୍ୟପଟେ ଖରିଫ ଚାଷର ପ୍ରସ୍ତୁତି ଚାଷୀକୁଳକୁ ଦୋଛକିରେ ଠିଆ କରିଛି। ଚାଷୀଙ୍କ ଏହି ବଡ଼ ସମସ୍ୟା ପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବଳକା ଧାନ ଉଠାଇବା ପାଇଁ ଚାଷୀ ସଂଗଠନ ପକ୍ଷରୁ ଦାବି ହେଉଛି।

## କାଶୀବାହାଲ ମଣ୍ଡିରେ ସ୍ଥିତି ବେହାଲ

# ଭିଜୁଛି ଧାନ; ମୋଟର ଲଗାଇ ପାଣି ନିଷ୍କାସନ କଲେ ଚାଷୀ

**କୋକସରା, ୪।୭(ସମିସ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଶୀବାହାଲ ଧାନମଣ୍ଡିରେ ଏବେ ଏକ ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନିକ ଅବହେଳା ଓ ମିଲରଙ୍କ ମନମୁଖୀ ଯୋଗୁଁ ଚାଷୀଙ୍କ ପ୍ରାୟ୨୮ ଶହ କୁଇଣ୍ଟାଲ ଧାନ ଏବେ ଖୋଲା ଆକାଶ ତଳେ ବର୍ଷାରେ ଭିଜୁଛି। ଗତ ଦୁଇଦିନ ହେବ ସ୍ଥାନୀୟ ଅଞ୍ଚଳରେ ଲଗାଣ ମୌସୁମୀ ବର୍ଷା ଜାରି ରହିଥିବାବେଳେ, ମଣ୍ଡିରେ ଥିବା ହଜାର ହଜାର ବସ୍ତାଧାନ ନଷ୍ଟ ହେବାକୁ ବସିଲାଣି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ୩ ତାରିଖରେ ମଣ୍ଡି ଅବଧି ଶେଷ ହୋଇଯାଇଛି ହେଲେ ଚାଷୀଙ୍କ ଧାନକ୍ରୟ




ସରିଥିଲେ ମଧ ମିଲରମାନେ ଧାନ ଉଠାଉ ନାହାଁନ୍ତି। ଫଳରେ କାଶୀବାହାଲ ମଣ୍ଡି ପରିସରରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣିଜମି ରହିଛି। ଶନିବାର ଦିନ ସ୍ଥିତି ଏପରି ହୋଇଥିଲା ଯେ, ନିଜର କଷ୍ଟ ଉପାର୍ଜିତ ଧାନକୁ ରକ୍ଷା କରିବା ପାଇଁ ଚାଷୀମାନେ ମୋଟର ପମ୍ପ ସାହାଯ୍ୟରେ ମଣ୍ଡିରୁ ବର୍ଷା ପାଣି ନିଷ୍କାସନ କରୁଥିବା ଦେଖିବାକୁ ମିଳିଥିଲା। ଏପଟେ ଖରିଫ୍ ଚାଷ ସମୟ ହୋଇଗଲାଣି, ହେଲେ ରବି ଧାନର ପଇସା କେବେ ମିଳିବ ଓ ଧାନ କେବେ ମଣ୍ଡିରୁ ଉଠିବ, ତାହା ଭଗବାନଙ୍କୁ ଜଣା ବୋଲି ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଚାଷୀମାନେ ଘୋର ଆର୍ଥିକ ଓ ମାନସିକ ସଂକଟ ଦେଇଗତି କରୁଛନ୍ତି। ମଣ୍ଡିରୁ ତୁରନ୍ତ ଧାନ ଉଠାଣ ନହେଲେ ଆଗାମୀ ଖରିଫ୍ ଚାଷ କିଭଳି ଆରମ୍ଭ କରିବେ, ସେନେଇ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଧାନ ଉଠାଇବା ସହ ଚାଷୀଙ୍କ ସମସ୍ୟାର ସମାଧାନ କରୁ ବୋଲି ସେମାନେ ଦାବି କରିଛନ୍ତି। ଏ ବିଷୟରେ କାଶୀବାହାଲ ପାକ୍ସ ସମ୍ପାଦକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ସୃଜନିକା

ସକାଳ
THE SAKALA
www.sakalaepaper.com





# ଉଡ଼ାଣ

ଡ. ସ୍ମୃତି ପଟ୍ଟନାୟକ

ନିରୋଦ ବାବୁ ରବିବାର ଦିନ ସଂଧ୍ୟାରେ ମହାନଦୀ ବିହାରର ଜଗନ୍ନାଥ ଉଦ୍ୟାନରେ ବୁଲୁଥାନ୍ତି, ସୋହମ୍ ତା' ସାଙ୍ଗ ରବିନ୍ ସହ ସିମେଣ୍ଟ ବେଞ୍ଚ ଉପରେ ବସି ଗପସପ କରୁଥାଏ। ନିରୋଦ ବାବୁଙ୍କୁ ଦେଖି ଅଙ୍କଲ୍ ନମସ୍କାର କହି ପୁଣି ଗପସପରେ ମନ ଦେଲା। କିଛି ସମୟ ପାର୍କରେ ଚାଲିବା ପରେ ନିରୋଦ ବାବୁ ଜଗନ୍ନାଥ ମନ୍ଦିର ଗଲେ। ମନ୍ଦିରରେ ଆଳତି ହେଉଥାଏ। ଲୋକଗହଳି ଥାଏ। ନିରୋଦ ବାବୁ ଗୋଟାଏ କୋଣକୁ ଛିଡ଼ା ହେଇଥିଲେ।

ଆଳତି ସରିଲା ପରେ ଠାକୁରଙ୍କ ଚନ୍ଦନ ତୁଳସୀ ପାଇ ଆସିଲା ବେଳକୁ ଗେଟ୍ ସାମ୍ନାରେ ଚାହା ଦୋକାନୀ ରାମୁ କହିଲା "ସାର୍ ନମସ୍କାର, ଆପଣଙ୍କୁ ଦେଖି ଅଦା ପକା ଚା' କରିଛି।" ରାମୁର ଚା' ସ୍ୱାଦ ନିଆରା, ଯିଏ ଥରେ ପିଇଛି ସେ ତା' ଚା' ପ୍ରେମରେ ପଡ଼ିବା ଥୟ। ସୋହମ୍ କେତେବେଳେ ଏକୁଟିଆ ଆସି ତାଙ୍କ ପାଖରେ ଛିଡ଼ା ହୋଇ ସବୁ କଥା ଶୁଣୁଥିଲା,ରାମୁ ଖୁସିରେ କହୁଥାଏ "ସାର୍ ଜାଣିଛନ୍ତି ଗୋଟିଏ ଭଲ ଖବର ଆପଣ ଶୁଣିଲେ ବହୁତ ଖୁସି ହେବେ। ଆପଣ ତ ଆସୁନଥିଲେ କିଛିଦିନ ହେଲାଣି, ମୁଁ ଆପଣଙ୍କୁ ବହୁତ ମନେ ପକାଉଥିଲି।"

ନିରୋଦ ବାବୁ କହିଲେ "ଚାକିରିରୁ ଅବସର ନେଲା ପରେ ମୁଁ ଏଠି ନଥିଲି କିଛିଦିନ ହେଲାଣି ଗାଁକୁ ଯାଇଥିଲି ମାସେ ରହିକି ଆସିଲି। ଗାଁରୁ ଆସିବାକୁ ଇଚ୍ଛା ହଉନଥିଲା। ବହୁତ ଭଲ ଲାଗୁଥିଲା ଗାଁର ପରିବେଶ ତା' ସହ ଗାଁ ଲୋକଙ୍କ ଅକୁଣ୍ଠିତ ସ୍ନେହ ଶ୍ରଦ୍ଧା, କିନ୍ତୁ ତମମାନଙ୍କ କଥା ସବୁ ମନେ ପଡ଼ିବାରୁ ଆସିଲି, ପୁଣି ଫେରିଯିବି, ଗାଁରେ ଗୋଟିଏ ବୈଷୟିକ ବିଦ୍ୟାଳୟ ଖୋଲିଛି। ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛି। କିଛି ଗୋଟାଏ ନୂଆ କାମ କଲେ ଭଲ ଲାଗିବ।" ନିରୋଦ ବାବୁ ଖୁବ୍ ପ୍ରଗଲ୍‌ଭ ହୋଇ ପଡୁଥିଲେ।

ପ୍ରକୃତିସ୍ଥ ହେଲା ପରେ ପଚାରିଲେ "ଆରେ ରାମୁ କ'ଣ ଖୁସି ଖବର କହିବ କହୁଥିଲ, ଏବେ କୁହ।" ରାମୁ କହିଲା "ସାର୍ ମୋ ସାନ ଭାଇ ଏଥର କ୍ଲାଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେଇଛି। ଏବେ ସେ ନ୍ୟାସନାଲ୍ ଲ' ବିଶ୍ୱବିଦ୍ୟାଳୟରେ ଆଡ୍‌ମିସନ ନେଇପାରିବ।"

"ଆରେ ବାଃ ବହୁତ ଖୁସି ଖବର।"

ରାମୁ କହିଲା "ସାର୍! କରୋନାରେ ଆକ୍ରାନ୍ତ ହୋଇ ବାପା ଓ ବୋଉ ଦୁହେଁ ଆଗ ପଛ ହୋଇ ଚାଲିଗଲେ, ରହିଗଲୁ ସାନ ଭାଇ ଓ ମୁଁ।"

"ତମର ପରିଶ୍ରମ ଓ ସଚ୍ଚୋଟପଣିଆ ଯୋଗୁଁ ସବୁ ସମ୍ଭବ ହେଇପାରିଲା।"

ରାମୁ କହିଲା "ସାର୍ ମୋର ଗୋଟିଏ ଛୋଟିଆ ଅନୁରୋଧ ରଖିବେ। ଦୁଇ ବର୍ଷ ହେବ ମୋ' ବାହାଘର ହେଇଛି ବେଟର୍ ହାପ୍ ଲିଲିମାର ଭାରି ଇଚ୍ଛା, ଏଇ ଖୁସିରେ ଆମର ଶୁଭାକାଂକ୍ଷୀମାନଙ୍କୁ ଘରକୁ ଡାକି ଏକ ଟି' ପାର୍ଟି ଦେବା ପାଇଁ। ଆପଣ ଯଦି କିଛି ନ ଭାବନ୍ତି ଆସନ୍ତାକାଲି ସଂଧ୍ୟାବେଳେ ମ୍ୟାଡାମ୍‌ଙ୍କୁ ନେଇ ଆମ ଘରକୁ ନିଶ୍ଚୟ ଆସିବେ। ସାନଭାଇକୁ ଆଶୀର୍ବାଦ କରିବେ।" ରାମୁ ଇମୋସନାଲ୍ ହେଇଯାଉଥିଲା। ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା।

ନିରୋଦ ବାବୁ କହିଲେ "ଏତେ ବଡ଼ ଖୁସି କଥା, ମୁଁ ମ୍ୟାଡାମ୍‌ଙ୍କ ସହ ଆସିବି, କଥା ଦେଲି ତମକୁ।"

ସୋହମ୍ ନୀରବ ହୋଇ ସେମାନଙ୍କ କଥୋପକଥନ ଶୁଣୁଥିଲା, ସେ କହିଲା "ଅଙ୍କଲ୍ ମୋର କ'ଣ ଇଚ୍ଛା ଅଛି ଜାଣନ୍ତି? ମୁଁ ଚାହୁଁଛି ପରିବେଶ ବିଜ୍ଞାନ ବିଷୟ ନେଇ ପଢ଼ିବି, ଭବିଷ୍ୟତରେ ଗବେଷଣା କରି ଲୋକମାନଙ୍କ ମନ ଭିତରେ ପରିବେଶ ପ୍ରତି ସଚେତନତା ଭାବ ସୃଷ୍ଟି କରିବି।"

"ବହୁତ ଭଲ କଥା।"

"ହେଲେ ଅଙ୍କଲ୍ ମୋ ମମି ଓ ପାପାଙ୍କର ଲକ୍ଷ୍ୟ ମୁଁ ନିଟ୍ ପରୀକ୍ଷାରେ କେମିତି ଭଲ ନମ୍ବର ରଖି ସରକାରୀ ମେଡିକାଲ୍ କଲେଜରେ ସିଟ୍‌ଟିଏ ପାଇବି। ବୋର୍ ହେଇଗଲିଣି, ଆଉ ପାରିବିନି, ଏଥର ମୋର ସେକେଣ୍ଡ ଚାନ୍‌ସ ଥିଲା। ହେଲେ ପ୍ରଶ୍ନ ପତ୍ର ଲିକ୍ ହେବା କାରଣରୁ ଆଉ ଥରେ ପରୀକ୍ଷା ହେବ। ମୋର ଆଉ ଥରେ ଦେବାକୁ ଜମାରୁ ଇଚ୍ଛା ନାହିଁ, ହେଜିଟେସନ୍ ଆସୁଛି, ମେଣ୍ଟାଲ୍ ଡିପ୍ରେସନ୍‌ରେ ରହୁଛି, କ'ଣ କରିବି ଜାଣି ପାରୁନି?"

ନିରୋଦ ବାବୁ କହିଲେ, "ଆଚ୍ଛା ଯାହା ତୋର ଲକ୍ଷ୍ୟ ତୁ ସେଇଆ କରିବୁ।"

"ଅଙ୍କଲ୍ ଆପଣ ବହୁତ ଭଲ, ଆପଣ ଆମ ଘରକୁ ନିଶ୍ଚିତ ଆସିବେ।"

ନିରୋଦ ବାବୁ ତାକୁ ପ୍ରତିଶ୍ରୁତି ଦେଲେ, ଗୋଟିଏ ଗଳିରେ ଦୁହିଁଙ୍କ ଘର। ତାପରେ ସୋହମ୍ ତାଙ୍କ ଘରକୁ ଗଲା। ରାତି ନଅଟା ହେଇଯାଇଥିଲା। ପତ୍ନୀ ବୀଣାଙ୍କୁ ଡିନର୍ ବେଳେ ସବୁ କହିଲେ। ରାତିରେ ଭଲ ନିଦ ହେଇନଥିଲା ନିରୋଦ ବାବୁଙ୍କୁ ସୋହମ୍ କଥା ଭାବୁଥିଲେ, ଆଜିକାଲି ବାପାମାଆମାନେ ନିଜପିଲାର ଇଚ୍ଛା ଅନିଚ୍ଛାକୁ ଚିନ୍ତା ନକରି ହାଇଲି ଆମ୍ବିସିଅସ୍ ହେଉଛନ୍ତି। ତା'ର ଫଳାଫଳ ପ୍ରତିଦିନ ଦେଖିବାକୁ ପଡୁଛି। ସକାଳୁ ଟିକିଏ ନିଦ ଲାଗିଯାଇଥିଲା,ବୀଣାଙ୍କ ପାଟିରେ ଉଠି ବସିଲେ। "କ'ଣ ହେଲା ?" ବ୍ୟସ୍ତ ହେଇ ପଚାରୁ ଥିଲେ ନିରୋଦ ବାବୁ।

"ସୋହମ୍ କାଲି ରାତିରେ ଅଧିକ ସ୍ଲିପିଂ ଟାବ୍‌ଲେଟ୍ ଖାଇ ଶୋଇ ପଡ଼ିଥିଲା। ତା'ର ପାପା ଜାଣିଲା ପରେ ତାକୁ ଆମ୍ବୁଲାନ୍ସରେ ଏବେ ହସ୍‌ପିଟାଲ୍ ନେଇକି ଗଲେ।

"କୋଉ ହସ୍‌ପିଟାଲ୍?"

"ଶକ୍ତି ହସ୍‌ପିଟାଲ୍।"

ନିରୋଦ ବାବୁ ମୁହଁ ଧୋଇ ପ୍ୟାଣ୍ଟ ସାର୍ଟ ଗଳାଇ ସ୍କୁଟିରେ ଯାଇ ପହଞ୍ଚିଲେ ହସ୍‌ପିଟାଲ୍‌ରେ। ସେତେବେଳକୁ ସୋହମ୍‌ର ଚେତା ଆସି ଯାଇଥିଲା, ଡାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟା ଯୋଗୁଁ ବିପଦ ସମୟ ଟଳି ଯାଇଥିଲା। ସାଲାଇନ୍ ଓ ଇଞ୍ଜେକ୍ସନ୍ ଚାଲିଥାଏ। ସୋହମ୍ ଜୁଳୁଜୁଳୁ କରି ଅନାଇଲା। କଥା କହି ପାରୁନଥାଏ। ନିରୋଦ ବାବୁ ତା' ପାଖରେ ବସିଲେ ତା' ମୁଣ୍ଡ ଉପରେ ହାତ ରଖିଲେ। ଧୀର ସ୍ୱରରେ କହିଲେ "ତୋର ଯାହା ଲକ୍ଷ୍ୟ ଅଛି ତାହା ନିଶ୍ଚୟ ପୂରଣ ହେବ। ଏଥିରେ କେହି ବାଧା ଦେବେନି। ମୁଁ ତୋତେ କଥା ଦେଉଛି।"

ସୋହମ୍ ମୁହଁରେ ହସର ରେଖାଚିତ୍ର ଫୁଟି ଉଠୁଥିଲା। ଦିନସାରା ବିତି ଯାଇଥିଲା ନିରୋଦ ବାବୁ ସୋହମ୍ ପାଖରେ ଥିଲେ। ସଂଧ୍ୟା ସାତଟାରେ ମୋବାଇଲ୍‌ରେ ରାମୁର ମେସେଜ୍ "ସାର୍ ଆସନ୍ତୁ ପ୍ଲିଜ୍। ସମସ୍ତେ ଆସିଗଲେଣି। ଆପଣଙ୍କ ଅପେକ୍ଷାରେ।" ନିରୋଦ ବାବୁ ଉତ୍ତର ରଖିଲେ "ରାମୁ ତୁମେ ଆରମ୍ଭ କର ପାର୍ଟି, ମୋର ଶୁଭେଚ୍ଛା ଓ ଶୁଭକାମନା ରହିଲା, ଉଡ଼ାଣ ଜାରି ରହୁ ଦେଖା କରି ସବୁ ଘଟଣା କହିବି।"

ସୋହମ୍ କଥା କହୁଥିଲା। ପାଣି ପିଇବ ବୋଲି କହୁଥିଲା। ନିରୋଦ ବାବୁ ତା' ମୁଣ୍ଡ ଆଉଁଷି ଦେଉଥିଲେ। କହିଲେ ସୋହମ୍ "Whatever you are, be a good one"। ପାଖ ମନ୍ଦିରର ଘଣ୍ଟ ଧ୍ୱନି ଶୁଭୁଥିଲା। ତା'ର ମମି, ପାପା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରୁଥିଲେ...।

ମହାନଦୀ ବିହାର, କଟକ
ମୋ: ୯୯୩୮୪୪୦୯୪୯

## ପୁସ୍ତକ ପରିଚୟ

### କୀର୍ତ୍ତିକଥା

ଶ୍ରୁତକୀର୍ତ୍ତି ତ୍ରିପାଠୀ





ଶବ୍ଦସ୍ପର୍ଶ
ଆଇ.ଆର୍.ସି. ଭିଲେଜ୍
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ସାଂପ୍ରତିକ ସମାଜର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'କୀର୍ତ୍ତିକଥା' ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'କ୍ଷୁଧା ଓ ଖାଦ୍ୟ ଅପଚୟ', 'ମହତ୍ତ୍ୱ ହରାଉଛି ପର୍ବପର୍ବାଣି', 'ଜହର ଜାଲରେ ଯୁବପିଢ଼ି', 'ବଢୁଛି ଅସମାନତାର ଗ୍ରାଫ୍', 'ନିଜ ଅଧିକାର ପ୍ରତି ସଚେତନତା', 'ସ୍ୱାଧୀନତା ପ୍ରାପ୍ତିର ସ୍ୱପ୍ନ ଏବେ ବି ଅପୂରଣୀୟ', 'ପୁରୁଷ ଭଳି ହେବ କାହିଁକି?', 'କାହିଁକି ବଢୁଛି ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା?' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ସଚେତନତାଧର୍ମୀ ହୋଇଛି। ମାନବିକତାର ଅବକ୍ଷୟ, ଲିଙ୍ଗଗତ ବୈଷମ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପେୟ, ଆଧୁନିକ ଜୀବନ ଶୈଳୀ, ଭାଷା,ସାହିତ୍ୟ, ସଂସ୍କୃତି ଆଦି ପ୍ରସଙ୍ଗକୁ ଭିତ୍ତି କରି ଶ୍ରୁତକୀର୍ତ୍ତିଙ୍କ ପ୍ରବନ୍ଧଗୁଡ଼ିକ ରଚିତ। ପ୍ରତିଟି ପ୍ରବନ୍ଧରେ ରହିଛି ଏକ ସାମାଜିକ ବାର୍ତ୍ତା। ବିଭିନ୍ନ ସାମାଜିକ ପ୍ରସଙ୍ଗ, ଦୈନନ୍ଦିନ ଜୀବନର ସମସ୍ୟା ଓ ସମାଧାନକୁ ନେଇ ରଚିତ 'କୀର୍ତ୍ତିକଥା'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ବୋଲି ଆଶା କରାଯାଏ।

### ଜୀବନ ସଞ୍ଜ

ଡକ୍ଟର ମାନସୀ କର




ଅପୂର୍ବା
ୟୁନିଟ୍ -୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

ନିକଟରେ ପ୍ରକାଶ ପାଇଛି ଡକ୍ଟର ମାନସୀ କରଙ୍କ 'ଜୀବନ ସଞ୍ଜ' କବିତା ପୁସ୍ତକ। ଏହି ପୁସ୍ତକରେ ସଂକଳିତ 'ପିତୃତ୍ୱ', 'ହଜି ଯାଇଛି ମାଆ', 'ଗାଁ ମାଟି ମାଆ', 'ଏକାକୀତ୍ୱ', 'ଏକଲାପଣ', ' ଅବ୍ୟକ୍ତ', 'ଜୀବନ ସଞ୍ଜ', 'ଜଗନ୍ନାଥ ପ୍ରାଣ', 'ବାର୍ଦ୍ଧକ୍ୟର ବେଦନା', 'ସମର୍ପିତା ନାରୀ', 'ସ୍ମୃତିରେ ଅତୀତ', 'ବର୍ଷା', 'ଶୀତ', 'ପିତା ଈଶ୍ୱର', 'ଘର', 'ଠିକଣା', 'ମାଟିର ବାସ୍ନା', ମାଟି ମାଆର ଠିକଣା', 'ଆବେଗ', 'ବାପା' 'ଆଦି କବିତା ମନଛୁଆଁ ହୋଇଛି। 'ଜୀବନ ସଞ୍ଜ' ପୁସ୍ତକର କବିତାଗୁଡ଼ିକରେ ଜୀବନର ନାନା ଦୁଃଖ, ଯନ୍ତ୍ରଣା, ଆଶା, ନିରାଶା, ଈଶ୍ୱର ବିଶ୍ୱାସ, ପ୍ରକୃତି ପ୍ରୀତି, ମାନବୀୟ ଭାବାବେଗ, ସାମାଜିକ ବାସ୍ତବତା ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ସେହିପରି ନାରୀ ଜୀବନର ଅନେକ ଅକୁହା କଥା, ବ୍ୟଥା ଓ ଆବେଗ କେତେକ କବିତାରେ ହୃଦୟସ୍ପର୍ଶୀ ଭାବେ ପ୍ରତିଫଳିତ ହୋଇଛି। କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଓ ବୋଧଗମ୍ୟ ଭାଷା, ଉପସ୍ଥାପନା ଶୈଳୀ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

## ପୁଅ ଫେରିଚି

ପ୍ରେମାନନ୍ଦ ଖଣ୍ଡୁଆଳ



କିଛି ପଚାରନି ପୁଅକୁ
ଧାନଉଁଷା ହାଣ୍ଡି ପରି ଏଡ଼େ ମୁହଁକରି
ବସିଥାଉ ବାରିପିଣ୍ଡାରେ
ଯା ଯେଝା କାମରେ ଯିଏ।

କିଏ କହୁଥିଲାକି ହରିଣ ଧରିବାକୁ
ଧାଁ ବଡ଼ ଖରା
ନିଦ ଖର୍ଚ୍ଚ କରି ଗଢ଼ ଇନ୍ଦ୍ରପୁରୀକୁ ରାସ୍ତା
ଡେଇଁ ଛିଣ୍ଡେଇ ଅଣ୍ଟି ଭର୍ତ୍ତି କର
ଆକାଶ କଇଁଆ!
ଏବେ କହିବୁ ଭାଗ୍ୟ ଦୋଷ
କାହିଁକି କଷ୍ଟ ଦଉଚ ଜଗନ୍ନାଥ
ଗଲା ଜନ୍ମରେ ବାପ, ମା'ଙ୍କ ନାଇଁ କର୍ମଫଳ
ଏ ଜନ୍ମରେ ଜୀବନ ଯାବତ ଜଞ୍ଜାଳ।

ଏବେ ମନକୁ ବୁଝା ବୁଝା ନୁର ବୋଉ
ବାରଣା ପଛକେ ଚାରଣା ହଉ
ପୁଅ ତ ଫେରିଚି ଘରକୁ,
ବିଲ୍ ପଇସା ନପାଇ ବିଜୁଳି କାଟିଚି
ଇଲେକ୍ଟ୍ରି ବାଲା କାଟୁ
ଛ' ମାସ ହେଲା ରାସନ କାର୍ଡ
ବନ୍ଧା ପଡ଼ିଚି ରତନା ଗୁଡ଼ିଆ ଘରେ ପଡ଼ିଥାଉ
ଦଶଥର ଦୁଆରକୁ ଆସି
ଧାର୍ ଟଙ୍କା ମାଗିଲାଣି ବିଶିଆ ରାଉତ

କୋଉ ଗୁଣିଆ ଫୁଙ୍କାରେ
ଗାଈ ଦୁଧ ବଦଳରେ ଦଉଚି ନହୁ
ମାଈ ବାଛୁରୀଟା ଝଡ଼ି ହେଲାଣି କଣ୍ଟା,
କବାଟକୁ ଆଉଜି ବସିଚି ପାଚିଲା ତାଳ
ବାପା ଗଲାଦିନରୁ ଆମ ମୁଣ୍ଡରେ ପାହାଡ଼।

ଯା' ନୁର ଉଠ୍
ଭଲ ବୋଲି ଯା' ସାଙ୍ଗରେ ଗଲୁ ସୁରଟ
ସିଏ ନିଗାଡ଼ି ପିଇଲା ତୋ ଝାଳ
ଛାଡ଼ ଛାଡ଼,
ଏବେ ହିଡ଼କୁ ଛୁଇଁ ନାଚୁଛି ପାଣି
ହାଣ୍ଡି ଫଟେଇ ସପ୍ନ ମାରିବ ଗଜା
କମରରେ ଗାମୁଛା କଷିଲେ
ଲାଉ ହେବେ ଲକ୍ଷ୍ମୀ ସା'ନ୍ତାଣୀ
ବାଦଲ ଫାଙ୍କରୁ ତୋ ଆଡ଼େ
କଣେଇ ଚାହିଁଲାଣି ସୂର୍ଯ୍ୟ ଦେବତା।

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୬୬୫

## ମୁଁ ଡେରି କରେନା

ଅୟସ୍‌କାନ୍ତ



ମୁଁ ଡେରି କରେନା
ଡେରି ହୋଇଯାଏ
ମୋତେ ସତେ ରୋକେ କିଏ?
କମା, ଆଶ୍ଚର୍ଯ୍ୟଜନକ ଚିହ୍ନ କିଏ?
ମୁଁ ଯେ ଘାୟଲ କମା
କି ପଙ୍ଗୁ ପୂର୍ଣ୍ଣଚ୍ଛେଦକୁ ଡରେନା
ସ୍ୱୟଂ ସମ୍ପୂର୍ଣ୍ଣ ବାକ୍ୟ ହେବାକୁ
ଚେଷ୍ଟା କରୁଥାଏ
ସମୟର ତାଳ ମାନ ଲୟ ସହ
ତାଳ ମିଳେଇବାକୁ ମୋର ସାମର୍ଥ୍ୟ କାହିଁ!
ତମେ ବ୍ୟସ୍ତ
ଅନ୍ୟମାନେ ବି
ହେଲେ ମୋ ପାଇଁ ଅପେକ୍ଷା କରନା
ମୁଁ ନିଶ୍ଚିତ ପହଞ୍ଚିଯିବି
କେହି ହୁଏତ ନଥିବେ
କୁଆ କୋଇଲି କେହିବି
ତଥାପି ପହଞ୍ଚିବି
ତମେ ଦୋଷ ଦବନି ମୋତେ
ଏମିତି ହିଁ ହୁଏ
ମୁଁ ଡେରି କରେନା ମ'
ଡେରି ହୋଇଯାଏ

ମୋତେ ଛକିଥିବ ଡୁଙ୍ଗଡୁଙ୍ଗ ଗୁଣ୍ଡୁଚି
କୁନି କଉତୁକିଆ ବାଛୁରୀ
ଆମ୍ବଗଛରୁ ଖତେଇ ହେଉଥିବା
ପୋଡ଼ା ମୁହାଁ ହନୁ
ହଠାତ୍ ସାଇକେଲରୁ ଖସି ପଡ଼ିଥିବା
କୁନି ପିଲା
ହଁ ସେ ସବୁ ଛାଡ଼ି ଯିବି କେମିତି
ଏଣେ ଖରା ସହ ତାଳଦେଇ
ଧାଇଁ ପାରୁନି ମେଘର ଛାଇ
ବରଗଛ ତଳେ ବିଶ୍ରାମ କରୁଛି
ଅନେକ ଜୀବର ହାଇ
ମୁଁ କେମିତି ଯିବି ଏ ସବୁ ଏଡ଼େଇଯାଇ
ମୋ ଛାଇ ସହ ଏ ସବୁ ବିଷୟରେ
ଆଳାପ ଚାଲୁଥାଏ
ମୁଁ ଡେରି କରେନା, ଡେରି ହୋଇଯାଏ

ଆସ୍ତେ ଚାଲେ
ପାଦ ତଳେ ମକଚି ହୁଏ କଣ୍ଟା ଝଟା
ଫୁଲ ପାଖୁଡ଼ା ପ୍ରଜାପତି ପର
କିଛି ଫିକା ପଡ଼ିଥିବା ଦସ୍ତଖତ
ଏ ସବୁ ଥରେ ନିରେଖି ନିଏ

ତମେ ଭାବନା ମୁଁ ଭୁଲିଗଲି
ନା ଭୁଲିବି କେମିତି
ଜୀବନର ଶ୍ରେଷ୍ଠ ଭୁଲ୍‌କୁ
ଭଲ ପାଇବାର ଭୁଲ୍
ଯୁଗ ଯୁଗ ପାଇଁ ମଣିଷ ଏ
ଭୁଲ୍ କରେ ଓ କରୁଥାଏ
ବିଶ୍ୱାସ କର
ମୁଁ ଡେରି କରେନା ମ'
ଡେରି ହୋଇଯାଏ!

ମୋ: ୮୭୬୩୩୯୩୧୧୬

ମୁଁ କାହିଁକି ଲେଖେ

# "ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍"



ସୁଶାନ୍ତ କୁମାର ନାୟକ

ଅନେକ ପ୍ରଶ୍ନର ଉତ୍ତର ଅମୀମାଂସିତ। ଜୀବନ ପାଇଁ ଜୀବନର ପ୍ରଶ୍ନ ଯେତିକି ଦୁରୂହ, ପ୍ରେମ ପାଇଁ ପ୍ରେମର ପ୍ରଶ୍ନ ସେତିକି ଗୋଲକଧନ୍ଦାର ବିଷୟ। କାହିଁକି ନିଦାଘରେ କୃଷ୍ଣଚୂଡ଼ା ଫୁଟେ, ଗହୀର ମଝିରେ ଏକଲା ତାଳଗଛରେ କାହିଁକି ବାଇ ଚଢ଼େଇ ତା' ବସାରେ ଦୋଳି ଖେଳେ, ବଣ ପାରିହେଲେ ବେଣାପାଟ ସେପାଖେ କାହିଁକି ସବୁଜିମା ଦେଖାଯାଏ, ନିରନ୍ତର ଚଞ୍ଚଳ ଗତିରେ ତଟିନୀ ସମୁଦ୍ରକୁ ଛୁଇଁବାକୁ ପ୍ରୟାସ କରେ, କାହିଁକି ଫୁଲଟି ବୃନ୍ତରୁ ଝଡ଼ି ମାଟିରେ ମିଶିଯାଏ, କାହିଁକି ମେଘକୋଳରେ ବିଜୁଳିର ସ୍ଫୁରଣ ହୁଏ, କାହିଁକି ଶୂନ୍ୟ ପାଇଁ ପୂର୍ଣ୍ଣଟିଏ ଝୁରିହୁଏ, ବିଦେଶରେ ରହିଥିବା ପୁଅ ପାଇଁ ମାଆଟିଏ କାହିଁକି ଘାରିହୁଏ; ଏହି ଘାରିହେବା ଏବଂ ଘୂରିବା ମୋ ଭିତରେ ଆନ୍ଦୋଳିତ ସୃଜନ ଶକ୍ତିର ଆଧାର।

ବିଧବା ଆଖିର ଲୁହରେ ମୁଁ ଦେଖେ ସାତ ଦରିଆର କୋହ, ଅନୁଢ଼ା କିଶୋରୀର ମୁହଁରେ ମୁଁ ଦେଖେ ଭସା ମେଘରେ ଲୁଚକାଳି ଖେଳୁଥିବା ଜହ୍ନକୁ, 'ନାଆ ବାହି ସେ ପାଖକୁ ବଜାରି ନେଇ ଯାଉଥିବା ଡଙ୍ଗାକୁ ମୁଁ ପଚାରେ ସମୁଦ୍ରର ଠିକଣା। ମାଛ କାତିଆ ଆକାଶ ତଳେ ଲୁଚକାଳି ଖେଳୁଥିବା ପବନକୁ ମୁଁ ପଚାରେ ଖଣ୍ଡିଉଡ଼ା ପକ୍ଷୀର ଠିକଣା। ବାଟବଣା ବାଟୋଇର ଆଖିରେ ମୁଁ ଦେଖେ ନିଦାଘର ମରୀଚିକା। ଗାଁ ମଝି ମନ୍ଦିରରେ ଯେତେବେଳେ ଘଣ୍ଟଘଣ୍ଟା ଆଳତିର ଶବ୍ଦ ଶୁଭେ, ସେତେବେଳେ ମନେପଡ଼େ ବୋଉ। କ୍ଷେତରୁ ଫସଲ ଉଠିଲା ଦିନ ପେଟେ ଖାଇ ଘରକୁ ଫେରିଲା ପରେ ମନେ ପଡ଼ନ୍ତି ବାପା। କାର୍ତ୍ତିକର କାକର ଭିଜା ସକାଳେ ମୁରୁଜ ପକାରେ ମନେ ପଡ଼େ ବୁଢ଼ୀମାଆ। ଭୋକର ଭୂଗୋଳ ଭିତରେ ଲୁଚକାଳି ଖେଳିବା ଭିତରେ ଯୌବନର ଯବକାଚରେ ନିଜକୁ ଦେଖିଲାବେଳେ କେହିଜଣେ ପଛରୁ ଆସି ମୁଦିଦିଏ ଆଖି। ସେତେବେଳେ ମନେପଡ଼େ ପ୍ରେମିକା।

କାଉ କୋଇଲିର ଶବ୍ଦରେ ରାତି ନିଦ ଭାଙ୍ଗେ, ଆଖି ମଳିମଳି ଉଠିଲାବେଳକୁ ଜୀବନ ମତେ ଅଲେଖା କାଗଜ ଖଣ୍ଡେ ଧରାଇ ଦିଏ; ସେଥିରେ ବଣି, ବାଣୁଆ ଆଉ ବାଣର ଚିତ୍ର ଆଙ୍କେ। ଚିତ୍ର ଆଙ୍କିଲା ବେଳେ ମୁଁ ମୋତେ ଭୁଲିଯାଏ। ସେଇଠୁ ଆରମ୍ଭ ହୁଏ ମୋର କବିତା। ସେ ମୋର କଳ୍ପନାର ଚିତା।

ବୁଦୁବୁଦୁକିଆ ପତ୍ର ଗହଳରେ ମଳା ମଲ୍ଲିଫୁଲକୁ ଦେଖି ମୁଁ ହୁଏ ଆତ୍ମବିଭୋର। ଖରାବେଳେ ଗଛଛାଇରେ ଧକଉଥିବା କୁକୁର ମୁହଁକୁ ଦେଖି ମୁଁ ଯେତିକି ବିଷଣ୍ଣ, ଅଚିହ୍ନା ଯୋଗୀର କେନ୍ଦରାରେ ମୁଁ ସେତିକି ଆଚ୍ଛନ୍ନ। ସୃଜନର ନଈଟିଏ ଅନବରତ ବୋହି ଚାଲିଥାଏ। ମୋ ଭିତରେ ତା'ର ଖିଅ ଖୋଜିଲା ବେଳକୁ ମୁଁ ଭୁଲିଯାଏ ମୋର ପରିଚୟ ଓ ମୋର ପରିବାର। ବେଳେବେଳେ ଭୁଲ୍ ଠିକଣାରେ ଚିଠିଟିଏ ଉପଯୁକ୍ତ ପ୍ରାପକକୁ ନ ପାଇ ଯେମିତି ଫେରିଆସେ ପ୍ରେରକ ପାଖକୁ, ଠିକ୍ ସେହିପରି ମୋ ଠିକଣା ଖୋଜିଖୋଜି ବାଟବଣା ହୋଇ ଫେରିଆସେ ଅଚିହ୍ନା ଯାଗାକୁ। ପ୍ରିୟ ପରିଜନ, ଆତ୍ମୀୟସ୍ୱଜନ ସବୁବେଳେ ଅଭିନୟ ପରିଧି ଭିତରେ ବ୍ୟସ୍ତ ଓ ବିବ୍ରତ। ବୃତ୍ତ ଭିତରେ ବିନ୍ଦୁର ଠିକଣା ପରି ମୁଁ ନିଜକୁ ବାରମ୍ବାର ଆବିଷ୍କାର କରେ- ମୁଁ କିଏ? କେଉଁଠି ମୋର ଘର? ଆଉ ଯିବାକୁ ଅଛି କେତେ ଦୂର? ମାଟିର ମଲାଟ ଉପରେ ମଳିଚିଆ ହାତକୁ ଦେଖିଲେ ଖାଙ୍କଡ଼ା ପେଟର କଥା ମନେପଡ଼େ। ଭାତ ପାଇଁ ଭାଇର ବେକରେ ଭଗାରି ଛୁରୀ ମାରିଲାବେଳେ ହାଡ଼ର ହିଡ଼ ଉପରେ ଠିଆ ହୋଇ ଭାଇଭାଗର ଭାଗ ବଣ୍ଟନ ବେଳେ ମୋ ଲେଖନୀ ଅଟକିଯାଏ। ଆଖିରେ ଆସେ ଲୁହ, ମୁଁ ଲେଖେ କବିତା।

ଶୁଖି ଯାଇଥିବା ନଈରେ ତରଙ୍ଗ, ଫୁଟା ଡଙ୍ଗାର ମଙ୍ଗ, ଅନ୍ଧ ନାଉରୀର କାତ, ବେଣାପାଟର କଣ୍ଢେଇକୋଳି, ସୋରିଷ କ୍ଷେତରେ ସୁନାର ଫସଲ, ନିରବତା ଭିତରେ ହଜିଯାଇଥିବା ଗାଈଆଳର ଗୀତ, ସଦ୍ୟ ବିଧବା କପାଳରେ ଲେଖାଯାଇଥିବା ନିୟତି, ଦୃଶ୍ୟଅଦୃଶ୍ୟ ଭିତରେ ତରଙ୍ଗାୟିତ ଜୀବନର ପରିଣତି ମୋ କବିତାର କାନ୍‌ଭାସ୍। ଶିଉଳି ଲଗା ପଥରରେ ଅଚିହ୍ନା ନାରୀ ପାଦର ପାହୁଡ଼, ଅବାଟରେ ପଡ଼ିଚି ଅଚିହ୍ନା ଶବର ହାଡ଼, ଗାଆଁ ଶେଷ ମଶାଣିରେ କୁଢ଼କୁଢ଼ ମଡ଼, ଆସ ଶୀଘ୍ର ଯିବା ପଡ଼ିଯିବ ମନ୍ଦିର ପହଡ଼, ଭଙ୍ଗା ଦେଉଳର ଦିଅଁ, ଅକ୍ଷର ଅରଣ୍ୟ ଭିତରେ ଲୁଚିଥିବା କବିତାର ଧାଡ଼ିଟିଏ, ତାକୁ ଆବିଷ୍କାର କଲାବେଳକୁ ଦିନସବୁ ସରିଯାଏ।

ସାଧବବୋହୂକୁ ଦିନେ ପଚାରିଲି- ମାଟିର ରଙ୍ଗରେ ଏତେ ରଙ୍ଗାୟିତ କାହିଁକି? ନିରବରେ ଉତ୍ତର ଦେଲା- ଅଦୃଶ୍ୟ ଯେମିତି ମତେ ସଜେଇଲା ସେମିତି ମୁଁ ମାଟିର କୋଳରେ ଉଭା ହେଲି। ଆକଟର ଫାଟକ ପାଖରେ ଠିଆ ହେଇଥିବା ମଣିଷଟି ପରିଧି ବାହାରକୁ ଯାଇପାରେନା, ଯିବାକୁ ଚେଷ୍ଟା କଲେବି ଅଦୃଶ୍ୟ ବନ୍ଧନରେ ବାନ୍ଧି ହୋଇଯାଏ। ପ୍ରତ୍ୟେକ ବ୍ୟକ୍ତି ଅଦୃଶ୍ୟ ବନ୍ଧନରେ ବନ୍ଧା। ମନମୁକ୍ତ ଆକାଶର ବିହଙ୍ଗର ଦେହ, ଗୋଟିଏ ଜାଗାରେ ଥିଲାବେଳେ ମନ ଆଉ ଗୋଟିଏ ଜାଗାରେ ଥାଏ। ମନର ମାନସିକତା ଓ ଦେହର ଦୈହିକତା ଏକାକଥା ନୁହେଁ। ମନକୁ ଜାଣେ ମାନସୀ। ମାନସୀର ପେଡ଼ିରେ ପୂଜା ପାଉଥିବା ମଇନା ଦିନେ ପେଡ଼ି ଭାଙ୍ଗି ଅଜାଣତରେ ଚାଲିଯିବ, ଏକଥା ମନର ମାନସୀ ଜାଣେନା, ବିଶ୍ୱାସ ଥାଏ ନିଃଶ୍ୱାସ ନଥାଏ। ନିଅାଁର ନଈ ଭିତରେ ନାବିକ ନାଆ ଧରି ଚାଲିଥାଏ। କେଉଁଠି କାହାକୁ ଭେଟିବ ସେ ଜାଣେନା। ହେଣ୍ଟାଳ ବନରେ ବାଘ, ଅଗାଧ ଜଳରେ କୁମ୍ଭୀର, ପରିବେଶ ଭୟଙ୍କର, ତଥାପି କାବ୍ୟନାୟକକୁ ବାହିବାକୁ ହେବ ନାଆ। ନାଆ ଟଳମଳ, ଅଗାଧ ଜଳ। ଜଣାପଡୁ ନାହିଁ ଥଳକୁଳ। ସେ ପାଖରେ ଘର, ଏ ପାଖରେ ମନ୍ଦିର, ମଝିରେ ଶ୍ମଶାନ ସୁନ୍ଦର। ମଶାଣି ଫେରା ମଣିଷମାନଙ୍କୁ ପଚାର ଜୀବନ ଜୀଇଁବାର ଉତ୍ତର।

ଶବ୍ଦ ଖେଳର ସବୁଜ ସନ୍ନ୍ୟାସୀଟି ମୁଁ। ଭାବକୁ ନେଇ ଶବ୍ଦ ଖୋଜୁଖୋଜୁ ଭୋକକୁ ଭୋକରେ ମାରି ଲୁହ ବତୁରା ଆକାଶରେ ମୁଁ ଶ୍ରାବଣକୁ ଦେଖେ। କେଉଁଠି ଚିଲ, କେଉଁଠି ଛଞ୍ଚାଣ ସବୁକଥା ଭୁଲିଯାଏ। ନିରୀହ ଚାତକର ଶୋଷକଥା ମନେପଡ଼େ। କବିତା ଲେଖିବସେ। ସେ ଆସିଲାବେଳେ ମୋ ଭିତରେ ମୁଁ ନଥାଏ। ଆକାଶକୁ ପାଦଟେକି ବାଉଳା ପବନରେ ଗୀତ ବୋଲୁଥାଏ। ଘୂର୍ଣ୍ଣିଟିଏ ଝଡ଼ର ରୂପନେଲା ପରି ଭାବଟିଏ କବିତାରେ ରୂପନିଏ। କବିତା ମୋ ପ୍ରେୟସୀ, କବିତା ମୋ ମାନସୀ। ଯାହା ପାଇଁ ମୁଁ ଭୁଲିଯାଏ, ଦିନରାତି ଦୁଃଖରାଶି। ସେ ମୋ ହାତରେ ଧରେଇଦିଏ ବଂଶୀ, ବଂଶୀରେ ଧୂନ୍ ଦେଲାବେଳକୁ ସେ ନ ଥାଏ ମୋ ପାଖରେ। ମୁଁ ସତର୍କ ହେଲାବେଳକୁ କେହି ଜଣେ ଆସିଥିଲା, ବଂଶୀଟିଏ ନେଇଗଲା ମୁଁ ଜାଣେନା- ସେ ନ ଜାଣିବା ସୂତ୍ରଟି ମୋର କବିତା।

ତାରା ଭର୍ତ୍ତି ଆକାଶ ଭିତରେ ସଞ୍ଜୁଆ ତାରାକୁ ଖୋଜିବାକୁ ଚେଷ୍ଟା କରେ। ସଞ୍ଜୁଆ ତାରାଟି ଗୋଠ ବାହୁଡ଼ା ଗାଈ ପଛେପଛେ ଆସିଥାଏ। ଗାଈ ଖୁରାରୁ ଛିଟିକି ପଡ଼ିଥିବା ଧୂଳିରେ ମୋ ପୃଥିବୀକୁ ମୁଁ ଆବିଷ୍କାର କରେ। ଘାସଫୁଲର ଲୁହ ଭିତରେ ଅଗଣିତ ଜନତାର ଦୁଃଖକୁ ମୁଁ ଚିହ୍ନେ, ରଫ୍‌ଖାତାରେ ଲୁଚିଯାଇଥିବା ପେନ୍‌ସିଲ୍‌ର ଗାର ମୋର ଅତୀତ। ଭଙ୍ଗାକାଚ ବିଛା ରାସ୍ତାରେ ଚାଲୁଥିବା ଜୀବନ ବର୍ତ୍ତମାନ। ପରିତ୍ୟକ୍ତ କୂଅର ଅନ୍ଧାର ପରି ମୋର ଭବିଷ୍ୟତ। ଯୁଦ୍ଧର ଘନଘଟା ବିଭୀଷିକା ଭିତରେ ଛିଣ୍ଡା ଦଉଡ଼ିରେ ଦୋଳି ଖେଳୁଥିବା ଜୀବନ, ଶୂନ୍‌ଶାନ ମଶାଣିରେ ଜଳୁଥିବା ଜୁଇକୁ ପଚାରେ ଜୀବନ କ'ଣ ସୁନ୍ଦର? ସବୁବେଳେ ପଢ଼ିପାରେନା ମୋ ନିଜ ହାତଲେଖା ଅକ୍ଷର। କବିତାରେ ସମୟର ସ୍ୱାକ୍ଷର।

ନିରବଚ୍ଛିନ୍ନ ଅବସୋସ ମୋର ଭାବକୁ ଶବ୍ଦରେ ପ୍ରକାଶ କରେ। ଶବ୍ଦ ସବୁ ହୋଇଯାଏ ଅଦୃଶ୍ୟ ଈଶ୍ୱରୀ। ଦେହ ଭୁଲିଯାଏ ପାଟ ପୀତାମ୍ବରୀ। ଲେଖନୀ ହୃଦୟରେ ସଂଚାର କରେ ଚେତାବନୀ। ମୋର ଧମନୀରେ ସ୍ପନ୍ଦିତ ହୁଏ ସୃଜନର ସଞ୍ଜୀବନୀ।

ପଞ୍ଚବଟୀ ନଗର, ୨ୟ ଲେନ୍
ରାୟଗଡ଼-୭୬୫୦୦୧
ମୋ: ୭୬୦୮୦୨୫୬୧୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ୯ ଜିଲ୍ଲାରେ...

ସୋନପୁରରେ ୫୨ ମିଲିମିଟର, ଭଦ୍ରକରେ ୪୦.୨ ମିଲିମିଟର ବର୍ଷା ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତାକାଲି ଅର୍ଥାତ୍ ରବିବାର ବରଗଡ଼, ସମ୍ବଲପୁର ଓ ନୂଆପଡ଼ାରେ ପ୍ରବଳରୁ ଅତିପ୍ରବଳ ସ୍ଥଳବିଶେଷରେ ମାତ୍ରାଧିକ ପ୍ରବଳ ବର୍ଷା ହେବ। ସେଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡିରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦବ୍ୟତୀତ ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବର୍ଷାର ପ୍ରଭାବରୁ ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ପାଣିପାଗ ବିଜ୍ଞାନୀମାନେ ସ୍ଥିତି ପ୍ରତି ଦୃଷ୍ଟି ରଖିଛନ୍ତି। ପାଣିପାଗ ବିଜ୍ଞାନୀ ଡ. ଉମାଶଙ୍କର ଦାସଙ୍କ ଅନୁଯାୟୀ ଗତ ୪ ଦିନର ବର୍ଷା ଫଳରେ ରାଜ୍ୟରେ ନିଅଣ୍ଟିଆ ବର୍ଷାର ୨୯ ପ୍ରତିଶତ ପୂରଣ ହୋଇଛି। ଗତ ଜୁନ ୧ ତାରିଖ୍ରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୧୦.୩ ମିଲିମିଟର ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକଠାରୁ ୪୭ ପ୍ରତିଶତ କମ୍ ଅଟେ।

### ମୁକାବିଲା ପାଇଁ...

ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି। ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଞ୍ଚଳରେ ଜଳଜମା, ସହରାଞ୍ଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି। ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସତତ ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି ବୋଲି କୁହାଯାଇଛି।

### ଜୁଲାଇ ୨୦ରୁ...

ସାଂସଦଙ୍କ ଅଭାବ ରହିଛି। ସଂସଦକୁ ସରଗରମ କରିବାକୁ ଥିବା ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ। ସଂସଦରେ ସେ କହିଥିଲେ ଯେ ଅପରେସନ ସିନ୍ଦୂରରେ ଭାରତର କୌଣସି ଯବାନ ପ୍ରାଣ ହରାଇ ନାହାନ୍ତି। କିନ୍ତୁ ସରକାର ଏବେ ୬ ଯବାନ ସହିଦ ହୋଇଥିବା ସ୍ୱୀକାର କରିଛନ୍ତି। ରାଜନାଥ ସଂସଦକୁ ବିଭ୍ରାନ୍ତ କରିଥିବାରୁ ତାଙ୍କୁ ବହିଷ୍କାର କରିବା ଲାଗି ବିରୋଧୀ ଦଳ ନୋଟିସ ଦେଇଛନ୍ତି। ଏହାସହିତ ମମତାଙ୍କ ଟିଏମସି ସମେତ ବିଭିନ୍ନ ଦଳରେ ଚାଲିଥିବା ବିଭାଜନ ଓ ଦଳବଦଳ ଘଟଣାକୁ ନେଇ ମଧ୍ୟ ବିରୋଧୀ ଦଳ ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ସେମାନେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

### ଟାର୍ଗେଟ ପୂରିନି...

ଲକ୍ଷ ୨୭ ହଜାର ୭୦୯ ପ୍ରାପ୍ୟ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଗତ ୩ ଦିନହେଲା ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମଣ୍ଡି ଗୁଡିକରେ ଅବସ୍ଥା ଅତ୍ୟନ୍ତ ଦୟନୀୟ। କେବଳ ଟିପି କଟା ଯାଇଥିବା ଧାନ ଗୁଡ଼ିକ ଉଠିବ ଓ ଅନ୍ୟ ଧାନ ଗୁଡ଼ିକ ଉଠାଣ ହେବ ନାହିଁ ବୋଲି ଜାଣିବାପରେ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଥିବା ଗଜା ଧାନ ଓ ଟୋକନ ଥିବା ଅନ୍ୟ ଧାନ ଗୁଡିକ ଆଉ ମଣ୍ଡିରୁ ଉଠିବ ନାହିଁ ଜାଣିବା ପରେ ଚାଷୀ ମୁଣ୍ଡରେ ଚଢ଼କ ପଡ଼ିଛି। ଗଜା ଧାନ ନଷ୍ଟ ହୋଇଥିବା ଯୋଗୁଁ ଆଗକୁ ଖରିଫ ଚାଷ ପାଇଁ ଅର୍ଥ ଯୋଗାଡ ଚାଷୀମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କଳାହାଣ୍ଡି ଧାନ ସଂଗ୍ରହ ବ୍ୟବସ୍ଥା ଭିତରେ ଏକ ନୂଆ ପରମ୍ପରା ଏଥର ଦେଖିବାକୁ ମିଳିଛି। ପ୍ରଥମଥର ପାଇଁ ବଲାଙ୍ଗିରରୁ ଆସିଥିବା ୧୯ଟି ମିଲର୍ସ ଧାନ ଉଠାଣ କରିଛନ୍ତି। ସେପଟେ କଳାହାଣ୍ଡି ମିଲର୍ସମାନେ ସ୍ଥାନାଭାବା ଓ କଟ୍‌ନୀଛଟନୀ, ଦଲାଲଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବା ଗୁରୁତର ଅଭିଯୋଗ ହୋଇଥିଲା। ଜାଣିଶୁଣି ମିଲର୍ସ ଧାନ ଉଠାଉ ନଥିବା ଯୋଗୁଁ ଅମାଠ ଠାରେ ଥିବା ଏକ ମିଲ୍‌କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି। ଚାଷୀମାନେ ଗତ ଖରିଫ ମଣ୍ଡିରେ ଦହଗଞ୍ଜ ହୋଇଥିବାବେଳେ ବର୍ତ୍ତମାନ ରବି ଧାନ ସମୟରେ ମଧ୍ୟ ମଣ୍ଡିରେ ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। କଟ୍‌ନୀଛଟନୀ ମଧ୍ୟ କୁଇଣ୍ଟାଲ ପିଛା ୭କେଜି ଯୋଗୁଁ ଚାଷୀମାନେ ଦଲାଲ ହାତକୁ ବହୁ ଧାନ ଟେକି ଦେଇଛନ୍ତି। ସେହିପରି ମଣ୍ଡି ଶେଷ ଆଡକୁ ଫଲ୍ସ ଏଣ୍ଟ୍ରି ଯୋଗୁଁ ଦଲାଲମାନେ ମାଲାମାଲ ହୋଇଥିବାବେଳେ ପ୍ରକୃତ ଚାଷୀମାନେ ସେମାନଙ୍କ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଡବଲ ଇଞ୍ଜିନ ସରକାର ଶାସନକୁ ଆସିବାବେଳେ ଧାନ ସଂଗ୍ରହ କୁ ନେଇ ଯେଉଁ ସପନ ଦେଖାଇଥିଲେ ତାହା ଚଳିତ ରବି ଋତୁରେ ଭୁଲ ପ୍ରମାଣିତ ହୋଇଛିବୋଲି ବହୁ ଚାଷୀ କହିଛନ୍ତି। ସବୁଠାରୁ ଗୁରୁତର ବିଷୟ ମିଲ୍ ଗୁଡ଼ିକରେ ସ୍ଥାନ ନାହିଁ କୁହାଯାଉଛି ସତ କିନ୍ତୁ ମିଲରେ ଚାଷୀର ଧାନ ଅଛି ନା ଦଲାଲର ଧାନ ତାହା ତଦନ୍ତ କରିବା ଜରୁରୀ। ବର୍ତ୍ତମାନ ମିଲ ପଏଣ୍ଟ ଗୁଡିକର ଷ୍ଟକ ଯାଞ୍ଚ କରିବା ସହିତ ମଣ୍ଡିରେ ପଡି ରହିଥିବା ଧାନ ଉଠାଣ ଏବଂ ଯେତିକି ଚାଷୀଙ୍କ ଧାନ କିଣାଯାଇଛି ସେମାନଙ୍କ ପ୍ରାପ୍ୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଗମ୍ଭୀରତାରସହ ଚିନ୍ତା କରିବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି।

### ଥାନା କ୍ୱାର୍ଟର୍ସରେ...

ସଂଗ୍ରହ କରାଯାଇଛି। ଗତ କିଛି ମାସ ତଳେ ଇନ୍ସପେକ୍ଟର ବିଉଟି ମହାନ୍ତି ଚାଉଳିଆଗଞ୍ଜ ଥାନାରେ ଦାୟିତ୍ୱ ନେଇଥିଲେ। ଏହା ପୂର୍ବରୁ ସେ କଟକ ମହିଳା ଥାନା, ଭୁବନେଶ୍ୱର ପାହାଳ ଥାନା, କଟକ ମର୍କତନଗର ଥାନାରେ ଇନ୍ସପେକ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଗୋଟିଏ ପୁଅ ଅଛି। କଟକ ସଦର ଥାନା ଅଞ୍ଚଳରେ ଥିବା ବାପ ଘରେ ନିକଟରେ ସେ ପୁଅର ଜନ୍ମଦିନ ପାଳନ କରିଥିଲେ। ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରୀମତୀ ମହାନ୍ତିଙ୍କ ସ୍ୱାମୀ ମୁମ୍ବଇରେ ରହନ୍ତି। ତେବେ ଆତ୍ମହତ୍ୟା ପଛର ସଠିକ କାରଣ ଜଣାପଡିନାହିଁ। ଇନ୍ସପେକ୍ଟର ବିଉଟି ମହାନ୍ତି ମୁଣ୍ଡ ବିନ୍ଧା ରୋଗରେ ପୀଡ଼ିତ ଥିଲେ ବୋଲି କିଛି ସହକର୍ମୀ କହିଛନ୍ତି। ପ୍ରାୟ ସମୟ ସେ ମୁଣ୍ଡ ବିନ୍ଧା ଔଷଧ ମଧ୍ୟ ଖାଉଥିଲେ। ମୁଣ୍ଡ ବିନ୍ଧା ଉପରେ ଅତ୍ୟଧିକ କାମ ଚାପ ଯୋଗୁଁ ସେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ। ଏମିତିକି ନିଜର ଶାରୀରିକ ଅସୁସ୍ଥତା ପାଇଁ ସେ ଚାଉଳିଆଗଞ୍ଜ ଥାନାରୁ ଅନ୍ୟତ୍ର ବଦଳି ପାଇଁ ଡିସିପିଙ୍କୁ ଆବେଦନ ମଧ୍ୟ କରିଥିଲେ ବୋଲି ସୂଚନା ମିଳିଛି। ଅନ୍ୟପଟେ, ପାରିବାରିକ ବିବାଦ ଉପରେ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

### ଦାନ ସୁନାକୁ...

ଶୁକ୍ଲା ପାଖରୁ ସବୁଠାରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କୁ ଗିରଫ କରାଯାଇସାରିଲାଣି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଗତ ୫ ବର୍ଷର ଆକାଉଣ୍ଟ ଏବଂ ନିର୍ମାଣ ଖର୍ଚ୍ଚର ପୁନଃ ଅଡିଟ୍ କରାଯିବ। ପୂର୍ବରୁ ଟ୍ରଷ୍ଟ ବୈଠକରେ କେବଳ ନଗଦ ଟଙ୍କାର ସମୀକ୍ଷା ହେଉଥିଲା, ସୁନା-ରୁପାର ଷ୍ଟକ୍ ଉପରେ ନିୟମିତ ଆଲୋଚନା ହେଉନଥିଲା। ଭକ୍ତମାନଙ୍କଠାରୁ ମିଳିଥିବା ମୂଲ୍ୟବାନ ଧାତୁର ଗୁଣବତ୍ତା ପରୀକ୍ଷା ପାଇଁ ପ୍ରଥମ ପର୍ଯ୍ୟାୟରେ ୯୪୪ କିଲୋଗ୍ରାମ ରୁପା ସରକାରୀ ଟଙ୍କଶାଳକୁ ପଠାଯାଇଥିଲା। ଏହି କାରବାରର ସମସ୍ତ ସରକାରୀ ରେକର୍ଡକୁ ମଧ୍ୟ ଏସଆଇଟି ଯାଞ୍ଚ କରୁଛି। କଂଗ୍ରେସ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବାକୁ ଦାବି କରିବାରୁ ଏହାକୁ ନେଇ ଏବେ ରାଜନୀତି ମଧ୍ୟ ସରଗରମ ହୋଇଛି। ଗିରଫଦାରୀ ଏବଂ ଇସ୍ତଫା ପରେ ଆସନ୍ତା ଜୁଲାଇ ୬ ତାରିଖ ବୈଠକରେ ଟ୍ରଷ୍ଟ ଏକ ବଡ଼ ନିଷ୍ପତ୍ତି ନେଇପାରେ।

### ବଦ୍ରିନାଥରେ ବି...

ରଙ୍ଗାଡ଼ କହିଛନ୍ତି ଯେ ଅଭିଯୋଗ ପରେ ମନ୍ଦିର ପରିସରର ସୁରକ୍ଷା କାମେରା (ସିସିଟିଭି) ଯାଞ୍ଚ କରାଯାଇଛି। କିନ୍ତୁ ସେହି ଭିଡିଓ ସେତେଟା ସ୍ପଷ୍ଟ ନଥିବାରୁ ସମସ୍ତ ତଥ୍ୟ, ପ୍ରମାଣ ଏବଂ ପକ୍ଷମାନଙ୍କ ବୟାନ ଆଧାରରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ।

### ଡାକ୍ତର ଆନ୍ଦୋଳନ...

କହିଛନ୍ତି ଯେ ଓମ୍‌ସା କାର୍ଯ୍ୟନିର୍ବାହୀ ପରିଷଦର କର୍ମକର୍ତ୍ତାଙ୍କ ସହ ସେମାନଙ୍କର ୧୦ ଦଫା ଦାବି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ସେମାନଙ୍କର ଦାବିଗୁଡ଼ିକୁ କେମିତି ଆଗାମୀ ଦିନରେ ସମୟ ଅନୁସାରେ କାର୍ଯ୍ୟକାରୀ କରାଯାଇ ପାରିବ, ସେନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଛି। କମିଟିରେ ଅର୍ଥ ବିଭାଗର ସଚିବ ଅଧ୍ୟକ୍ଷ ଥିବାବେଳେ ସ୍ୱାସ୍ଥ୍ୟ, ଜିଏ, ଓ ଆଇନ ବିଭାଗର ସଚିବ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ଓମ୍‌ସା ପକ୍ଷରୁ କମିଟି ସମ୍ମୁଖରେ ନିଜ ଦାବି ବାବଦରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ସୂଚନା ଦେଇଛନ୍ତି।

ସଂଘର ୧୦ ଦଫା ଦାବି ମଧ୍ୟରେ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳି, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ଓମ୍‌ସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ସରକାରଙ୍କ ସହ ଆଲୋଚନା ଫଳପ୍ରଦ ହେବାରୁ ଆନ୍ଦୋଳନ ସ୍ଥଗିତ ରହିଲା। ସରକାର ଦାବି ପୂରଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ବେଳେ ଆମେ ନିଜର ଦାବି କମିଟି ସାମ୍ନାରେ ଉପସ୍ଥାପନ କରିବୁ। ରାଜ୍ୟର ଚିକିତ୍ସା ସେବାର ଗୁଣାତ୍ମକ ମାନ ବୃଦ୍ଧି ହେବାର ଆମର ଲକ୍ଷ୍ୟ ଅଟେ। ଆସନ୍ତା ୧ରୁ ୨ ମାସ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଡାକ୍ତର ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

### ଇ-୨୦ ପେଟ୍ରୋଲକୁ...

ସାରୋଗୀ ଭାରତର ଜୈବ ଇନ୍ଧନ କାର୍ଯ୍ୟକ୍ରମ ଏବଂ ଇ-୨୦ ପେଟ୍ରୋଲ ପ୍ରସଙ୍ଗରେ ବିସ୍ତୃତ ଭାବରେ ଆଲୋଚନା କରି କହିଛନ୍ତି ଯେ, ପେଟ୍ରୋଲ ରେ ଇଥାନଲ୍ ମିଶ୍ରଣ ହେବା ଫଳରେ ଗାଡ଼ିର ମାଇଲେଜ୍ ହ୍ରାସ ପାଉଛି।

ଏକ ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ କିଛି ବୀମା କମ୍ପାନୀ ଇଥାନଲ୍-ମିଶ୍ରିତ ଇନ୍ଧନ ଦ୍ୱାରା ହୋଇଥିବା ଇଞ୍ଜିନ୍ କ୍ଷତି କ୍ଷେତ୍ରରେ କ୍ଷତିପୂରଣ ଦେବାକୁ ମନା କରିଦେଇଛନ୍ତି। ତଥାପି, ସରକାର ପରେ ସ୍ପଷ୍ଟ କରିଥିଲେ ଯେ ଏହା ସତ୍ୟ ନୁହେଁ। ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଇ-୨୦ ପେଟ୍ରୋଲ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଏହାର ବ୍ୟବହାର ମୋଟର ବୀମା କ୍ଲେମ୍ ଉପରେ ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏଭଳି ପ୍ରସଙ୍ଗ ଏବେ ଗାଡ଼ି ମାଲିକଙ୍କ ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଯାହାଫଳରେ ଇ-୨୦ ପେଟ୍ରୋଲ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ଅନିଶ୍ଚିତତା ଜାରି ରହିଛି।

ଏସବୁ ବ୍ୟତୀତ ଇ-୨୦ ଇନ୍ଧନକୁ ନେଇ ସାରା ଦେଶରେ ବିତର୍କ ଚାଲିଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଯୁକ୍ତି ହେଉଛି ଇ-୨୦ ଇନ୍ଧନ ପର୍ଯ୍ୟାପ୍ତ ପରୀକ୍ଷଣ ବିନା କୋଟି କୋଟି ନାଗରିକଙ୍କ ଉପରେ ଲାଗୁ କରାଯାଇଥିବା ଏକ ପରୀକ୍ଷଣ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା, ଯେଉଁଠାରେ ସରକାର କହିଥିଲେ ଯେ ଏହି ନୀତିକୁ ବୈଜ୍ଞାନିକ ଭାବରେ ଯାଞ୍ଚ କରାଯାଇଛି ଏବଂ ଜାତୀୟ ଶକ୍ତି ସୁରକ୍ଷା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ଆମ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲ୍ ଲୋକଙ୍କ ଉପରେ ଇ-୨୦ ପେଟ୍ରୋଲ୍ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବାକୁ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଦେଶ ମୋଦି ସରକାରଙ୍କ ପାଇଁ ଏକ ପ୍ରୟୋଗଶାଳା। ଏବେ, ସରକାର ଜୋରଜବରଦସ୍ତି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲକୁ ଜନସାଧାରଣଙ୍କ ଉପରେ ଲଦି ଦେଉଛନ୍ତି। ଏଥିରେ ଗାଡ଼ିର ମାଇଲେଜ୍ ୩୦% ହ୍ରାସ ପାଉଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଯେତେବେଳେ ଭାରତ ଏହାର ନିକଟତମ ଏବଂ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ଭୁଟାନକୁ ଏହି ନୂତନ, ସବୁଜ ଇନ୍ଧନ ଇ-୨୦ ପେଟ୍ରୋଲ ଅଫର କଲା, ସେତେବେଳେ ଭୁଟାନର ବାଣିଜ୍ୟ ବିଭାଗ ଏହାକୁ ନବୋକୁ ରୋକ୍‌ଠୋକ୍ ମନା କରିଦେଇଛି। ଭୁଟାନ ଜୋର ଦେଇ କହିଛି, ଯେ ପର୍ଯ୍ୟନ୍ତ ସମ୍ଭବ ସେ କେବଳ ପୁରୁଣା ଏବଂ ସାଧାରଣ ପେଟ୍ରୋଲ ଭାରତଠାରୁ ନେବ।


**GOVERNMENT OF ODISHA**
**PANCHAYAT SAMITI, PADMAPUR** 19001/134/2627

E-Mail: ori-rpadmapur@nic.in

**INVITATION FOR BIDS (IFB)**

**e-Procurement Notice**

IDENTIFICATION NO. 03/2025-26 OF PANCHAYAT SAMITI, PADMAPUR

No. 2256/IX-74/2026 (S&ME, Tender) Dev Dated: 01.07.2026

1. The Panchayat Samiti, Padmapur invites **Percentage Rate Bids in Single Cover System in ONLINE MODE** for construction of **Building Works (Civil + Electrification)** as detailed in the **Detailed Tender Call Notice (D.T.C.N.)** from eligible class of contractors.
2. **No. of Works:** 03 (Three) Nos.
3. **Cost of Tender Paper:** Rs. 6,000/- (Rupees Six Thousand) only.
4. **Class of Contractor: "D" & "C" Class.**
5. **Date & Time of availability in website & receipt online:** 11:30 Hrs. of **06.07.2026 to** 17:00 Hrs. of **21.07.2026**
6. **Date of Opening of Technical Bid: 24.07.2026 at 11:30 Hrs.**
7. The bidder has to participate in **ONLINE** bidding only. Further details can be seen from the State Government Portal website: **https://tendersodisha.gov.in**
8. Any **Corrigendum/Addendum** will be displayed on the website **https://tendersodisha.gov.in** only.

Sd/- Kuresh Chandra Jani, OAS-A (JB)
Block Development Officer, Padmapur

OIPR-19001/19430/1/26-27/0001

यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଗାଡ଼ି ନିଲାମ ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକୁ ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୧.୦୭.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ଆଚାର୍ଯ୍ୟ ବିହାର ଶାଖା | ପ୍ରୀତିମୟୀ ଷଡଙ୍ଗୀ | **HYUNDAI GRAND i10 NIOS, Regd. No.: 23BH5684H** | ଟ.୩,୦୦,୦୦୦/- (ଜିଏସ୍‌ଟି ବ୍ୟତୀତ) /ଟ.୩୦,୦୦୦/- |
| ୨. | ବୁଦ୍ଧେଶ୍ୱରୀ କଲୋନୀ ଶାଖା | ପରମଜିତ୍ ସିଂ | **JCB NEW 3 DX 2WD/ BACKHOE LOADER, Regd. No.: OD33AJ3471** | ଟ.୧୯,୧୨,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୧,୯୧,୨୦୦/- |

ଗାଡ଼ିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୦.୦୭.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ଗାଡ଼ିର ଯାଞ୍ଚ ଏବଂ ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ସମ୍ପୃକ୍ତ ଶାଖା ମୁଖ୍ୟ (ଆଚାର୍ଯ୍ୟ ବିହାର ଶାଖା, ମୋ.: ୯୦୦୨୯୨୪୪୦୮ ଏବଂ ବୁଦ୍ଧେଶ୍ୱରୀ କଲୋନୀ ଶାଖା, ମୋ.: ୯୮୩୬୬୩୮୯୪୩)ଙ୍କ ସହ ଯୋଗାଯୋଗ କରନ୍ତୁ।

**ନିୟମ ଏବଂ ସର୍ତ୍ତାବଳୀ:**

୧. ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିକ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡ଼ି ନଂ............ କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ତତ୍‌ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ପୃଥକ ଲଟରେ "ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ତ୍ର କରାଯାଇ ଏବଂ ଭୁବନେଶ୍ୱରକୁ ପେୟ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ତା.୨୦.୦୭.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୭ଦିନ ମଧ୍ୟରେ ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଅଫର ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଗାଡ଼ି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବସାଇଟ୍ **www.unionbankofindia.bank.in** ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୦୭.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ପଶ୍ଚିମ ରେଳବାଇ – ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.: GEM/2026/B/7741538 • ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: 30.07.2026, ଅପରାହ୍ନ 3.00 ଘଣ୍ଟା, କାର୍ଯ୍ୟର ନାମ ଓ ସ୍ଥାନ: କୋଚିଂ ଡିପୋ, ଇନ୍ଦୋର ଏବଂ DADN ସହିତ ରତଲାମ ମଣ୍ଡଳର ଅନ୍ୟାନ୍ୟ ଡିପୋରୁ ବିଭିନ୍ନ ୱର୍କସପ, ଡିପୋ ଓ ଷ୍ଟୋରକୁ ଭାରତୀୟ ରେଳବାଇ ନେଟୱର୍କ ମାଧ୍ୟମରେ ବୋଗି, ହ୍ୱିଲ୍ ସେଟ୍ ଏବଂ ଅନ୍ୟାନ୍ୟ ରେଳ ସାମଗ୍ରୀର ସଡ଼କ ପରିବହନ କାର୍ଯ୍ୟ, ଏବଂ ଏହାର ବିପରୀତ ଦିଗରେ କିମ୍ବା ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ 3 ବର୍ଷ ପାଇଁ ପରିବହନ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.73,891,243.22/-। ଜମା କରିବାକୁ ଥିବା ଅମାନତ ଜମା: ଟ.519,460/-। କାର୍ଯ୍ୟ ସମାପ୍ତି ଅବଧି: କାର୍ଯ୍ୟାଦେଶ (LOA) ଜାରି ତାରିଖଠାରୁ 03 ବର୍ଷ। ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ। ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ଓ ସମୟ: 30.07.2026 ତାରିଖ ଅପରାହ୍ନ 3.00 ଘଣ୍ଟା। ୱେବସାଇଟ୍ ଓ ନୋଟିସ୍ ବୋର୍ଡ ସମ୍ବନ୍ଧୀୟ ସୂଚନା: ଟେଣ୍ଡର ଦସ୍ତାବିଜଗୁଡ଼ିକ GEM ୱେବସାଇଟ୍ (www.gem.gov.in) ରୁ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ। CRY/06/129

Like us on: facebook.com/WesternRly

**DISTRICT WELFARE OFFICE, RAYAGADA**

Notice No.: 3556, Date: 24.06.26

**QUOTATION CALL NOTICE** 26001/28/2627

Sealed Quotations are invited with following term & conditions from interested reputed Private Manpower Service Provider for providing services of Manpower on contractual (Outsourced) Basis to District Welfare Office, Rayagada.

For details visit: **www.rayagada.odisha.nic.in**

Sd/-
District Welfare Officer,
Rayagada

OIPR-26001/26045/1/26-27/0002

GOVT. OF ODISHA

Government of Odisha "e" procurement Notice 34001/443/2627

**Bid Identification No. PWDK- 10/2026-27**

No. G2/6243, Dt. 30.06.2026

e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work :- | 01 Nos. Road & 01 No. Building Work |
| 2 | Estimated cost :- | From 33.84 Lakhs to ₹. 61.57 Lakh |
| 3 | Period of completion :- | From 02 (Two) to 03 (Three) Calendar Months. |
| 4 | Date and Time of availability of Bid document in the portal:- | From 10.00 Hr **08.07.2026** to 17.00 HR of **23.07.2026** |
| 5 | Last date / Time for receipt of bids in the portal :- | 17.00 Hr of **23.07.2026.** |
| 6 | Date of opening of Bid from Portal :- | 10.30 Hr of **24.07.2026.** |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "**http://tendersodisha.gov.in**"

Superintending Engineer
Keonjhar (R&B) Division

OIPR-34001/34004/1/26-27/0005

GOVERNMENT OF ORISSA 25001/642/2627

OFFICE OF THE SUPERINTENDING ENGINEER

RURAL WORKS DIVISION KARANJIA (MAYURBHANJ)

E-mail ID: - eerwkaranjia@yahoo.com

Letter No.4377 / WE // Date:-.29.06.2026

"E-Procurement Noticefor Special Repair of Building works for year 2026-27.

Bid Identification No – RWDKNJ– 06 / 2026-27.

1. Name of the work : Building Works (As per Annexure)
2. Estimated Cost : Rs. 1.69 toRs.5.08 LakhsApproximately (As per Annexure).
3. Class of Contractor : 'D' &'C' Class, (As per Annexure)
4. Period of Completion : As per Annexure
5. Tender Paper Cost : Rs.4,000/-&Rs.2, 000/-towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Online RWDKNJ-06/ 2026-27 | Dt. 07.07.26 at 11.00 A.M | Dt.15.07.26 up to 5.00 P.M | Dt.14.07.26 up to 1.00 P.M. | Dt.17.07.26 at 11.00 P.M |

Executive Engineer
R.W. Division, Karanjia

OIPR-:25001/25086/1/26-27/0008

GOVERNMENT OF ODISHA 32001/489/2627

DEPARTMENT OF WATER RESOURCE

OFFICE OF THE SUPERINTENDING ENGINEER

NABARANGPUR IRRIGATION DIVISION

NABARANGPUR, DIST-NABARANGPUR (ODISHA)

Email ID: senidivision@gmail.com

Lr. No.: 1100, Dated: 02.07.2026

E-PROCUREMENT NOTICE

BID IDENTIFICATION NO. SE-NID-01/2026-27 (01-02)

1. **Nature of the work:** Bank Protection Work.
2. **Total No. of works:** 02 (Two) Nos.
3. **Tender cost of the works:** ₹43.41 Lakhs to ₹31.51 Lakhs (excluding GST).
4. **Class of Contractor:** 'C' & 'B' Class.
5. **Period of completion:** 02 (Two) Months.
6. **Other details as follows:**

| Procurement Officer | Bid Identification No. | Availability of Bid Online | | Last Date & Time of Seeking Tender Clarification | Date, Time & Place of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Nabarangpur Irrigation Division, Nabarangpur | SE-NID-01/2026-27 (01-02) | 08.07.2026 (10.00 AM) | 22.07.2026 (up to 05.00 PM) | 10.07.2026 up to 5.00 PM | 23.07.2026 at 11.00 AM in the Office of the Superintending Engineer, Nabarangpur Irrigation Division, Nabarangpur |

Further details can be seen from the Government website: www.tendersodisha.gov.in

Addendum/Corrigendum/Cancellation, if any, will be published on the Government website only.

Sd/- Superintending Engineer
Nabarangpur Irrigation Division
Nabarangpur

OIPR-32001/32361/1/26-27/0001

GOVERNMENT OF ODISHA 25001/639/2627

OFFICE OF THE SUPERINTENDINGENGINEER

RURAL WORKS DIVISION: GUNUPUR

Lr.No.3219, Dated.30.06.2026 — e-mail id: eerwgunupur@gmail.com

GEPNIC e-Procurement Notice

(Bid Identification No.-SERWGNP-Online-08/2026-27)

| | | |
|---|---|---|
| 1 | Name of the Work | : Construction & Maintenance of Road Works |
| 2 | Total No. of Works | : 63Nos (Percentage rate tender) |
| 3 | Estimated Cost | : As mentioned in Col. 3 of TCN Annexure |
| 4 | Class of Contractor | : As mentioned in Col. 5 of TCN Annexure |
| 5 | Period of Completion | : As mentioned in Col. 4 of TCN Annexure |
| 6 | EMD | : As mentioned in Col. 6 of TCN Annexure |
| 7 | Paper Cost | : As mentioned in Col. 7 of TCN Annexure |
| 8 | Other details: | |

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | SERWGNP-Online-08/2026-27 | 06.07.2026 at 11.00 A.M. | 15.07.2026 up to 5.00 P.M. | 17.07.2026 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

Superintending Engineer,
Rural Works Division, Gunupur

OIPR-25001/25170/1/26-27/0006

**AFFIDAVIT**

I, LAXMIKANTA PANIGRAHI, S/O - JAYA KRUSHNA PANIGRAHI resident of At - Shastri Nagar, Ranikona, PO/PS - Semiliguda, Dist - Koraput - 764036, Odisha declare by this Affidavit No.2975, Dated 03/07/2026, that now onwards I shall be known as **LAKSHMI KANTA PANIGRAHI** for all future purposes.

**AFFIDAVIT**

I Barsharani Swain D/o- Susanta Swain residing, At-Abdalpur, Po-Baidyarajpur Ps-Jajpur Dist-Jajpur, Odisha, Pin-755007, declare by Court Affidavit vide no 9665 Dt-03/07/2026 that my father real name susanta swain in my adhhar-804760405467 but my father name spelling is sushanta Swain recorded in my HSC certificate. That I hereby declare Susanta Swain and Sushanta Swain is one and same person.

Barsharani Swain

**AFFIDAVIT**

By virtue of an affidavit sworn before Executive Magistrate, Soumya Ranjan Pradhan, (O.R.S.) Puri dated-04/07/2026. I, Deepti Ranjan Maharana (new name), At/P.O.- Chhaitana, P.S.- Puri Sadar, Dist. Puri, Pin-752004 declare that I have changed my name from Diptiranjan Ojha (old name) to Deepti Ranjan Maharana (new name). Henceforth, I shall be known as **Deepti Ranjan Maharana** (new name) for all purposes.

**AFFIDAVIT**

By virtue of an affidavit no. 3398 before the Executive Magistrate, Sambalpur, Dtd 29-06-2026, I, Jayaram Kisan, S/o Gopa Kisan, resident of Sargipali, P.O. Jhankarpali, P.S. Katarbaga, Dist. Sambalpur, Odisha, do hereby declare that my minor daughter's name has been changed from Sanjukta Dhurua to Ankita Kisan. Henceforth, she shall be known and identified as **Ankita Kisan** for all purposes.

**Jayaram Kisan**

**AFFIDAVIT**

By virtue of an affidavit No. 1502, dtd- 25/06/2026 sworn before The Executive Magistrate, Khordha. I, **Bhagirathi Biswal,** S/o- Jagannath Biswal, permanent resident of At: Ogalapur, Po: Olasingh, Ps: Begunia, Dist: Khordha, PIN-752020, Odisha declare that I have changed my minor daughter's name from **Prabhashi Bhagirathi Biswal** to **Pravasini Biswal.** Henceforth, she shall be known as **Pravasini Biswal** (new name) for all purposes.

**Bhagirathi Biswal**

**AFFIDAVIT**

By virtue of an affidavit sworn before the Executive Magistrate Koksara on Dated 23 March 2026, I, **Mr. Balaram Satanami,** Address: Village-Chikili, Post Office- Chikili, Police Station- Kokasara, Block- Kokasara, Dist - Kalahandi, State- Odisha, Pin-766019, Odisha have changed my name from **"Laxmikant"** to **"Balaram Satanami".** Henceforth, I shall be known as **"Balaram Satanami"** for all purposes.

**Balaram Satanami**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. e-Tender-Elect-G-29-26

**କାର୍ଯ୍ୟର ବିବରଣୀ :** ପୂର୍ବ ତଟ ରେଳପଥର ରାଜଆଠଗଡ଼-ତାଳଚେର ସେକ୍ସନରେ ମଲ୍ଟି ସେକ୍ସନ ଡିଜିଟାଲ ଏକ୍ସେଲ କାଉଣ୍ଟର ବ୍ୟବସ୍ଥା ସମ୍ବନ୍ଧୀୟ ଅବଶିଷ୍ଟ ବିଦ୍ୟୁତୀକରଣ କାର୍ଯ୍ୟ (ରାଜଆଠଗଡ଼, ହିନ୍ଦୋଳ ରୋଡ୍, ମେରାମଣ୍ଡଳୀ, ବୁଢ଼ାପଙ୍କ ଏବଂ ତାଳଚେର)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,45,88,352.81, **EMD :** ₹ 2,91,800/-, **ଶେଷ ହେବା ଅବଧି : 06** ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.24.07.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ହାତକୋଡ଼ିଭାବରେ ମାଧ୍ୟମରେ କିମ୍ବା ବାକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଛି।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍

PR-280/R/26-27

**ବିଭିନ୍ନ ସ୍ଥାନରେ ବନମହୋତ୍ସବ**

# ‘ସବୁଜ ପୃଥିବୀ ପାଇଁ ବୃକ୍ଷରୋପଣର ବିକଳ୍ପ ନାହିଁ’

**ବଣାଇଁ, ୪।୭ (ସମିସ)**

ବଣାଇଁ ବନଖଣ୍ଡ ପକ୍ଷରୁ ‘ମାଁ ପାଇଁ ଗଛଟିଏ-୩.୦’ ଅଭିଯାନ ଅନ୍ତର୍ଗତ ୭୭ତମ ବନ ମହୋତ୍ସବ ସପ୍ତାହ ବନାଞ୍ଚଳର ମା’ ବଲାଣୀପାଟ ପାହାଡ଼ ପାଦଦେଶରେ ପାଳିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ କହିଥିଲେ ଯେ, ପରିବେଶର ସନ୍ତୁଳନ ରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପୃଥିବୀ ଗଢ଼ି ତୋଳିବାକୁ ହେଲେ ବ୍ୟାପକ ବୃକ୍ଷରୋପଣର କୌଣସି ବିକଳ୍ପ ନାହିଁ।

ଉପବାଚସ୍ପତି ଭବାନୀଶଙ୍କର ଭୋଇ କହିଥିଲେ ଯେ, ସବୁଜ ପରିବେଶ ସୃଷ୍ଟି ପାଇଁ ବୃକ୍ଷରୋପର ଏକ ଜନଆନ୍ଦୋଳନରେ ପରିଣତ ହେବା ଆବଶ୍ୟକ। ଆଞ୍ଚଳିକ ବନ ସଂରକ୍ଷକ ପି. ରାମାସ୍ୱାମୀ, ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଏବଂ ପୁଲିସ ଉପଖଣ୍ଡ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହି ସାମୂହିକ ବୃକ୍ଷରୋପଣ କରିଥିଲେ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସ୍କୁଲ ଛାତ୍ରଛାତ୍ରୀ, ବନ ସୁରକ୍ଷା ସମିତିର ସଦସ୍ୟ, ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ଶପଥ ନେଇଥିଲେ।

ଅଧ୍ୟକ୍ଷୀୟ ଅଭିଭାଷଣରେ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ କହିଥିଲେ ଯେ, ଚଳିତ ବର୍ଷ ବଣାଇଁ ବନଖଣ୍ଡରେ ୨ ଲକ୍ଷ ବୃକ୍ଷରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶେଷରେ ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଖେଳ ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ତାଲୁକ ଆଇନ୍ ସହାୟତା ସମିତି

**ବଣାଇଁ:** ବଣାଇଁ ତାଲୁକ ଆଇନ ସେବା ସମିତି ଏବଂ ବନବିଭାଗର ମିଳିତ ସହଯୋଗରେ ବଣାଇଁ ବ୍ଲକ ଅନ୍ତର୍ଗତ ରୁଗୁଡ଼ା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୂରଲୀଧର ବାଙ୍କଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ୍ ସହାୟତା ସମିତି ଅଧ୍ୟକ୍ଷ ଆଶୁତୋଷ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସବଜଜ୍ ରଞ୍ଜନ କୁମାର ପ୍ରଧାନ, ଏସଡ଼ିଜେଏମ୍ ଅଭିନନ୍ଦନ ନନ୍ଦ, କୋଇଡା ଜେଏମ୍ଏଫ୍ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ, ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବଣାଇଁ ବିଡ଼ିଓ ଦିବ୍ୟ ଶଙ୍କର ଜୟପୁରିଆ, ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡୁ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବିକ୍ରାନ୍ତ କୁମାର ପାତ୍ର, ସିଭାଙ୍ଗୀ ଆନନ୍ଦ, କୁଳିପୋଷ ରେଞ୍ଜ ଅଧିକାରୀ ହରେଶ କିସାନ, ରିଟେନର ମହେଶ୍ୱର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ସରବତୀ ଦେବୀ ମହିଳା ମହାବିଦ୍ୟାଳୟ

**ରାଉରକେଲା:** ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଅଶୋକ କୁମାର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବନାଞ୍ଚଳ ଅଧିକାରୀ ଗୁରୁଚରଣ ମଣ୍ଡଳ ଛାତ୍ରୀଛାତ୍ରୀମାନଙ୍କୁ ବୃକ୍ଷରୋପଣ କରିବା ଓ ଏହାର ଯତ୍ନ ନେବାକୁ ଆଜୀବନ ଦାୟିତ୍ୱ ଭାବେ ଗ୍ରହଣ କରି ଏକ ନିରନ୍ତର ଓ ସବୁଜ ଭବିଷ୍ୟତ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ସପନ କୁମାର ପଣ୍ଡା ଏବଂ ଶିକ୍ଷା ବିଭାଗର ଅଧ୍ୟାପିକା ଡ଼. ସସ୍ମିତା ଲେଙ୍କା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଏନ୍.ଏସ୍.ଏସ୍. କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ଦଣ୍ଡସେନା, ଅନମୋଲ ଜୋସଲିନ କୁଲୁ ଏବଂ ହେମକାନ୍ତି ମେହେରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ୫୦ଟି ଚାରା ରୋପଣ କରାଯାଇଥିଲା।




**■ ସହାୟତା ଅପେକ୍ଷାରେ ଆଦିବାସୀ ବୃଦ୍ଧା**

# ୪ ବର୍ଷ ହେଲା ରୋଗଶଯ୍ୟାରେ; ଅର୍ଥାଭାବରୁ ବନ୍ଦ ଚିକିତ୍ସା

**ଜୁନାଗଡ଼, ୪।୭ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡ଼ିସର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପରିଆଗାଁର ୭୦ ବର୍ଷୀୟ ଆଦିବାସୀ ମହିଳା ବନିତା ମାଝୀ ଗତ ୪ ବର୍ଷ ହେଲା ଶଯ୍ୟାଶାୟୀ। ଅର୍ଥ ଅଭାବରୁ ଚିକିତ୍ସା ବନ୍ଦ ହୋଇଯାଇଥିବାରୁ ପରିବାର ସହାୟତା ଲୋଡ଼ିଛନ୍ତି। ବନିତା ୨୦୨୩ରେ ରୋଗଗ୍ରସ୍ତ ହେବା ପରେ ପ୍ରଥମେ ଜୁନାଗଡ଼ ଡାକ୍ତରଖାନାରେ ଚିକିତ୍ସା ହୋଇଥିଲେ। ଭଲ ନ ହେବାରୁ, ସେଠାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନହେବାରୁ ପରିବାର ଲୋକେ ତାଙ୍କୁ ବିଷମକଟକ, ନବରଙ୍ଗପୁର, ଭୁବନେଶ୍ୱର ଓ ରାୟପୁର ଡାକ୍ତରଖାନାକୁ ମଧ୍ୟ ନେଇଥିଲେ। ହେଲେ ଆର୍ଥିକ ସମସ୍ୟା ଯୋଗୁଁ ଚିକିତ୍ସା ଅଧାରୁ ବନ୍ଦ କରିବାକୁ ପଡ଼ିଲା। ବନିତା ମାଝୀ ଭୂମିହୀନ। ପରିବାର ପାଖରେ ଖାଲି ଘରଡିହ ଅଛି। ରାସନ କାର୍ଡ ଥିଲେ ବି ଚିକିତ୍ସା ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ। ଝିଅ ବିବାହ ସରିଛି। ମୂଲ ଲାଗି ଚଳୁଥିବା ପୁଅ ନିଜ ପରିବାର ପ୍ରତିପୋଷଣ କରିବା ସହ ମା’ର ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରୁଥିଲେ। ବର୍ତ୍ତମାନ ଅର୍ଥ ଅଭାବରୁ ଚିକିତ୍ସା ବନ୍ଦ ହୋଇଯାଇଛି ଓ ବନିତା ମାଝୀ ଘରେ ଶଯ୍ୟାଶାୟୀ ହୋଇ ପଡ଼ିରହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବନିତାଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେଉଛି। ପରିବାର ଲୋକେ ସରକାରୀ ସ୍ତରରେ ଚିକିତ୍ସା ସହାୟତା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।



## ବୋଡ଼େନରେ ବନ ମହୋତ୍ସବ

**ଖଡ଼ିଆଳ, ୪।୭ (ସମିସ):** ଖଡ଼ିଆଳ ବନାଞ୍ଚଳ ବୋଡ଼େନ ଫରେଷ୍ଟର ବିଟ ପକ୍ଷରୁ ବନ ମହୋତ୍ସବ ସପ୍ତାହ ଖଗେଶ୍ୱର ମାଝୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ତାଲୁକା ଆଇନ ସେବା ଅଧ୍ୟକ୍ଷ ରାଜେଶ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବୋଡେନ ବିଡ଼ିଓ ଚିନ୍ମୟ ସାଗର, ଥାନାଧିକାରୀ ଧର୍ମେନ୍ଦ୍ର ଭୁଏ, ଏସ୍ଏସ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୈତାରୀ ବିଶ୍ୱାଳ, ପାଟଦରା ଫରେଷ୍ଟର ସଞ୍ଜୟ ମାଝୀ, ପ୍ରମୁଖ ଯୋଗଦେଇ ଥିଲେ। ଚଳିତ ବର୍ଷ ଅଞ୍ଚଳରେ ୩୦ ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବ ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ଫରେଷ୍ଟର ଗାର୍ଡ ରାକେଶ ଦଣ୍ଡସେନା, ଦିଗବିଜୟ ମାଝୀ, ବିଜୁଲୁ ରାଉତରାୟ, ଦେବରାଜ ତାଣ୍ଡି, ମୋନାଲି ରାଉତ ପ୍ରମୁଖ ସହଯୋଗ କରିଥିଲେ। ବନ କର୍ମଚାରୀ, ଛାତ୍ରଛାତ୍ରୀ, ପୋଲିସ କର୍ମଚାରୀ ସମସ୍ତେ ବୃକ୍ଷରୋପଣ କରିଥିଲେ।

## ସୁନା ପୁଅ ଆକାଶଙ୍କୁ ସମ୍ବର୍ଦ୍ଧନା



**ଭବାନୀପାଟଣା, ୪।୭ (ସମିସ):** ତୁର୍କୀର ମରସିନଠାରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ ୟୁଥ୍ ଗେମ୍ସ-୨୦୨୬ରେ କଳାହାଣ୍ଡି ପୁଅ ଆକାଶ ରଞ୍ଜନ ମୁଣ୍ଡ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇ ଭାରତ ପାଇଁ ଗୌରବ ଆଣିଛନ୍ତି। ଶୁକ୍ରବାର ଆକାଶ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏପରି ସ୍ଥଳେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଆକାଶଙ୍କୁ ସମ୍ବର୍ଦ୍ଧିତ କରାଯିବା ଯିବା ସହ ୫୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହାକୁ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ପ୍ରଦାନ କରିଥିବାବେଳେ ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି ସାଂସଦ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ମ. ରାମପୁର ଗସ୍ତ

**ମ.ରାମପୁର, ୪।୭ (ସମିସ):** କଳାହାଣ୍ଡି ସାଂସଦ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶୁକ୍ରବାର ମ.ରାମପୁର ଗସ୍ତ କରିଛନ୍ତି। ପ୍ରଥମେ ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହରିହର ସାଗରର ପୁନରୁଦ୍ଧାର କାର୍ଯ୍ୟ ଓ ମ.ରାମପୁରକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ପାଇଁ ପ୍ରଶାନ୍ତ ସାମନ୍ତରାୟ, ଚିରାଗ ସିଂହଦେଓଙ୍କ ସମେତ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ। ହରିହର ସାଗର ପାଇଁ ଅର୍ଥ ବାଧକ ହେବ ନାହିଁ ଓ ତୁରନ୍ତ କାମ ଆରମ୍ଭ କରାଯିବ ବୋଲି ସାଂସଦ ମାଳବିକା ଦେବୀ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ କହିଥିଲେ। ପରେ କ୍ଷୁଦ୍ର ଜଳ ସେଚନ ବିଭାଗର ଅଧିକାରୀଙ୍କ ସହିତ ଯାଇ ହରିହର ସାଗର ପରିଦର୍ଶନ କରିଥିଲେ। ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ କମିଟି କରି ତୁରନ୍ତ ପାଣି ନିଷ୍କାସନ କରିବାକୁ ନିର୍ଦ୍ଦେଶ ଦେବାସହ ଚଳିତବର୍ଷ ନଭେମ୍ବର ମାସରୁ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବିଜେପିର ବରିଷ୍ଠ ନେତା ପଦ୍ମଲୋଚନ ମିଶ୍ର, ସଦସ୍ୟ ଯାଜ୍ଞ ପଣ୍ଡା, ଖ୍ରୀଷ୍ଟ ରାଉତ, କର୍ମୀ ରାହାସ ପୋଡ଼ଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିର ପ୍ରମୁଖ ୟୁନିଟ୍‌ରେ ରେକର୍ଡ ଉତ୍ପାଦନ

**ରାଉରକେଲା, ୪।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଜୁନ୍ ମାସ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ (ଏପ୍ରିଲଜୁନ୍ ୨୦୨୬) ରେ ଉତ୍ପାଦନ କ୍ଷେତ୍ରରେ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛି। କାରଖାନାର ଅପଷ୍ଟ୍ରିମ୍ ଓ ଡାଉନଷ୍ଟ୍ରିମ୍ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ଦୃଢ଼ କାର୍ଯ୍ୟଦକ୍ଷତା ଏହି ସଫଳତାକୁ ପ୍ରତିଫଳିତ କରିଛି।





ଜୁନ୍ ମାସରେ ବ୍ଲାଷ୍ଟ ଫର୍ଣ୍ଣେସ୍-୧, ସିଣ୍ଟର ପ୍ଲାଣ୍ଟ-୨, ପ୍ଲେଟ୍ ମିଲ୍, ନ୍ୟୁ ପ୍ଲେଟ୍ ମିଲ୍ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍‌ର ସିଟ୍ ଶିୟରିଂ ଲାଇନ୍ ନିଜ ନିଜ କ୍ଷେତ୍ରରେ ସର୍ବକାଳୀନ ସର୍ବାଧିକ ଜୁନ୍ ମାସର ଉତ୍ପାଦନ ହାସଲ କରିଛି।

ପ୍ରଥମ ତ୍ରୟମାସିକରେ ନ୍ୟୁ ପ୍ଲେଟ୍ ମିଲ୍ ୨, ୬୬, ୨୬୩ ଟନ୍ ପ୍ଲେଟ୍ ଉତ୍ପାଦନ କରି ପୂର୍ବବର୍ଷ ତୁଳନାରେ ୧୧.୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ସେହିପରି, ସିଟ୍ ଶିୟରିଂ ଲାଇନ୍‌ରୁ ଏଚ୍ଆର୍ ପ୍ଲେଟ୍ ଉତ୍ପାଦନ ୧୪.୯ ପ୍ରତିଶତ ବୃଦ୍ଧି ପାଇ ୮୨, ୫୧୪ ଟନ୍‌ରେ ପହଞ୍ଚିଛି, ଯାହା ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ବର୍ଗରେ ଏକ ସୁସ୍ଥ ଅଭିବୃଦ୍ଧିକୁ ସୂଚିତ କରୁଛି।

କାର୍ଯ୍ୟପରିଚାଳନାରେ ଉନ୍ନତି ଫଳରେ ରୋଡ୍ ଡିସ୍ପାଚ୍ କୋଏଫିସିଏଣ୍ଟକୁ ସର୍ବାଧିକ ସ୍ତରରେ ପହଞ୍ଚାଯାଇପାରିଛି, ଯାହାର ପରିଣାମ ସ୍ୱରୂପ ଜୁନ୍ ମାସରେ ୪୮, ୫୬୪ ଟନ୍‌ର ସର୍ବକାଳୀନ ରେକର୍ଡ ରୋଡ୍ ଡିସ୍ପାଚ୍ ହାସଲ ହୋଇଛି। ସେହିପରି, ଏପ୍ରିଲଜୁନ୍ ଅବଧିରେ କାରଖାନା ୮, ୨୭, ୮୭୧ ଟନ୍ ଡାଇରେକ୍ଟ ଡିସ୍ପାଚ୍ କରି ପୂର୍ବର ୭, ୯୫, ୫୨୧ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି।

ଆଲୋଚ୍ୟ ସମୟରେ ଆରଏସପି କାର୍ଯ୍ୟକାରୀ ପୁଞ୍ଜିର ଉତ୍ତମ ପରିଚାଳନା ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଇ, ନିଜର ରୋଡ୍ ଏବଂ ଡାଇରେକ୍ଟ ଡିସ୍ପାଚ୍‌କୁ ତ୍ୱରାନ୍ୱିତ କରିଥିବା ବେଳେ ପ୍ଲେଟ୍ ମିଲ୍ ପ୍ଲେଟ ଓ ଏଚ୍ଆର୍ ପ୍ଲେଟ୍ ପରି ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ବର୍ଗରୁ ମିଳିଥିବା ଉଲ୍ଲେଖନୀୟ ଅବଦାନ କାରଖାନାର ଆର୍ଥିକ ପ୍ରଦର୍ଶନକୁ ଅଧିକ ସୁଦୃଢ଼ କରିଛି।

# ତୁରକେଲ ପୋଲ ନିର୍ମାଣ ପାଇଁ ଟେଣ୍ଡରରେ ଅନିଶ୍ଚିତତା

**ଭବାନୀପାଟଣା, ୪।୭ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକର ବୋର୍ଡା ଅଞ୍ଚଳକୁ ମିଳକି ଅଞ୍ଚଳ କୁହାଯାଉଥିବା ବେଳେ ଏବେ ପ୍ରଶାସନ ତରଫରୁ ତୁରକେଲ ପୋଲରେ ଯାନବାହାନ ଚଳାଚଳ ବନ୍ଦ କରି ଦିଆଯାଇଥିବା ଯୋଗୁଁ ଅଞ୍ଚଳବାସୀ ପ୍ରାୟ ୧୦ମାସ ଧରି ବିଚ୍ଛିନ୍ନ ହୋଇ ରହିଛନ୍ତି। ଏହି ପୋଲ ବନ୍ଦ ଯୋଗୁଁ ଏହି ଅଞ୍ଚଳ ଲୋକେ ପ୍ରାୟ ୩୦ କିମି ବୁଲି ସଦର ମହକୁମାକୁ ଆସୁଛନ୍ତି। ୧୧ ଗୋଟି ପଞ୍ଚାୟତ ଲୋକେ ଏହି ପୋଲ ଉପରେ ନିର୍ଭର କରନ୍ତି।



**୭୦ଦିନରେ ଧାରଣା; ଶୁଣୁନି ପ୍ରଶାସନ**

ପୋଲ ପାଇଁ ଡିସେମ୍ବର ମାସରେ ବିଧାୟକ ସାଗର ଚରଣ ଦାସଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିବାବେଳେ ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଥିଲା। ହେଲେ ସରକାର ପୋଲ ନିର୍ମାଣର କୌଣସି ନିର୍ଭର ପ୍ରତିଶ୍ରୁତି ନଦେବାରୁ ବିଧାୟକ ଶ୍ରୀ ଦାସଙ୍କ ନିର୍ଦ୍ଦେଶରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଏପ୍ରିଲ ୨୭ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣାରେ ଜାରି ରହିଛି। ୭୦ ଦିନ ପରେ ବି ଅନିଶ୍ଚିତତା ଲାଗି ରହିଛି। ଧାରଣାର କିଛି ଦିନ ପରେ ପୋଲ ପାଇଁ ୧୭ କୋଟି ଟଙ୍କା ଏଷ୍ଟିମେଟ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଥିଲେ ବି କଂଗ୍ରେସ ଦଳ ବିଶ୍ୱାସକୁ ନେଇପାରୁନାହିଁ।

ଏ ସମ୍ପର୍କରେ କଂଗ୍ରେସ ଦଳର ବରିଷ୍ଠ ନେତା ଧନୁର୍ଦ୍ଧର ଗହୀର କହିଛନ୍ତି, ଧାରଣା ଦେବାପରେ ସରକାର ପୋଲ ନିର୍ମାଣ ଏଷ୍ଟିମେଟ କରାଇଲେ, ପୁଣି ଟେଣ୍ଡର ପ୍ରକ୍ରିୟା କରାଇଲେ ହେଲେ ଟେଣ୍ଡର ତାରିଖ ଜୁନ୍ ୧୦, ଜୁନ୍ ୨୨, ଜୁଲାଇ ୨ କହି ବାରମ୍ବାର ଦିନ ଗଡ଼ାଉଛନ୍ତି। ଏପରିକି ସାଂସଦ ମାଳବିକା ଦେବୀ ଦେଇଥିବା ନିର୍ଦ୍ଦିଷ୍ଟ ସମୟ ବି ସରିଛି।

ଗଣଧାରଣାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଜୟଦେବ ନାଏକ, ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକଙ୍କ ପ୍ରତିନିଧି ଧନୁର୍ଦ୍ଧର ଗହୀର, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ ମହାକୁଡ଼, ଆଇନଜୀବୀ ସିଦ୍ଧାର୍ଥ ନାୟକ, ନିମାଞ୍ଚଳ ନାଏକ, ସୁଦର୍ଶନ ବିଶ୍ୱାଳ, ସୁବାସ ପ୍ରଧାନ, ଲିଙ୍ଗରାଜ ନାଏକ, ସନ୍ତୋଷ ନାଏକ, ରୁକ୍ମିଣୀ ଶବର, ମିଡ଼ିଆ ସେଲ ସଂଯୋଜକ ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଚଳଚ୍ଚିତ୍ରର ଶ୍ରେଷ୍ଠ ଗୀତିକାର ଦୁର୍ଗାମାଧବ ପଣ୍ଡାଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା



**ରାଉରକେଲା, ୪।୭ (ସମିସ):** ଆଜି ସୁନ୍ଦରଗଡ଼ ବିଜୁ ଜନତା ଦଳର ଏକ ବିଶେଷ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ବିଶିଷ୍ଟ କବି, ହାସ୍ୟ ଓ ବ୍ୟଙ୍ଗ କବି ତଥା ପ୍ରସିଦ୍ଧ ଗୀତିକାର ଦୁର୍ଗା ମାଧବ ପଣ୍ଡା ଯେ କି ନିକଟରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଗୀତିକାର ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି ତାଙ୍କୁ ବିଜୁ ଜନତା ଦଳ ସୁନ୍ଦରଗଡ଼ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଛି।

ବିଜେଡି ନେତା ତଥା ରାଜ୍ୟ ଯୁଗ୍ମ ସମ୍ପାଦକ ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁର୍ଗା ମାଧବ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ସଭ୍ୟ ତଥା ସଦର ବ୍ଲକ ସଭାପତି ଅଶ୍ୱିନୀ ନାଏକ, ଟାଙ୍ଗରପାଲି ବ୍ଲକ ସଭାପତି ଶୋଭନ ଦାଶ, ବାର୍ ଆସୋସିଏସନ ସଭାପତି ଅଶୋକ କୁମାର ସ୍ୱାଇଁ, ଜିଲ୍ଲା ବିଜେଡି ଉପସଭାପତି ସୁମନ୍ତ ପଣ୍ଡା, ଯୁବନେତା ସଞ୍ଜୟ ପଟ୍ଟନାୟକ, ଅଶୋକ ମହାନ୍ତି, ସୁମନ୍ତ ସାହୁ, ହେମନ୍ତ ମେହେରଙ୍କ ସମେତ ଦଳର ବହୁ ନେତା, ପୌରପାଳିକାର ସମସ୍ତ କାଉନସିଲର ଓ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ତୃତୀୟ ଏଚ୍‌ଆର୍ କନ୍‌କ୍ଲେଭ୍



**ରାଉରକେଲା, ୪।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଏଲ୍ ଆଣ୍ଡ ଡି) ବିଭାଗରେ ଜୁଲାଇ ୩ ତାରିଖରେ ‘ନୀତିରୁ ଊର୍ଦ୍ଧ୍ୱ: କାର୍ଯ୍ୟଦକ୍ଷତା ଭିତ୍ତିକ ସାଙ୍ଗଠନିକ ସଂସ୍କୃତିର ନିର୍ମାତା ରୂପେ ଏଚ୍ଆର୍’ ଶୀର୍ଷକ ବିଷୟବସ୍ତୁ ଉପରେ ତୃତୀୟ ଏଚ୍ଆର୍ କନକ୍ଲେଭ୍ ଆୟୋଜିତ ହୋଇଥିଲା। ଏଥିରେ ପାଞ୍ଚଟି ଦଳ ଅଂଶଗ୍ରହଣ କରିଥିଲେ। ସମସାମୟିକ ମାନବ ସମ୍ବଳ ପରିଚାଳନା (ଏଚ୍ଆର୍) ସମ୍ବନ୍ଧୀୟ ଚ୍ୟାଲେଞ୍ଜ ଉପରେ ନୂତନ ଚିନ୍ତାଧାରା ଉପସ୍ଥାପନ, ମତ ବିନିମୟ ହୋଇଥିଲା। ଉପସ୍ଥାପନାଗୁଡ଼ିକର ମୂଲ୍ୟାଙ୍କନ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର, ମୁଖ୍ୟ ମହାପ୍ରବନ୍ଧକ (ବିଆଇଏମ୍, ଏମ୍ଏମ୍ ଆଣ୍ଡ ଟିଏମ୍) ହିମାଂଶୁ ମିଶ୍ର ଏବଂ ମୁଖ୍ୟ ମହାପ୍ରବନ୍ଧକ (ଏଚ୍ଏସ୍ଏମ୍ ଆଣ୍ଡ ଅକ୍ସିଲିଆରିଜ୍) ସୁବ୍ରତ କୁମାରଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ କରିଥିଲେ। ସମସ୍ୟା ସମାଧାନର ଦୃଷ୍ଟିଭଙ୍ଗୀ, ଧାରଣାର ସ୍ୱଷ୍ଟତା, ପ୍ରସ୍ତାବିତ ସମାଧାନର ପ୍ରାସଙ୍ଗିକତା ଓ କାର୍ଯ୍ୟକାରିତା ଏବଂ ଉପସ୍ଥାପନାର ସାମଗ୍ରିକ ପ୍ରଭାବଶାଳୀତା ଭଳି ବିଭିନ୍ନ ମାନଦଣ୍ଡ ଆଧାରରେ ଦଳଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥିଲା।

ଏହି କନକ୍ଲେଭ୍ ଅଂଶଗ୍ରହଣକାରୀମାନଙ୍କୁ ପାରମ୍ପରିକ ନୀତିଗତ ଢାଞ୍ଚାର ସୀମାରୁ ବାହାରକୁ ଚିନ୍ତା କରିବା ସହିତ ଉଚ୍ଚ କାର୍ଯ୍ୟଦକ୍ଷତା ଭିତ୍ତିକ ସାଙ୍ଗଠନିକ ସଂସ୍କୃତି ଗଠନରେ ମାନବ ସମ୍ବଳ ପରିଚାଳନା ବିଭାଗର ବ୍ୟାପକ ଭୂମିକା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଉତ୍ସାହିତ କରିଥିଲା।

କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ସ୍ମାରକ ଉପହାର ପ୍ରଦାନ କରାଯାଇଥିଲା। ଏହି କନକ୍ଲେଭ୍ ଏକ ଜ୍ଞାନବର୍ଦ୍ଧକ ଓ ଫଳପ୍ରଦ ମଞ୍ଚ ଭାବେ ପରିଗଣିତ ହୋଇଥିଲା, ଯାହା ସଂସ୍ଥାରେ କାର୍ଯ୍ୟଦକ୍ଷତା, ପାରସ୍ପରିକ ସହଯୋଗ ଏବଂ ସାଙ୍ଗଠନିକ ଉତ୍କର୍ଷତାକୁ ଆଗେଇ ନେବାରେ ଏଚ୍ଆର୍‌ର କେନ୍ଦ୍ରୀୟ ଭୂମିକାକୁ ପୁନର୍ବାର ପ୍ରତିପାଦିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଏଚ୍ଆର୍ (ଓଡି) ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ ସଞ୍ଚାଳନ କରିଥିଲେ।

# ‘ନିଶାମୁକ୍ତ ଓଡ଼ିଶା’ ଅଭିଯାନ ମଧ୍ୟରେ ମଦ ପାଇଁ ଭିଡ଼

**ନିଶା କାରବାର ଉପରେ ରୋକ୍ ହିଁ ନିଶା ମୁକ୍ତ ଓଡ଼ିଶା ଲକ୍ଷ ପୂରଣ କରିବ**

**ରାଉରକେଲା, ୪।୭ (ସମିସ)**

ଗୋଟିଏ ପଟେ ରାଜ୍ୟବ୍ୟାପୀ ‘ନିଶାମୁକ୍ତ ଓଡ଼ିଶା’ ଅଭିଯାନ ଚାଲିଥିବା ବେଳେ ଅନ୍ୟପଟେ ରାଉରକେଲାରେ ଖୋଲାଥିବା ଏକମାତ୍ର ମଦ ଦୋକାନରେ ଜମୁଛି ଅସମ୍ଭାଳ ଭିଡ଼। ଫଳରେ ସିଭିଲ୍ ଟାଉନସିପ୍ ସ୍ଥିତ ପାନପୋଷ ରୋଡ୍‌ରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ହେଉଛି। ସମ୍ପ୍ରତି ମଦ ଦୋକାନଗୁଡ଼ିକର ଲାଇସେନ୍ସ ନିଲାମ ଓ ନବୀକରଣ ପ୍ରକ୍ରିୟା ଚାଲିଥିବାରୁ ରାଉରକେଲାର ପ୍ରାୟ ସମସ୍ତ ବିଦେଶୀ ମଦ ଦୋକାନ ବନ୍ଦ ରହିଥିଲା। କେବଳ ପାନପୋଷ ରୋଡ୍‌ରେ ଥିବା ‘ବୁଣ୍ଟା ବ୍ୟାରେଲ୍’ ଦୋକାନଟି ଖୋଲା ଥିବାରୁ ଶହ ଶହ ଲୋକ ସେଠାରେ ମଦ କିଣିବାକୁ ଭିଡ଼ ଜମାଇଥିଲେ। ଫଳରେ ଦୋକାନ ସମ୍ମୁଖରେ ପ୍ରବଳ ଭିଡ଼ ସହ ପାନପୋଷ ରୋଡ୍‌ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।



ଏହାପୂର୍ବରୁ ଦିନବେଳେ ରାଉରକେଲାର ବିଭିନ୍ନ ଥାନା, ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ ‘ନିଶାମୁକ୍ତ ଓଡ଼ିଶା ଅଭିଯାନ’ ଅନ୍ତର୍ଗତ ଶପଥ ପାଠ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁଲିସ ପକ୍ଷରୁ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଏବଂ ନିଶା ବିରୋଧୀ ଅଭିଯାନକୁ ସମର୍ଥନ କରିବାକୁ ସାଧାରଣ ଜନତାଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ନାଗରିକ ମଧ୍ୟ ସାମିଲ ହୋଇଥିଲେ।

ତେବେ ସନ୍ଧ୍ୟାରେ ମଦ ଦୋକାନରେ ଅସମ୍ଭାଳ ଭିଡ଼ ସଚେତନତା କାର୍ଯ୍ୟକ୍ରମ ଓ ବାସ୍ତବ ସ୍ଥିତି ମଧ୍ୟରେ ଥିବା ଫରକକୁ ପଦାରେ ପକାଇଥିଲା।

ଏହି ଘଟଣାକୁ ନେଇ ସହରର ଅନେକ ବାସିନ୍ଦା ମତ ପ୍ରକାଶ କରିଛନ୍ତି ଯେ, ଯଦି ସରକାର ପ୍ରକୃତରେ ଓଡ଼ିଶାକୁ ନିଶାମୁକ୍ତ କରିବାକୁ ବଦ୍ଧ ପରିକର, ତେବେ ବିହାର ଭଳି ରାଜ୍ୟରେ ଲାଗୁ ହୋଇଥିବା ସମ୍ପୂର୍ଣ୍ଣ ମଦ ନିଷେଧ ବ୍ୟବସ୍ଥାକୁ ବିଚାର କରିବା ଆବଶ୍ୟକ। ସେମାନଙ୍କ ମତରେ, ନିଶାଦ୍ରବ୍ୟ ବିକ୍ରି ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିଲେ ହିଁ ନିଶାମୁକ୍ତ ସମାଜ ଗଠନର ଲକ୍ଷ୍ୟ ହାସଲ କରାଯାଇ ପାରିବ।

# ବନ ମହୋତ୍ସବରେ ଲାଗିଲା ଚାରା










## ମହୁଲପାଲି ବିଦ୍ୟାଳୟ

**ପଦ୍ମପୁର, ୪।୭(ସମିସ):** ମହୁଲପାଲି ସରକାରୀ ବିଦ୍ୟାଳୟରେ ବନ ମହୋତ୍ସବ ପ୍ରଧାନଶିକ୍ଷକ ପ୍ରମୋଦିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା କେଦାରନାଥ ସାହୁ, ସମ୍ମାନୀତ ଅତିଥି ତଥା ପ୍ରକୃତି ବନ୍ଧୁ ମୀନକେତନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମର ବରିହା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ତାପସ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଗୋବିନ୍ଦ ପଟେଲ ଓ ଶିକ୍ଷୟିତ୍ରୀ ଯୋଗିତା ମିଶ୍ର ସହଯୋଗ କରିଥିଲେ।

## ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟ

ରାଜବୋଡ଼ାସମ୍ବର ଅଧୀନସ୍ଥ ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏ ନେଇ ଆୟୋଜିତ ସାଧାରଣ ସଭାରେ ପ୍ରଧାନଶିକ୍ଷକ ରବିଶଙ୍କର ପଧାନ ସଭାପତିତ୍ୱ କରିଥିବାବେଳେ ଘେଁସ ବନାଞ୍ଚଳ ଅଧିକାରୀ ବିଜୟଲକ୍ଷ୍ମୀ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବୃକ୍ଷ ରୋପଣର ମହତ୍ତ୍ୱ ବିଷୟରେ କହିଥିଲେ। ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ମୀନକେତନ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ନାଗ, ଦୀପ୍ତିପୁର ବନପାଳ ସୁଶାନ୍ତ ଦାସ, ସମସ୍ତ ଶିକ୍ଷକ କର୍ମଚାରୀ ଏବଂ ଅଭିଭାବକ/ଅଭିଭାବିକା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରି ତାର ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଗଲା।

## ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**ଭଟଲି:** ଭଟଲି ବ୍ଲକ ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରମା ତନସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ସ୍ଥାନୀୟ ବିଧାୟକ ଇରାଶିଷ୍ ଆଚାର୍ଯ୍ୟ ଯୋଗ ଦେଇ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ସମସ୍ତେ ସାମିଲ ହୋଇ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସହକାରୀ ବନ ସଂରକ୍ଷକ ସୁବୋଧ ସାହୁ, ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ, ଭଟଲି ଥାନା ଅଧିକାରୀ ବିଭୁତି ଭୁଷଣ ଦଳେଇ, କୃଷି ଅଧିକାରୀ ଦେବାଶିଷ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶତାଧିକ ଚାରା ରୋପଣ କରାଯାଇଥିଲା।

## ନେତାଜୀ ଉଚ୍ଚ ବିଦ୍ୟାଳୟ

**ଗାଇସିଲେଟ:** ଗାଇସିଲେଟ ବ୍ଲକ କଟାବାହାଲ ସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୭୭ତମ ବନ ମହୋତ୍ସବ ଅବସରରେ ମଲକେନ ଡ୍ୟାମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ବନରକ୍ଷୀ ଅଜୟ ଦାଶ ଯୋଗଦେଇ ବୃକ୍ଷରୋପଣର ଗୁରୁତ୍ୱ, ପରିବେଶ ସନ୍ତୁଳନ ରକ୍ଷାରେ ବନର ଭୂମିକା ସମ୍ପର୍କରେ କହି ସଚେତନ କରିଥିଲେ। ପ୍ରତ୍ୟେକ ବର୍ଷ ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକ, ସହକାରୀ ଶିକ୍ଷକ ବିପିନ ବିହାରୀ ନନ୍ଦ, ପ୍ରମୋଦ ଚନ୍ଦ୍ର ସାହୁ, ନବୀନ ଚନ୍ଦ୍ର ବାରିହା, କଂଗ୍ରେସ ପଧାନଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଏବଂ ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିଆସୁଛନ୍ତି। ତେବେ ଆଜିର କାର୍ଯ୍ୟକ୍ରମରେ 'ଗଛ ଲଗାନ୍ତୁ, ଗଛ ବଞ୍ଚାନ୍ତୁ' ବାର୍ତ୍ତା ସହ ଉପସ୍ଥିତ ସମସ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ ଓ ସେଗୁଡ଼ିକର ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରିଥିଲେ।

## ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ

**ବରପାଲି:** ବରପାଲି ବ୍ଲକ କଦଳିପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଉପସ୍ଥିତିରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ପରିବେଶ ସନ୍ତୁଳନ କିପରି ରହିପାରିବ ଆଲୋଚନା କରିଥିଲେ। ଯୁବ ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ଏନଏସ୍ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପିଙ୍କି ବାରକ୍, ଇକୋ କ୍ଲବ ପ୍ରୋଗ୍ରାମ ଅଫିସର ନେପାଳ ବିଶ୍ୱାଳଙ୍କ ସମେତ ଅଧ୍ୟାପିକା ଜ୍ୟୋତି ସାହୁ, ପୁନମ୍ ସାହୁ, ମନୀଷା ଭୋଇ, ଶୋଭାବତୀ ଥପା, ସସ୍ମିତା ମେହେର, ପରିଣିତା ପଧାନ, ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବୀରେନ୍ଦ୍ର ଖଟୁଆ, ନୃପରାଜ୍ ଭୁଏ, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀମାନେ ୧୧୫ଟି ଚାରା ରୋପଣ କରିଥିଲେ। ଶେଷରେ ରେଡକ୍ରସ ସହ କାଉନ୍ସିଲର ଯାଜ୍ଞସେନୀ ମହାକୁର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିକାଶ ଆବାସିକ ବିଦ୍ୟାଳୟ

**ବରଗଡ଼:** ବିକାଶ ଆବାସିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନମହୋତ୍ସବ ଉପରେ ବୃକ୍ଷର ମହତ୍ୱ, ବିଷୟରେ ପ୍ରସଙ୍ଗମାନ ଉପସ୍ଥାପନ କରାଯାଇଥିଲା। ଦୈନନ୍ଦିନ ଜୀବନରେ ଅରଣ୍ୟର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ ଅଟେ, ଯାହା ଛାତ୍ରଛାତ୍ରୀ ମର୍ମେ ମର୍ମେ ଜ୍ଞାନାର୍ଜନ କଲେ। ପ୍ରକାଶ ଥାଉକି ଏହି ଅବସରରେ ବିଦ୍ୟାଳୟର ଏକ୍ଜିକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଡ. ମନୋଜ କୁମାର ତ୍ରିପାଠୀ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

## ଟେମରୀ ହାଇସ୍କୁଲ

**ପାଇକମାଳ:** ପାଇକମାଳ ବ୍ଲକ ଟେମରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଡୋଲାମଣୀ ଭୋଇଙ୍କ ସଭାପତିତ୍ୱରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବରେ ପ୍ରକୃତି ବନ୍ଧୁ ମିନିକେତନ ସାହୁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର ପ୍ରଧାନ, ଦୁଃର୍ଯ୍ୟୋଧନ ପୁଟା, ସରପଞ୍ଚ ଦିଲ୍ଲୀପ ବେହେରା, ସାମ୍ବାଦିକ ଗୋପବନ୍ଧୁ ଶିକା, ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ପୁରୋହିତ, କମିଟି ସଦସ୍ୟ ପୀତବାସ ଭୋଇ, ଭେଙ୍କେଟରମଣ ଠାକୁର ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# କ୍ରିଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲରେ ସଫଳ ହୃଦ ଅସ୍ତ୍ରୋପଚାର

**ବରଗଡ଼, ୪।୭(ସମିସ):** ପଶ୍ଚିମ ଓଡ଼ିଶାରେ ଉନ୍ନତ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କ୍ରିଷ୍ଣା ବିକାଶ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ, ବରଗଡ଼ ଆଉ ଏକ ସଫଳତା ହାସଲ କରିଛି। ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ନିଖିଲ ସିଂଘାନିଆ ସଫଳତାର ସହ ୨ଜଣ ରୋଗୀଙ୍କର ହୃଦୟର ଛିଦ୍ରକୁ କ୍ୟାଥେଟର ମାଧ୍ୟମରେ ଡିଭାଇସ୍ ପ୍ରତିରୋପଣ କରି ବନ୍ଦ କରିବା ପ୍ରକ୍ରିୟା ସମ୍ପନ୍ନ କରିଛନ୍ତି। ଏହି ଚିକିତ୍ସାରେ ଓପନ୍-ହାର୍ଟ ସର୍ଜରୀର ଆବଶ୍ୟକତା ପଡ଼ିନଥିଲା। ପାଇକମାଳ ଅଞ୍ଚଳର ୪୨ ବର୍ଷୀୟା ଚନ୍ଦ୍ରମା ବରିହା



ଦୀର୍ଘଦିନ ଧରି ଶ୍ୱାସକଷ୍ଟ, ହୃଦ୍‌ସ୍ପନ୍ଦନ ବୃଦ୍ଧି ଓ ଶକ୍ତିହୀନତାରେ ପୀଡ଼ିତ ଥିଲେ। ପରୀକ୍ଷା ପରେ ତାଙ୍କ ହୃଦୟରେ ୩୦ ମିଲିମିଟରର ଏ.ଏସ୍.ଡ଼ି. ଥିବା ଜଣାପଡ଼ିଥିଲା। ଗତ ଜୁନ୍ ୨୬ ତାରିଖରେ ଡା. ନିଖିଲ ସିଂଘାନିଆ ଓ କ୍ୟାଥ୍ ଲ୍ୟାବ୍ ଟିମ୍ ରୋଗୀଙ୍କ ଗୋଡ଼ର ଶିରାରେ ଛୋଟ ଛିଦ୍ର କରି ଲାଇଫଟେକ୍ ସାଇଣ୍ଟିଫିକ୍ ଏଏସଡ଼ି ଅକୁଡ଼ର ଡିଭାଇସ୍ ସଫଳତାର ସହ ପ୍ରତିରୋପଣ କରିଥିଲେ। ସମ୍ପୂର୍ଣ୍ଣ ପ୍ରକ୍ରିୟା ସଫଳ ହୋଇଥିବାବେଳେ ରୋଗୀ ସୁସ୍ଥ ହୋଇଥିଲେ। ସେହିଦିନ ହିଁ ଜଣେ ୧୪ ବର୍ଷୀୟା କିଶୋରୀଙ୍କର ମଧ୍ୟ ସମାନ ପ୍ରଣାଳୀରେ ହୃଦୟର ଛିଦ୍ର ବନ୍ଦ କରାଯାଇଥିଲା।

ଡା. ନିଖିଲ ସିଙ୍ଘାନିଆ କହିଛନ୍ତି ଯେ, ବର୍ତ୍ତମାନ ଅନେକ ଜନ୍ମଗତ ହୃଦ୍‌ରୋଗକୁ ବିନା ଓପନ୍-ହାର୍ଟ ସର୍ଜରୀରେ କ୍ୟାଥେଟର ମାଧ୍ୟମରେ ସଫଳତାର ସହ ଚିକିତ୍ସା କରାଯାଇପାରୁଛି। ଏହି ସୁବିଧା ରୋଗୀମାନଙ୍କୁ ସ୍ଥାନୀୟ ସ୍ତରରେ ଉପଲବ୍ଧ କରାଇବା ହିଁ ହସ୍ପିଟାଲ୍‌ର ଲକ୍ଷ୍ୟ।

# ଆଜି ପୁରୀ-କୋରାପୁଟ ନୂତନ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ

**ବରଗଡ଼, ୪।୭(ସମିସ):** ପୂର୍ବତଟ ରେଳପଥର ପ୍ରସ୍ତାବକୁ ଅନୁମୋଦନ କରି ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ପୁରୀ-କୋରାପୁଟ-ପୁରୀ ମଧ୍ୟରେ ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସ (୧୮୪୦୭/୧୮୪୦୮) ଚଳାଚଳ ପାଇଁ ସବୁଜ ସଙ୍କେତ ଦେଇଛି। ଶନିବାର ପୁରୀ ରେଳ ଷ୍ଟେସନରେ କେନ୍ଦ୍ର ରେଳ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହି ନୂତନ ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହାପରେ ଟ୍ରେନ୍‌ଟି ପ୍ରାୟ ୨ ଟାରେ ବରଗଡ଼ ରୋଡ଼ ଷ୍ଟେସନରେ ପହଞ୍ଚିବା ସମୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯାତ୍ରୀମାନଙ୍କୁ ସ୍ୱାଗତ କରିବେ। ଏହି ଅବସରରେ ଡିଆରଏମଙ୍କ ସମେତ ରେଳ ବିଭାଗର କର୍ତ୍ତୃପକ୍ଷ ତଥା କର୍ମଚାରୀ ମାନେ ଉପସ୍ଥିତ ରହିବେ।

**ବରଗଡ଼ରେ ସ୍ୱାଗତ କରିବେ ସାଂସଦ ପ୍ରଦୀପ ପୁରୋହିତ**

# ପଦ୍ମପୁରରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ

**ପଦ୍ମପୁର, ୪।୭(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁରବାସୀଙ୍କ ପାଇଁ ଏକ ଖୁସି ଖବର। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ପଦ୍ମପୁରଠାରେ ଏକ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଆନୁଷ୍ଠାନିକ ଭାବେ କାର୍ଯ୍ୟାଳୟ ଆଦେଶ ପ୍ରକାଶ ପାଇଛି। ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଏହି ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ମୁଖ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସୂଚନା ଅନୁଯାୟୀ, ଅକ୍ଟୋବର ୨୦୨୫ରେ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ୫୭ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ପଦ୍ମପୁର ସାମିଲ ଥିଲା। ବର୍ତ୍ତମାନ ଏଥିପାଇଁ ଜମି ହସ୍ତାନ୍ତର ଏବଂ ଅସ୍ଥାୟୀ ଗୃହର ବ୍ୟବସ୍ଥା ଚୂଡ଼ାନ୍ତ ହୋଇସାରିଛି। କେନ୍ଦ୍ରୀୟ ବିଦ୍ୟାଳୟ, ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଅସ୍ଥାୟୀ ପରିସର ଭାବେ ପାଠପଢ଼ା ଆରମ୍ଭ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରେ ବାଲ୍‌ବାଟିକା ୧ ରୁ ୩ ଏବଂ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ଗୋଟିଏ ଲେଖାଏଁ ସେକ୍ସନ ପାଠପଢ଼ା ହେବ। ପରବର୍ତ୍ତୀ ସମୟରେ ଅନୁମୋଦନ ଭିତ୍ତିରେ ଶ୍ରେଣୀ ବୃଦ୍ଧି କରାଯିବ। ଆନୁଷ୍ଠାନିକ ପ୍ରକ୍ରିୟା ଶେଷ ହେବାର ୩୦ ଦିନ ମଧ୍ୟରେ ବିଦ୍ୟାଳୟର ନାମଲେଖା ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କେନ୍ଦ୍ର ସରକାରଙ୍କୁ ବରଗଡ଼ ସାଂସଦଙ୍କ କୃତଜ୍ଞତା

**ବରଗଡ଼, ୪।୭(ସମିସ):** ବରଗଡ଼ ଲୋକସଭା କ୍ଷେତ୍ର ଅଧିନସ୍ଥ ପଦ୍ମପୁର ଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଭାରତ ସରକାରଙ୍କ ସ୍ୱୀକୃତି ମିଳିଛି। ଏହି ସଫଳତା ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଭାରତ ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ଗୁରୁବାର ଦିନ ଭାରତ ସରକାରଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଜାରି କରିଥିବା କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷରୁ ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ। ପ୍ରାରମ୍ଭରେ ରାଜବୋରାସମ୍ବର ଉଚ୍ଚ ବିଦ୍ୟାଳୟ ପରିସରରେ ବାଲବାଟିକା-୧ରୁ ୩ ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ସେକ୍ସନ୍ ସହ ପାଠପଢ଼ା ଆରମ୍ଭ ହେବ। ଏହି ନିଷ୍ପତ୍ତି ବରଗଡ଼ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିଛନ୍ତି।

# ବାଇଗଣ ବିଲରେ ବିଷ ପକାଇ ଦେଲେ ଦୁର୍ବୃତ୍ତ

**ଅମ୍ବାଭୋନା, ୪।୭ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ଅଞ୍ଚଳର ଜଣେ ଚାଷୀଙ୍କ ବାଇଗଣ ଚାଷକୁ ବିଷ ପକାଇ ନଷ୍ଟ କରିଦେଇଛନ୍ତି ଦୁର୍ବୃତ୍ତ। କଣ୍ଡିପାଲି ଗ୍ରାମର ସଫଳ ଚାଷୀ ସୁବଳ ପାତ୍ର ପଡ଼ୋଶୀ ଲୁଦୁପାଲି ଗ୍ରାମରେ ପ୍ରାୟ ଏକ ଏକର ଜମିରେ ବାଇଗଣ ଚାଷ କରିଥିଲେ। ଗଛରେ ଫୁଲ ଆସି କଢ଼ ଧରୁଥିବାବେଳେ କେହି ଦୁର୍ବୃତ୍ତ କୌଣସି ଉତ୍କଟ ବିଷ ପକାଇ ଦେଇଥିବାରୁ ଗଛ ଗୁଡ଼ିକ ଝାଉଁଳି ପଡ଼ିଥିବା ସେ ଅଭିଯୋଗ କରିଛନ୍ତି। ଧାର କରଜ କରି ଚାଷ କରିଥିବାବେଳେ ଏବେ ସେ ଚିନ୍ତାରେ। ଘଟଣାକୁ ନେଇ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୋଷୀଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

# ଜେଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଭେଡେନ, ୪।୭(ସମିସ):** ଭେଡ଼େନ ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ଏବିଡ଼ିଓ ସୌଭାଗ୍ୟ ପଧାନଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବରିଷ୍ଠ ଜେଇ ଶ୍ରୀନିବାସ ପଟ୍ଟନାୟକ ଓ ସିଡିପିଓ ଆଫଲାନ୍ସ ଟେଟେ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବ୍ଲକ କର୍ମଚାରୀ ତଥା ବ୍ଲକର ସରପଞ୍ଚ ତଥା ବହୁ ବୁଦ୍ଧିଜୀବୀ ଉପଢୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନିଲ କୁମାର ପୁଷ୍ଟି, ଜେଇ ଚିରଞ୍ଜୀବ ନାଥ, ନିଳାକାର କାଣ୍ଡାରୀ, ପ୍ରଦୀପ କୁମାର ପଧାନ, ପିଙ୍କୁ ଭୁଏ, ମୁରଲୀଧର ଗଡ଼ତିଆ, ସୁଲଗ୍ନା ପଧାନ, ନିରଞ୍ଜନ ନାଏକ, ରତ୍ନମଣି ତାଣ୍ଡିଆଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା







**ମେଲଛାମୁଣ୍ଡା, ୪।୭(ସମିସ)**

ସୋହେଲା ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ଘେଁସ ସର୍କଲର ବିଭିନ୍ନ ବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପାଇଁ ଏକ ଭାବପୂର୍ଣ୍ଣ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ନିଷ୍ଠାପର ସେବାକୁ ସ୍ମରଣ କରି ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଏବଂ ଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି।

## କଟାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

କଟାପାଲି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ କଟାପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତେଜରାଜ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ସୋହେଲା ଗୋଷ୍ଠୀ ଶିକ୍ଷା ବିଭାଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବରେ ସିଆରସିସି ଦୁର୍ଗାଚରଣ ପ୍ରଧାନ, କଟାପାଲି ଗ୍ରାମ୍ୟ କମିଟି ସଭାପତି ସାହେବ ପ୍ରଧାନ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତେଜରାଜ ସାହୁଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ଝାଙ୍କରପାଲି ପ୍ରାଥମିକ ବିଦ୍ୟାଳୟ

ଝାଙ୍କରପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜମ୍ବୋବତୀ ସୁନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗବନ୍ଧୁ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସଭାରେ ସିଆରସିସି ଆଦତ୍ୟ ଗଡ଼ତିଆ, ଗୁଣନିଧି ଭୋଇ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଗୁଣଗାନ ସହ ଆଗାମୀ ନିରାମୟ ଜୀବନ କାମନା କରିଥିଲେ।

## ସାର୍ଗୁଣାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ସାର୍ଗୁଣାପାଲି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ସନ୍ତୋଷ ଦେବତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଦିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରସିସି ଗଣେଶ ବରିହା, ସୋହେଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଚନ୍ଦ୍ରଶେଖର ପୁରୋହିତ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

## ବାନ୍ଦେନବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବାନ୍ଦେନବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ରକ୍ମଣ ବରିହାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହମ୍ମଦ ସିଦ୍ଦିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉପେନ୍ଦ୍ର ବାରିକ, ସିଆରସିସି ଟିକେଶ୍ୱର ପ୍ରଧାନ ଅତିଥି ଭାବରେ ଯୋଗଦାନ କରି ଅବସରପ୍ରାପ୍ତ ଶିକ୍ଷକ ରକ୍ମଣ ବରିହାଙ୍କ ପ୍ରଶଂସା ସହ ଦୀର୍ଘାୟୁ କାମନା କରିଥିଲେ।

## ପଣ୍ଡକିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ

ପଣ୍ଡକିପାଲି ସ୍ଥିତ ପଣ୍ଡକିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ହିଆଲଙ୍କ ସଭାପତିତ୍ୱରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବରେ ସିଆରସିସି ଟିକେଶ୍ୱର ପ୍ରଧାନ, ଛାୟାକାନ୍ତ ଖମାରୀ, ବାବାଜୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଶ୍ରୀକାନ୍ତ ସୁନାଙ୍କୁ ପୁଷ୍ପମାଲ୍ୟାର୍ପଣ କରି ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଉପରୋକ୍ତ ସମସ୍ତ ବିଦାୟୀ ସଭାରେ ଶିକ୍ଷକମାନଙ୍କର ଦୀର୍ଘ ବର୍ଷର ନିରବଚ୍ଛିନ୍ନ ସେବା ଓ ସମାଜ ଗଠନରେ ସେମାନଙ୍କର ଅବଦାନକୁ ଗଭୀର କୃତଜ୍ଞତାର ସହ ସ୍ମରଣ କରାଯାଇଥିଲା। ବିଦାୟ ବେଳର ଦୃଶ୍ୟ ବେଶ୍ ଭାବପୂର୍ଣ୍ଣ ଏବଂ ଅଶ୍ରୁଳ ରହିଥିଲା।

## ପଲ୍ଲୀ ପ୍ରଗତି ପଞ୍ଚଗାଁ ଉଚ୍ଚବିଦ୍ୟାଳୟ

**ଗାଇସିଲେଟ:** ଗାଇସିଲଟ ବ୍ଲକ ପଲ୍ଲୀ ପ୍ରଗତି ପଞ୍ଚଗାଁ ଉଚ୍ଚବିଦ୍ୟାଳୟ ବରିହାପୁଖାପାଣିରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ପୁରନ୍ଦର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ମୋହନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଗାଇସିଲେଟ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ସମୂହର ସଭାପତି ତଥା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଜଗଲପାଟର ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ଅତିଥି ଭାବେ ଗାଇସିଲେଟ ଏବିଇଓ ଧବଳେଶ୍ୱର ବରିହା, ଏବିଇଓ ଘାସିରାମ ଭୋଇ ଯୋଗଦାନ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ ଓ ସଦସ୍ୟା ତଥା ସମସ୍ତ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ଶ୍ରୀ ସାହୁଙ୍କୁ ନେଇ ତାଙ୍କ ବାସଭବନରେ ପହଞ୍ଚାଇଥିଲେ।

## ବରମୁଣ୍ଡା ହାଇସ୍କୁଲ

**ବିଜେପୁର:** ବିଜେପୁର ବ୍ଲକ ଅନ୍ତର୍ଗତ ବରମୁଣ୍ଡା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରମେଶ ଚନ୍ଦ୍ର ପଧାନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ଛାତ୍ରଛାତ୍ରୀମାନେ ଗୁରୁ ବନ୍ଦନା କରିଥିଲେ। ପ୍ରଧାନ ଶିକ୍ଷକ ଅମୃତଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଚାଳନା କମିଟିର ସଭାପତି ସୂରଜ ପ୍ରଧାନ, ପୂର୍ବତନ ସଭାପତି ଚନ୍ଦ୍ରଗୁପ୍ତ ନାୟକ, ସମିତି ସଭ୍ୟ ବ୍ୟାସଦେବ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଓ ହିନ୍ଦୀ ଶିକ୍ଷକ ଯଦୁମଣି ପ୍ରଧାନ, ଗଣିତ ଶିକ୍ଷକ ସଞ୍ଜୟ କୁମାର ସିଂହ, ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେରଙ୍କ ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ବକ୍ତାମାନେ ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକଙ୍କର ଗୁଣଗାନ କରିଥିଲେ। ବିଦ୍ୟାଳୟର ବର୍ତ୍ତମାନ ଏବଂ ପୁରାତନ ଛାତ୍ରଛାତ୍ରୀମାନେ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ା ଶିକ୍ଷକ ଗଜାନନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପଞ୍ଚମପୁର ମଣ୍ଡିରେ ଭିଜୁଛି ଧାନ ବସ୍ତା

# ବିଜେଡି ପ୍ରତିନିଧି ଦଳର ପରିଦର୍ଶନ





**ନୂଆପଡ଼ା/ ସିନାପାଲି, ୪।୭(ସମିସ)**

ନୂଆପଡ଼ା ଜିଲ୍ଲାର ପଞ୍ଚମପୁର ଧାନ ମଣ୍ଡିରେ ବର୍ଷା ସମୟରେ ଧାନ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ବିଜେଡି ପ୍ରତିନିଧି ଦଳ ପକ୍ଷରୁ ପୂର୍ବତନ ଯୋଗାଣ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଥିଲେ। ସେହି ଅବସରରେ ପଞ୍ଚମପୁର ମଣ୍ଡିରେ ପହଞ୍ଚି ଧାନ ସଂରକ୍ଷଣର ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ମଣ୍ଡି ପରିସରରେ ଧାନ ବସ୍ତାଗୁଡ଼ିକ ତ୍ରିପାଲରେ ଘୋଡ଼ାଯାଇଥିଲେ ମଧ୍ୟ ତଳେ ବର୍ଷା ପାଣି ପଶିଯାଇଥିବାରୁ ଧାନ ଭିଜୁଥିବା ନେଇ ଚାଷୀମାନେ ଅଭିଯୋଗ କରିଥିବା କଥା ବିଜେଡି ପକ୍ଷରୁ କୁହାଯାଇଛି। ଚାଷୀଙ୍କ ଦାବି ଅନୁଯାୟୀ, ମଣ୍ଡିରେ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥାର ଅଭାବ ଯୋଗୁଁ ବର୍ଷା ପାଣି ଜମି ଧାନ ବସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ମଣ୍ଡିର ସ୍ଥିତି ଦେଖି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାସହ ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିବା ବିଜେଡି ପକ୍ଷରୁ କୁହାଯାଇଛି। ଏହି ପରିଦର୍ଶନ ସମୟରେ ବିଜେଡିର ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଜଙ୍ଗଲରେ ଯୁବକଙ୍କୁ ହତ୍ୟା, ଦୁର୍ଘଟଣା ରୂପଦେବାକୁ ଉଦ୍ୟମ ଅଭିଯୋଗ

**ନୂଆପଡ଼ା/ସିନାପାଲି, ୪।୭ (ସମିସ):** ନୂଆପଡ଼ା ସଦର ବ୍ଲକ ଅଧୀନ କୋଟେନତୁଆ ପଞ୍ଚାୟତ ତିଲେଇଝର ଗାଁରେ ଶୁକ୍ରବାର ରାତିରେ ଜଣେ ଯୁବକ ଟ୍ରାକ୍ଟରରୁ ପଡ଼ି ପ୍ରାଣ ହରାଇଥିବା ଖରିଆର ରୋଡ୍ ଜୋଙ୍କ ଥାନା ଅଭିଯୋଗ ହୋଇଛି। ମୃତ ଯୁବକ ତିଲେଇଝର ଗାଁର ରାଜେଶ ସାହୁ (୨୨)। ହେଲେ ପରିବାର ଲୋକେ ହତ୍ୟାକରି ଟ୍ରାକ୍ଟର ଚକ ତଳେ ରଖି ଦେଇ ଦୁର୍ଘଟଣାର ରୂପ ଦିଆ ଯାଉଛି ବୋଲି ଅଭିଯୋଗ କରିଛନ୍ତି। ଜୋଙ୍କ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ପଠାଇଛି। ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ରାଜେଶ ଛେଳି ଚରାଇବାକୁ ନେଇଥିଲେ। ମଧ୍ୟାହ୍ନରେ ଛେଳିକୁ ଚରାଇ ଗୁହାଳରେ ବାନ୍ଧି ଖାଇ ସାରି ଶୋଇଥିଲେ। ଅପରାହ୍ନ ୫ଟା ସମୟରେ ୩ଟି ଟ୍ରାକ୍ଟରରେ ସିମେଣ୍ଟ ବୋଝେଇ ହୋଇ ଅଁଳାଯୁବା ଗାଁ ପାଖକୁ ଯିବାର ଥିଲା। ସିଜି ୦୬ ଜିବି ୮ ୯୦୪ ନମ୍ବର ଟ୍ରାକ୍ଟରରେ



ପ୍ରେମ ଶଙ୍କର ସାହୁ ନାମକ ଡ୍ରାଇଭର ଥିଲେ। ସେ ସିମେଟ ଓହ୍ଲାଇବା ପାଇଁ ଅଁଳାଯୁବା ଗାଁ ପାଖକୁ ଯିବୁ ବୋଲି କହି ଅନ୍ୟ ଏକ ଯୁବକ ସହ ୩ ଜଣ ଟ୍ରାକ୍ଟରରେ ଯାଇଥିଲେ। ସନ୍ଧ୍ୟାରେ ସିମେଟ ଓହ୍ଲାଇ ରାତି ପ୍ରାୟ ୯ଟା ସମୟରେ ଘରକୁ ଫେରିବା ସମୟରେ ଗାଁ ଠାରୁ ୧ କିମି ଦୂରରେ ଏକ ଜଙ୍ଗଲିଆ ସ୍ଥାନରେ ରାସ୍ତା ଉପରେ ଘଟଣା ଘଟିଛି। ଟ୍ରାକ୍ଟରରୁ ପଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ସାଥୀ ଯୁବକ କହୁଛନ୍ତି। ହେଲେ ଟ୍ରାକ୍ଟରରୁ ପଡ଼ି ମୃତ୍ୟୁ ହୋଇଥିବା ଭଳି ଜଣାପଡୁ ନ ଥିବା ପରିବାର ଓ ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପରିବାର ଓ ଗ୍ରାମବାସୀ ଖବରପାଇ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜଗି ରହିଥିଲେ। ସେହି ସମୟରେ ଡ୍ରାଇଭର ଓ ସାଙ୍ଗ ଯୁବକ ବ୍ୟାଟ୍ରିକୁ ଆଣିବା ପାଇଁ ବାରମ୍ବାର ଯାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ମୃତଦେହ ଜଗି ରହିଥିବା ଲୋକ ପଚାରିଲେ ଶୌଚ ଆସିଥିଲୁ ବୋଲି ଉତ୍ତର ଦେଉଥିଲେ। ଦୁଇଜଣ ଯୁବକ ହାତରେ ପାଣି ବୋତଲ ଧରି ବାରମ୍ବାର ଯିବାରୁ ସମସ୍ତଙ୍କୁ ସନ୍ଦେହ ହେଲା। ଏମାନେ ବାରମ୍ବାର କାହିଁକି ଆସୁଛନ୍ତି। ଏମାନେ ଘଟଣା ଘଟାଇ ଅନ୍ୟ କୌଣସି ବଡ଼ ଅଘଟଣ ଘଟାଇବା ଯୋଜନା କରୁଛନ୍ତି କି ବୋଲି ସନ୍ଦେହ କରି ମୃତଦେହ ପଡ଼ିଥିବା ଆଖପାଖ ଅଞ୍ଚଳରେ ତଦନ୍ତ ଆରମ୍ଭ କରିଥିଲା। ଏକ ଚାଷଜମି ଭିତରେ ରକ୍ତ ଛିଟା ସହ ଜମିର କିଛି ଅଂଶ କାଦୁଆ ହୋଇ ଯାଇଥିବାରୁ ଗୋଡ଼ାଇ ଗୋଡ଼ାଇ ମାରି ମରିଗଲା ପରେ ଟ୍ରାକ୍ଟର ଟ୍ରଲି ତଳେ ରଖିଦେଇ ଫେରାର ହୋଇଛନ୍ତି ବୋଲି ଖରିଆର ରୋଡ୍ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଧର୍ମଗଡ଼ ଅଞ୍ଚଳରୁ ବ୍ୟାପକ ସାର ଚୋରା ଚାଲାଣ

**ଧର୍ମଗଡ଼, ୪।୭(ସମିସ):** ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିବା ସହ ଚାଷ କାର୍ଯ୍ୟ ଜୋରଦାର ଆରମ୍ଭ ହୋଇଛି। ଚାଷୀ ବିହନ ଓ ହଳ-ଲଙ୍ଗଳ ପ୍ରସ୍ତୁତ କରି ଜମି ସଜାଡ଼ିବାରେ ବ୍ୟସ୍ତ ଅଛନ୍ତି। ମାତ୍ର ଏହି ଚାଷ ସମୟରେ ଧର୍ମଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ସାର ଚୋରା ଚାଲାଣ ବୃଦ୍ଧି ପାଇବା ଚାଷୀମାନଙ୍କ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ସାଜିଛି। ଏହାକୁ ରୋକିବାରେ ସ୍ଥାନୀୟ ପ୍ରଶାସନ



ସମ୍ପୂର୍ଣ୍ଣ ବିଫଳ ହୋଇଥିବା ନେଇ ଚାଷୀ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଏହି ଚୋରା କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ପୂର୍ବରୁ ଖୋଲମ୍‌ଖୋଲା ଚୋରା କାରବାର ହେଉଥିବା ବେଳେ ଏବେ ଅସାଧୁ ବେପାରୀ ଓ ଡିଲରମାନେ ସାର ଚାଲାଣ ପାଇଁ ଏକ ନୂଆ କୌଶଳ ଆପଣେଇଛନ୍ତି। ବିଶେଷ କରି ବେହେରା, ତରାପୁର ଏବଂ ସର୍ଗିଗୁଡା ଅଞ୍ଚଳର କିଛି ଡିଲରଙ୍କ ଠାରୁ ବେପାରୀମାନେ ଚଢ଼ା ଦରରେ ସାର କ୍ରୟ କରୁଛନ୍ତି। ଏହାପରେ ସେଗୁଡ଼ିକୁ ଗୋଟୋମୁଣ୍ଡା ଅଞ୍ଚଳର ବିଭିନ୍ନ ଗୋଦାମରେ ଗଚ୍ଛିତ ରଖାଯାଉଛି ଏବଂ ରାତି ସମୟରେ ସେଠାରୁ ନବରଙ୍ଗପୁର ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଚୋରା ଚାଲାଣ କରାଯାଉଛି। ବେହେରା ଗ୍ରାମର କେତେକ ଡିଲର ଏହି ଚୋରା କାରବାର ପାଇଁ ସ୍ଥାନୀୟ ଦଲାଲମାନଙ୍କୁ ନିଯୁକ୍ତ କରିଥିବା ଆଲୋଚନା ହେଉଛି। ଏହି ଦଲାଲମାନେ ସରଳ ଚାଷୀଙ୍କ ଠାରୁ ସେମାନଙ୍କ ଆଧାର କାର୍ଡ ସଂଗ୍ରହ କରୁଛନ୍ତି। ପରେ ସେହି ଆଧାର କାର୍ଡ ବ୍ୟବହାର କରି ଚାଷୀଙ୍କ ନାମରେ ସାର କ୍ରୟ କରାଯାଇଥିବା କାଗଜପତ୍ରରେ ଦର୍ଶାଯାଉଛି, କିନ୍ତୁ ପ୍ରକୃତରେ ସେହି ସାର ନବରଙ୍ଗପୁର ଏବଂ ଛତିଶଗଡ଼କୁ ଚୋରା ଚାଲାଣ ହେଉଛି। ନବରଙ୍ଗପୁର ଅଞ୍ଚଳରେ ବ୍ୟାପକ ପରିମାଣରେ ମକାଚାଷ ହେଉଥିବାରୁ ସେଠାରେ ୟୁରିଆ ସାରର ପ୍ରଚୁର ଚାହିଦା ରହିଛି। ଏହାର ସୁଯୋଗ ନେଇ ଡିଲରମାନେ ୟୁରିଆ ବ୍ୟାଗ ପ୍ରତି ୫୦୦ ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ଚଢ଼ାଦରରେ ବେପାରୀଙ୍କୁ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି। ପ୍ରତିଦିନ ଗୋଟୋମୁଣ୍ଡା ଓ ଡାହିମାଲ ରାସ୍ତା ଦେଇ ବେଆଇନ ଭାବେ ସାର ଗାଡ଼ି ଚଳାଚଳ କରୁଥିଲେ ସୁଦ୍ଧା କୃଷି ବିଭାଗ ନିଦ୍ରାରେ ଶୋଇ ରହିଛି। ଏହି ଚାଲାଣ ମାମଲା ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ ବେହେରାଙ୍କୁ ପଚାରିବାରୁ'ଯଦି ସ୍ଥାନୀୟ ଅଞ୍ଚଳରେ ଏଭଳି କୌଣସି ବେଆଇନ କାର୍ଯ୍ୟକଳାପ ଚାଲିଛି, ତେବେ ସେ ନେଇ ନିର୍ଦ୍ଦିଷ୍ଟ ସୂଚନା କିମ୍ବା ଅଭିଯୋଗ ପ୍ରଦାନ କରନ୍ତୁ। ବିଭାଗ ପକ୍ଷରୁ ତୁରନ୍ତ ତଦନ୍ତ କରାଯାଇ ସମ୍ପୃକ୍ତ ଅସାଧୁ ଡିଲର ଏବଂ ବେପାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱାମୀ ବିବେକାନନ୍ଦଙ୍କ ମହାସମାଧି ଦିବସ ପାଳିତ



**ଭବାନୀପାଟଣା ୪।୭(ସମିସ):** ସ୍ଥାନୀୟ ତାରିଣୀ ମନ୍ଦିର ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ମହାସମାଧି ଦିବସ ପାଳିତ ହୋଇଯାଇଛି। ଭାରତ ର ସନାତନ ଧର୍ମ ଏବଂ ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାର ରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀ। ଯୁବ ଶକ୍ତି ଦେଶର ମେରୁଦଣ୍ଡ ଓ ଉଠ, ଜାଗ, ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏଁ ଅଟକ ନାହିଁ ବୋଲି ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମାଜସେବୀ ପ୍ରସନ୍ନ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସରିତା ବାଗେଇ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ରେଳ ସମସ୍ୟାର ସମାଧାନ ଦାବି

**ଭବାନୀପାଟଣା, ୪।୭(ସମିସ):** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ ଓ ସେଗୁଡିକର ସ୍ଥାୟୀ ସମାଧାନ ପାଇଁ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି କଳାହାଣ୍ଡି ରେଳଯାତ୍ରୀ ସଂଘର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ। ସମ୍ବଲପୁରସ୍ଥିତ ରେଳ ମଣ୍ଡଳ ପ୍ରବନ୍ଧକ ଶ୍ରୀ ଚୌଧୁରୀଙ୍କୁ ସାକ୍ଷାତ କରି ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ଭବାନୀପାଟଣା ରେଳଷ୍ଟେସନ ଓ ଏହାର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟରେ ମନ୍ଥରତା ଏବଂ ନିମ୍ନମାନର କାମକୁ ନେଇ ଅଭିଯୋଗ କରିବା ସହିତ ଏଥିରେ ମଣ୍ଡଳ ପ୍ରବନ୍ଧକ ଶ୍ରୀ ଚୌଧୁରୀ ନିଜେ ହସ୍ତକ୍ଷେପ କରି ତଦନ୍ତ ଓ ତଦାରଖ କରିବାକୁ ସେ ଦାବି କରିଥିଲେ। ସେହିପରି ଭବାନୀପାଟଣା ରେଳଷ୍ଟେସନରେ ଯାତ୍ରୀଙ୍କ ପାଇଁ ପିଇବା ପାଣିର ସୁବିଧା, ଭବାନୀପାଟଣା ଓ ଜୁନାଗଡ଼ ରେଳଷ୍ଟେସନରେ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ, ରାମଚନ୍ଦ୍ରପୁର ସମେତ ଦେପୁର, କୁଟ୍ରୁଖମାର ଓ ଗୁରୁତ୍ୱପୂର୍ଣ୍ଣ ନର୍ଲାରୋଡ଼ ରେଳଷ୍ଟେସନରେ ଦୂରଗାମୀ ଟ୍ରେନ୍ ରହଣି, କେସିଙ୍ଗାରୁ ଭବାନୀପାଟଣାକୁ ନୂତନ ରେଳପଥ ନିର୍ମାଣ ପ୍ରସ୍ତାବ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ କଳାହାଣ୍ଡି ରେଳଯାତ୍ରୀ ସଂଘ ଭଳି ଅନେକ ନାଗରିକ ସଂଗଠନ ବରାବର ଦୃଷ୍ଟି ଆକର୍ଷଣ ସହିତ ରେଳ ସମସ୍ୟା ପ୍ରତି ଜିଲ୍ଲାବାସୀଙ୍କ ଆନ୍ତରିକତା ଓ ତତ୍ପରତାକୁ ନେଇ ଶ୍ରୀ ଚୌଧୁରୀ ଖୁସି ବ୍ୟକ୍ତ କରିଥିଲେ। ଏହାସହିତ ଜିଲ୍ଲାର ବିଭିନ୍ନ ରେଳ ସମସ୍ୟାଗୁଡ଼ିକ ସମ୍ପର୍କରେ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ସାକ୍ଷାତ ଆଲୋଚନା ସମୟରେ ରେଳଯାତ୍ରୀ ସଂଘର ସାଧାରଣ ସମ୍ପାଦକ ସୁଶୀଳ କୁମାର ବାଗ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ନର୍ଲା ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**ଭବାନୀପାଟଣା, ୪।୭(ସମିସ):** ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ନର୍ଲାଠାରେ ଶନିବାର ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ସାହୁଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ବନଖଣ୍ଡ ଅଧିକାରୀ ଭବାନୀ ନାୟକ ଯୋଗଦେଇ ଚାରାରୋପଣର ମହତ୍ତ୍ୱ ସହ ବନମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ବିଦ୍ୟୁତ ବିଭ୍ରାଟ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ସିନାପାଲି, ୪। ୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଘଣ୍ଟିଗୁଡ଼ା ପଞ୍ଚାୟତସ୍ଥିତ ନଦୀଗାଁ ଠାରେ ଉଠାପାନୀୟ ଜଳପ୍ରକଳ୍ପ ରହିଥିବା ବେଳେ ଏଠାରେ ରିତିମତ ବିଦ୍ୟୁତ ବିଭ୍ରାଟ ହେଉଥିବା ଘଣ୍ଟିଗୁଡା ସରପଞ୍ଚ ତଥା ସିନାପାଲି ସରପଞ୍ଚ ସଂଘ ସଭାପତି ଖୁଟୁରାମ ସୁନାନୀ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ଏହାର ସମାଧାନ ପାଇଁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଘଣ୍ଟିଗୁଡା ପଞ୍ଚାୟତସ୍ଥିତ ନଦୀଗାଁ ଠାରେ ଉଠାପାନୀୟ ଜଳପ୍ରକଳ୍ପ ରହିଛି। ଏହି ପ୍ରକଳ୍ପରୁ ହାତିବନ୍ଧା, ଲିଟିଗୁଡା ଓ ନୂଆପଡ଼ା ସମେତ ଅନେକ ପଞ୍ଚାୟତର ଗାଁଗୁଡ଼ିକୁ ପାନୀୟ ଜଳ ଯୋଗାଣ ହୁଏ। ହେଲେ ଉଦନ୍ତି ନଦୀରେ ଥିବା ଇନ୍‌ଟେକ ୱେଲକୁ ଯାଇଥିବା ବିଦ୍ୟୁତ ତାର ବହୁତ ପୁରୁଣା ହୋଇଥିବାରୁ ଅଳ୍ପବର୍ଷା ପବନ ହେଲେ ବିଦ୍ୟୁତ କଟିଯାଉଛି। ଫଳରେ ୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟଜଳ ଯୋଗାଣ ଅସୁବିଧା ହେଉଛି। ଏହାର ସମାଧାନ ପ୍ରତିକାର ପାଇଁ ବିଦ୍ୟୁତ ବିଭାଗକୁ ଅନେକଥର ଅନୁରୋଧ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସମାଧାନ କରୁନାହାନ୍ତି। ବିଭାଗୀୟ ଅବହେଳା ପାଇଁ ଅଞ୍ଚଳବାସୀ ପାଣିପାଇଁ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବା ବେଳେ ଅଭିଯୋଗ ପତ୍ରରେ ଘଣ୍ଟିଗୁଡା ସରପଞ୍ଚ ଶ୍ରୀ ସୁନାନୀଙ୍କ ଦସ୍ତଖତ ଉଲ୍ଲେଖ ରହିଛି। ଏନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ■ ମେଗା ପାନୀୟ ଜଳ ପ୍ରକଳ୍ପ ସାଜିଛି ଦୁର୍ଦ୍ଦଶାର କାରଣ

# ପାଇପ୍ ବିଛା ଯୋଗୁଁ ରାସ୍ତାଘାଟ ନଷ୍ଟ, ବଢୁଛି ଦୁର୍ଘଟଣା

**ଧର୍ମଗଡ଼, ୪।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ବହୁ ପ୍ରତୀକ୍ଷିତ ମେଗା ପାନୀୟଜଳ ପ୍ରକଳ୍ପ ଏବେ ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ବଡ଼ ବିପତ୍ତି ପାଲଟିଛି। ଗ୍ରାମାଞ୍ଚଳରେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନାଁରେ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ବ୍ଲକର ଅନେକ ଗ୍ରାମରେ ପକ୍କା ଓ ମାଟି ରାସ୍ତାଗୁଡ଼ିକୁ ଖୋଳି ନଷ୍ଟ କରିଚାଲିଛି। ଗୋଲାମୁଣ୍ଡା ବ୍ଲକ ଅଧୀନ ଡୁଡକେଲ ସମେତ ବିଭିନ୍ନ ଗ୍ରାମରେ ଚାଲିଥିବା ଏହି ବେପରୁଆ କାର୍ଯ୍ୟ ଯୋଗୁଁ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାର ସୁଧାର ପାଇଁ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରି ପକ୍କା ରାସ୍ତା ନିର୍ମାଣ କରୁଥିବା ବେଳେ, ପାଇପ୍ ବିଛାଉଥିବା ସଂସ୍ଥା ଏହି ନିର୍ମିତ ସରକାରୀ ସମ୍ପତ୍ତିକୁ ଅତିନିର୍ଦ୍ଦୟ ଭାବେ ଭାଙ୍ଗି ଚାଲିଛି। ରାସ୍ତା ମଝିରେ ବଡ଼ ବଡ଼ ଗାତ ଖୋଳି ପାଇପ୍ ପକାଯାଉଛି ସତ, ମାତ୍ର କାମ ସରିବା ପରେ ରାସ୍ତାକୁ ପୂର୍ବଭଳି ମରାମତି କରାଯାଉ ନାହିଁ। ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ଖୋଳାଯାଇଥିବା ରାସ୍ତାଗୁଡ଼ିକରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ଓ ପାଣି ଜମି ରହିଛି। ବିଶେଷ କରି ଏହି ଗ୍ରାମର ମୁଖ୍ୟ ସ୍ଥାନ,



ବିଦ୍ୟାଳୟ, ଅଙ୍ଗନବାଡି କ୍ୱାର୍ଟର୍ସ ଏବଂ ମିଶନ ଶକ୍ତି ଗୃହ ସମ୍ମୁଖରେ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଖରାପ ରାସ୍ତା ଯୋଗୁଁ ପ୍ରତିଦିନ ବୃଦ୍ଧ, ମହିଳା ଏବଂ ସ୍କୁଲ ଯାଉଥିବା କୋମଳମତି ଶିଶୁମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମବାସୀଙ୍କ ଯିବା ଆସିବାରେ ପ୍ରବଳ ବାଧା ସୃଷ୍ଟି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଅସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଉକ୍ତ ଦାୟିତ୍ୱହୀନ ସଂସ୍ଥା ବିରୋଧରେ ସ୍ଥାନୀୟ ପ୍ରଶାସନ କିମ୍ବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଜନସାଧାରଣଙ୍କ ସୁରକ୍ଷାକୁ ଆଖିଆଗରେ ରଖି ରାସ୍ତା ନଷ୍ଟ କରୁଥିବା ଏହି ସଂସ୍ଥା ବିରୋଧରେ ସରକାର କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ଯଥାଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଗୁଡ଼ିକର ପୁନଃନିର୍ମାଣ କରାଯାଉ ବୋଲି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ■ ନାବାଳକ ହତ୍ୟା ମାମଲାର ରାୟ ପ୍ରକାଶ

# ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶ

**ଭବାନୀପାଟଣା, ୪।୭ (ସମିସ):** କଳାହାଣ୍ଡି ଜିଲ୍ଲା ଅଧୀନ ଥୁଆମୁଳ ରାମପୁର ଥାନା ଅଞ୍ଚଳରେ ୨୦୨୧ ମସିହାରେ ଜଣେ ନାବାଳକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବଦ୍ରି ନାରାୟଣ ନନ୍ଦ ୧୨ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଭଟାଗୁଡ଼ା ଗ୍ରାମର ଜୟ ସିଂ ଜାନୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଯଦି ଜରିମାନା ଆଦାୟ ହୁଏ ସେହି ଟଙ୍କାକୁ ପୀଡ଼ିତଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୮ ।୭ ।୨୦୨୧ରେ ଥୁଆମୂଳ ରାମପୁର ଥାନା ଅଧୀନ ଭଟାଗୁଡ଼ା ଗ୍ରାମର ଘାସିରାମ ମାଝୀଙ୍କ ନାବାଳକ ପୁଅ ଅନିଲ ମାଝୀ (୧୦) ମଧ୍ୟାହ୍ନରେ ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜୟ ସିଂ ଜାନୀ କୌଣସି ପୂର୍ବ ଶତ୍ରୁତା ନ ଥାଇ ଅନିଲକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଅନୀଲଙ୍କ ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଜୟ ସିଂ ମୃତକଙ୍କ ବଡ଼ ଭାଇ ଦେବେନ୍ଦ୍ରଙ୍କୁ ଗୋଡ଼ରେ ଓ ଜଣେ ମହିଳାଙ୍କୁ ଅଣ୍ଟାରେ ଧନୁ ତୀର ଧରି ବିନ୍ଧି ମାରିବାରୁ ସେମାନେ ମଧ୍ୟ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ଥୁଆମୁଳ ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ପ୍ରଦୀପ କୁମାର ବିହାର ପରିଚାଳନା କରିଥିଲେ।

## ବନ ମହୋତ୍ସବରେ ବିଭିନ୍ନ ସ୍ଥାନରେ ଚାରା ରୋପଣ

# ଜଙ୍ଗଲ ସୁରକ୍ଷାକୁ ନେଇ ପ୍ରଶ୍ନ

**ଥୁଆମୂଳ ରାମପୁର, ୪।୭(ସମିସ)**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ସପ୍ତାହ ଭାବେ ପାଳନ କରାଯାଉଛି। ୧୯୫୦ ମସିହାରୁ ଆରମ୍ଭ ହୋଇଥିବା ଏହି ଜାତୀୟ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଚାରାରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା, ବନୀକରଣକୁ ପ୍ରୋତ୍ସାହନ ଓ ଲୋକଙ୍କ ମଧ୍ୟରେ ବନ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି କରିବା। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧୀନ ଥୁଆମୂଳ ରାମପୁର, ସାଇସୁରୁନୀ ଓ କର୍ଲାପାଟ ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ପକ୍ଷରୁ ଗ୍ରାମ ବିକାଶ ଶିକ୍ଷା ନିକେତନ, ହେଲୋ ପଏଣ୍ଟ ଏବଂ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବା ସହ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ବିଶେଷ କରି ଥୁଆମୂଳ ରାମପୁର ତାଲୁକ ଆଇନ ସେବା କମିଟିର ମିଳିତ ଆନୁକୂଲ୍ୟରେ ହେଲୋ ପଏଣ୍ଟଠାରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିଥିଲା। ଥୁଆମୂଳ ରାମପୁର ଜେ.ଏମ୍.ଏଫ୍.ସି. ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଡେପୁଟି ବନାଞ୍ଚଳ ଅଧିକାରୀ ତ୍ରିନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ତହସିଲଦାର ତପନ କୁମାର ପତି, ଆଇନଜୀବୀ ମନୋରଞ୍ଜନ ନାଏକ, ଦିଲ୍ଲୀପ କୁମାର ନାଏକ, ତୁଳସୀରାମ ମାଝୀ, ସରକାରୀ ଓକିଲ ସୁଧାଂଶୁ ନାଏକ, ଥୁଆମୂଳ ରାମପୁର ଥାନାର ଏସ୍.ଆଇ. ସନ୍ତୋଷ କୁମାର ସେଠୀ, ଜେ.ଏମ୍.ଏଫ୍.ସି.ର ବରିଷ୍ଠ କିରାଣୀ ଅଶୋକ ସାହୁ, ଜିମି ବେହେରା ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ସାଇସୁରୁନୀ ବନାଞ୍ଚଳ ପକ୍ଷରୁ ଫରେଷ୍ଟର ନିହାର ରଞ୍ଜନ ଠାକୁରଙ୍କ ତତ୍ତ୍ୱାବଧାନରେ ଜଟାଙ୍ଗପଡ଼ା ନିକଟ ପାହାଡ଼ର ୧୫ ହେକ୍ଟର ଅଞ୍ଚଳରେ ଚାରାରୋପଣର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଣପୁର ସରପଞ୍ଚ ସୁଜାତା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ





ଚାରାରୋପଣ କରିଥିଲେ। ପରେ ସାଇସୁରୁନୀ ଏକଲବ୍ୟ ବିଦ୍ୟାଳୟ ପରିସର ଏବଂ ସାଇସୁରୁନୀ ମାଆ ଗୃହ ପରିସରରେ ମଧ୍ୟ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ତେବେ ଏହି ବନ ମହୋତ୍ସବ ପାଳନ ମଧ୍ୟରେ ବନ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠିଛି। ସ୍ଥାନୀୟ ଅଞ୍ଚଳରେ ପୋଡୁଚାଷ ପାଇଁ ପ୍ରତିବର୍ଷ ଶହଶହ ହେକ୍ଟର ଜଙ୍ଗଲ ଧ୍ୱଂସ ହେଉଥିବା ଅଭିଯୋଗ ରହିଛି। ଏହାକୁ ରୋକିବାରେ ବନ ବିଭାଗ ପକ୍ଷରୁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଉନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟ ବ୍ୟାପକ ଭାବେ ନଷ୍ଟ ହୋଇଥିବା ନେଇ ସ୍ଥାନୀୟ ଲୋକ ଉଦାହରଣ ଦେଉଛନ୍ତି। ଅନ୍ୟପକ୍ଷରେ, ବନ ମହୋତ୍ସବ ଭଳି ସଚେତନତାମୂଳକ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପରିବର୍ତ୍ତେ କେବଳ କିଛି ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସୀମିତ ରହୁଥିବା ଅଭିଯୋଗ ମଧ୍ୟ ହେଉଛି। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୂର୍ବ ସୂଚନା ନ ଦେବା ଘଟଣାକୁ ନେଇ ମଧ୍ୟ କାର୍ଯ୍ୟକ୍ରମର ସ୍ୱଚ୍ଛତା ଓ ଜନସମ୍ପୃକ୍ତତା ଉପରେ ପ୍ରଶ୍ନ ଉଠିଛି। ପରିବେଶବିତ୍‌ଙ୍କ ମତରେ, କେବଳ ବୃକ୍ଷରୋପଣ ନୁହେଁ, ବରଂ ବିଦ୍ୟମାନ ଜଙ୍ଗଲର ସୁରକ୍ଷା, ଅବୈଧ ବନନଷ୍ଟ ରୋକିବା, ପୋଡୁଚାଷ ନିୟନ୍ତ୍ରଣ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ସହଭାଗିତା ନିଶ୍ଚିତ ହେଲେ ମାତ୍ର ବନ ମହୋତ୍ସବର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ। ବନ ମହୋତ୍ସବ କେବଳ ଏକ ସପ୍ତାହର କାର୍ଯ୍ୟକ୍ରମରେ ସୀମିତ ନ ରହି ବର୍ଷସାରା ବନ ସଂରକ୍ଷଣର ଏକ ସ୍ଥାୟୀ ଅଭିଯାନରେ ପରିଣତ ହେବାକୁ ସାଧାରଣରେ ଦାବି ହେଉଛି।

# କେସିଙ୍ଗା ବିଜେଡିର ସାଂଗଠନିକ ବୈଠକ

**କେସିଙ୍ଗା, ୪।୭(ସମିସ):** ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବାବେଳେ ବିଜୁ ଜନତାଦଳ ମଧ୍ୟ ପ୍ରସ୍ତୁତିରେ ପଛରେ ନାହିଁ। ଏନେଇ ଶନିବାର କେସିଙ୍ଗା ଏନ୍‌ଏସି ପରିସରରେ କେସିଙ୍ଗା ବିଜେଡି ଟାଉନ ସଭାପତି ତଥା ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ ବିଜୁ ଜନତା ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କର୍ମୀମାନଙ୍କୁ ଏକଜୁଟ କରିବା ସହିତ ଉତ୍ସାହିତ ମଧ୍ୟ କରିଥିଲେ। କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତରେ କିପରି ନିଜର ଆଧିପତ୍ୟ ବଜାଇ ରଖିବାରେ ସଫଳ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା। କ୍ୟାପଟେନ ମିଶ୍ର ବିଜେଡି ସରକାର ଅମଳରେ କେସିଙ୍ଗାରେ ହୋଇଥିବା ପ୍ରମୁଖ ବିକାଶ ଉପରେ ଆଲୋଚନା କରି ବ୍ଲକର ପ୍ରତ୍ୟେକ ପଞ୍ଚାୟତକୁ ଯାଇ ପଞ୍ଚାୟତବାସୀଙ୍କ ସୁବିଧା ଅସୁବିଧାରେ ଠିଆ ହେବାପାଇଁ ଉପସ୍ଥିତ କେସିଙ୍ଗା ବିଜେଡି ନେତୃବୃନ୍ଦଙ୍କୁ ଗୁରୁମନ୍ତ୍ର ଦେଇଥିଲେ।



# ଜୁଲାଇ ୧୬ରେ 'ଦ ମିଲେଟ୍ ଡାଏରୀ'

'ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ' ବ୍ୟାନରରେ ନିର୍ମିତ 'ଦ ମିଲେଟ୍ ଡାଏରୀ': କେବଳ ଏକ ସିନେମା ନୁହେଁ, ବରଂ ଏଥିରୁ କଳିଙ୍ଗର ଆତ୍ମସମ୍ମାନ ଓ ମାଣ୍ଡିଆର ଗୌରବଗାଥା ସ୍ପଷ୍ଟ ବାରି ହେଉଛି । ଆସନ୍ତା ଜୁଲାଇ ୧୬ତାରିଖ ରଥଯାତ୍ରା ଅବସରରେ ଏହି ଚଳଚ୍ଚିତ୍ରଟି ପରଦାକୁ ଆସୁଛି । ଏହି ସିନେମାଟି ଅତୀତର ସେହି ସମୟକୁ ନେଇଯିବ, ଯେଉଁଠି ମାଣ୍ଡିଆ କେବଳ ଏକ ଶସ୍ୟ ନଥିଲା, ଥିଲା ସଭ୍ୟତାର ପରିଚୟ । ସମସାମୟିକ କାଳଚକ୍ରର ଏକ ଶାଶ୍ୱତ ପ୍ରେମର ସୁନ୍ଦର ଝଲକ ଏହି ଚଳଚ୍ଚିତ୍ରକୁ ଅଧିକ ଭାବପୂର୍ଣ୍ଣ କରିଛି । ବୈଦ୍ୟ ଓ ବିଜ୍ଞାନ କଥା ରହିଛି ଯାହା କଳିଙ୍ଗର ପାରମ୍ପରିକ 'କବିରାଜି' ଚିକିତ୍ସା ଏବଂ ପ୍ରତିକୂଳ ପରିସ୍ଥିତିରେ ଜଣେ ବୈଦ୍ୟଙ୍କ ଦୃଢ଼ ଆତ୍ମବିଶ୍ୱାସର କାହାଣୀ ହେଉଛି 'ମିଲେଟ୍ ଡାଏରୀ' । ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ୍ ରାଜେଶ ଏବଂ ଶ୍ରୀତମ ଦାସ ଅଭିନୟ କରିଛନ୍ତି । ଅନ୍ୟାନ୍ୟ ପ୍ରମୁଖ କଳାକାରମାନଙ୍କ ମଧ୍ୟରେ କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି, ସାନ୍ତୁ ନିଜେ, କାଞ୍ଚନ, ରାଜଶ୍ରୀ, ଦୀପକ, ଦେବିକା ଏବଂ ଶ୍ରେୟା ପ୍ରମୁଖ ଅଛନ୍ତି । ଏହାର ପ୍ରଯୋଜନା ଓ କାହାଣୀରେ ଜେ.ଆର୍. ଏମ୍ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହାନ୍ତ । ସିନେମାଟିର ଚିତ୍ରନାଟ୍ୟ ଓ ସଂଳାପରେ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଅଛନ୍ତି । ସଙ୍ଗୀତରେ ପ୍ରେମ ଆନନ୍ଦ ଅଛନ୍ତି । ଅନ୍ୟପଟେ "ଏହି ଚଳଚ୍ଚିତ୍ର ଦର୍ଶାଏ ଯେ ମାଣ୍ଡିଆ କେବଳ ଖାଦ୍ୟ ନୁହେଁ, ଏହା ଆମ ମାଟିର ଶକ୍ତି । ଶତ୍ରୁ କିମ୍ବା ପ୍ରକୃତିର ପ୍ରକୋପ-ସବୁଥିରୁ ନିଜକୁ ବଞ୍ଚାଇବା ପାଇଁ ଆମ ପୂର୍ବପୁରୁଷ କିଭଳି ଏହି 'ଶ୍ରୀଅନ୍ନ'କୁ ନିଜର ସାହାରା କରିଥିଲେ, ତାହା ଏବେକାର ପିଢ଼ି ପାଇଁ ଏକ ବଡ଼ ଶିକ୍ଷା ।" ■





# ଆସିବ 'ବାହୁବଳୀ-୩'

ଏସ୍‌ଏସ୍ ରାଜମୌଳିଙ୍କ ଫିଲ୍ମ 'ବାହୁବଳୀ' ଏବଂ 'ବାହୁବଳୀ-୨'କୁ ଦର୍ଶକୀୟ ଆଦୃତି ମିଳିଛି । ତେବେ 'ବାହୁବଳୀ ୨' ପରେ ଲୋକେ ଭାବୁଥିଲେ ଏହାର ତୃତୀୟ ଭାଗ ଆସିବ ନାହିଁ । ତେବେ ଏବେ ଏହାର ତୃତୀୟ ଭାଗକୁ ନେଇ ବଡ଼ ଅପଡେଟ୍ ଆସିଛି । ନେଟ୍‌ଫ୍ଲିକ୍ସର ଡକ୍ୟୁମେଣ୍ଟ୍ରି 'ବାହୁବଳୀ: ଦ ଟାର୍ଚବିୟରର' ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ପ୍ରଭାସ, ଅନୁଷ୍କା ସେଟି ଏବଂ ରାଣା ଦଗ୍‌ଗୁବତୀ ନଜର ଆସିଛନ୍ତି । ତିନି କଳାକାର ଏକଥା ଇଙ୍ଗିତ କରିଛନ୍ତି ଯେ, ଏହି ଫ୍ରାଞ୍ଚାଇଜ୍‌ର ଆଉ ଏକ ବଡ଼ ଫିଲ୍ମ ଆସିପାରେ । ରାଣା ଏହି ଭିଡିଓରେ କହିଛନ୍ତି ଯେ, ବାହୁବଳୀ ନିହାତି ଆସିବ । ଏହାପରେ ପ୍ରଭାତ ତିନିଟି ଅଙ୍ଗୁଳି ଦେଖାଇ ହସିଛନ୍ତି । ପୁଣି ଏହାପରେ ଅନୁଷ୍କା ଓ ରାଣା ପ୍ରଭାସଙ୍କ ହାତ ଧରି ହସିଛନ୍ତି । ଏହି ଭିଡିଓଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୋସିଆଲ ମିଡିଆରେ ଲୋକେ ଅନୁମାନ କରୁଛନ୍ତି ଯେ, ନିର୍ମାତା ଖୁବ୍‌ଶୀଘ୍ର 'ବାହୁବଳୀ-୩' ଆଣିପାରନ୍ତି । ଅବଶ୍ୟ ନିର୍ମାତାଙ୍କ ପକ୍ଷରୁ ଏହାକୁ ନେଇ କିଛି ସ୍ପଷ୍ଟ ସୂଚନା ସାମ୍ନାକୁ ଆସି ନାହିଁ । ■



ପରଦା ପଛର କାହାଣୀ

# ପ୍ରଥମ ଦୃଶ୍ୟ ସୁଟିଂରେ ଭୟରେ ଥରହର ଅମିଷା

ବଲିଉଡ୍ ଷ୍ଟାର୍ ସନ୍ନି ଦେଓଲ ଓ ଅଭିନେତ୍ରୀ ଅମିଷା ପଟେଲଙ୍କ ଅଭିନୀତ 'ଗଦର: ଏକ୍ ପ୍ରେମ କଥା' ଫିଲ୍ମକୁ ନିକଟରେ ୨୫ ବର୍ଷ ପୂରିଲା । ଏହି ବିଶେଷ ଅବସରରେ ଅଭିନେତ୍ରୀ ଅମିଷା ପଟେଲ ଫିଲ୍ମ ସହ ଜଡ଼ିତ ପୁରୁଣା ଦିନର ସ୍ମୃତିକୁ ସ୍ମରଣ କରିଛନ୍ତି । ତେବେ ଫିଲ୍ମରେ ଅମରୀଶ ପୁରୀଙ୍କ ସାମ୍ନାରେ ପ୍ରଥମ ଦୃଶ୍ୟ ସୁଟିଂରେ କିପରି ଭୟର ଥରିଥିଲେ ତାହା ପ୍ରକାଶ କରିଛନ୍ତି । ଗଦର ସେଟ୍‌ରେ ପହଞ୍ଚିବା ପରେ ତାଙ୍କୁ ଅମରୀଶପୁରୀଙ୍କ ସହ ଭାବପ୍ରବଣ ଦୃଶ୍ୟ ସୁଟିଂ କରିବାର ଥିଲା । ଏହି ଫିଲ୍ମରେ ଅମରୀଶଙ୍କ ସହ ତାଙ୍କର ଏହା ପ୍ରଥମ ଦୃଶ୍ୟ ସୁଟିଂ ଥିଲା । ଫଳରେ ସେ ଭୟରେ ଥରହର ହୋଇଥିଲେ । ତେବେ ପରବର୍ତ୍ତୀ ସମୟରେ ଏହା ଫିଲ୍ମରେ କାର୍ଯ୍ୟ କରିବାର ଏକ ଭଲ ଅନୁଭୂତି ପାଲଟିଥିଲା । ଅମରୀଶ ସୁଟିଂ ସେଟ୍‌ରେ ମୋ କାମକୁ ଖୁବ୍ ସହଜ କରିଦେଇଥିଲେ । ଏଥିସହ ସେ ଜଣେ ଏତେ ବଡ଼ ସୁପରଷ୍ଟାର ଏବଂ ମୁଁ ନ୍ୟୁକମର୍ ବୋଲି ଅନୁଭବ ହେବାକୁ ମଧ୍ୟ ଦେଇ ନ ଥିଲେ । 'ଇଣ୍ଡିଆ ଟୁଡେ' ସହ ବାର୍ତ୍ତାଳାପ ପରେ ସେ ଏବେ ବି ଅମରୀଶଙ୍କୁ ବହୁତ ମନେ ପକାନ୍ତି ବୋଲି କହିଛନ୍ତି । ସୁଟିଂ ସମୟରେ ସେ ଅମରୀଶଙ୍କୁ ଭୟ କରୁଥିଲେ ସତ, ହେଲେ ବାସ୍ତବରେ ସେ ଜଣେ ଖୁବ୍ ଭଲ ମଣିଷ ବୋଲି ଅମିଷା କହିଛନ୍ତି । ସେଟ୍‌ରେ ସେ ଖୁବ୍ ମଜାମସ୍ତି କରୁଥିଲେ । ମୋଗାମ୍ବୋ ଏବଂ ଆସରଫ୍ ଅଲି ଭଳି ଭୟଙ୍କର ଚରିତ୍ର ଦେଖି, କେହି କେବେ କଳ୍ପନା କରିନଥିବେ ଯେ ସେ ବାସ୍ତବରେ କେତେ ହସଖୁସ୍ ମିଜାଜ୍‌ର ଥିଲେ । "ଗଦର: ଏକ୍ ପ୍ରେମ କଥା' ପୂର୍ବରୁ ଅମିଷା କେବଳ ଗୋଟିଏ ଫିଲ୍ମ 'କହୋ ନା ପ୍ୟାର ହୈ'ରେ ଅଭିନୟ କରିଥିଲେ । ■



# ଚର୍ଚ୍ଚାରେ 'କନ୍ଧମାଳ ହଳଦୀ'

ବର୍ତ୍ତମାନ ଦର୍ଶକମାନେ ବେଶ୍ ଭଲପାଇବା ଦେଉଛନ୍ତି ମ୍ୟୁଜିକ୍ ଭିଡିଓକୁ । ୟୁଟ୍ୟୁବ୍ ଜରିଆରେ ପ୍ରତ୍ୟେକ ଦିନ ରିଲିଜ୍ ହେଉଛି ଭିନ୍ନ ଭିନ୍ନ ଭିଡିଓ । ଏହି ଅବସରରେ 'ଓମ୍ ସମ୍ ଏଣ୍ଟଟେନମେଣ୍ଟ' ଦ୍ୱାରା ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହୋଇଛି ମ୍ୟୁଜିକ ଭିଡିଓ 'କନ୍ଧମାଳ ହଳଦୀ' । କନ୍ଧମାଳ ହଳଦୀ ସବୁଠି ପ୍ରସିଦ୍ଧ । କନ୍ଧମାଳ ହଳଦୀକୁ ଆଧାର କରି ଏହି ଭିଡ଼ିଓଟି ତିଆରି ହୋଇଛି । ଏହି ଭିଡିଓଟିରେ ଅଭିନୟ କରିଛନ୍ତି ଅଭିନେତା ଜୟଦେବ୍ ରାଉଳ ଓ ଅଭିନେତ୍ରୀ ନେହା ନାଗେଶ୍ୱରୀ । ସେହିପରି ପ୍ରଯୋଜକ ଭାବରେ ଅଛନ୍ତି ରାଜେନ୍ଦ୍ର ମାଥାନ୍ । ଗୀତଟିରେ ଦେବେଶ ପତି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିରଜା ପ୍ରସାଦ ଓ ଗୀତ ଲେଖିଛନ୍ତି ନିର୍ମଳ ନାୟକ । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ସୂର୍ଯ୍ୟନ୍ ରଥ । ଏହି ଗୀତଟି ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାରେ ରହିଛି । ଏହାର ଭିଡ଼ିଓଟିକୁ ଦର୍ଶକମାନେ ବେଶ୍ ଭଲପାଇବା ଦେବେ ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ । ■



# 'ଚୌହାନ'ରେ ଅଜୟ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନଙ୍କ ଆଗାମୀ ଆକ୍ସନ ସିନେମାର ଶୀର୍ଷକ ରିଲିଜ୍ ହୋଇଯାଇଛି । ଏହି ସିନେମାର ନାଁ 'ଚୌହାନ' । ଏହି ସିନେମାରେ ଅଜୟଙ୍କୁ ଏକ ନୂଆ ଓ ଦମ୍‌ଦାର ଅବତାରରେ ଦେଖିବାକୁ ମିଳିବ । ଫିଲ୍ମ ନିର୍ମାତା ଆନନ୍ଦ ଏଲ୍ ରାୟଙ୍କ ସହିତ ଏହା ହେଉଛି ଅଜୟଙ୍କ ପ୍ରଥମ ସିନେମା । ସେହିପରି ଫିଲ୍ମଟିକୁ ଜିଓ ଷ୍ଟୁଡିଓ ପ୍ରଯୋଜନା କରୁଛି । ତେବେ ସିନେମାର ପ୍ରଥମ ଲୁକ୍ ଜାରି କରାଯାଇଛି । ତାହା ପୁଣି ଦିବଂଗତ ବୀରୁ ଦେବଗନଙ୍କ ଜୟନ୍ତୀରେ । ଏକ ଉଗ୍ର ପ୍ରଦର୍ଶନୀ ଝଲକରୁ ଭିଡିଓ ପ୍ରାରମ୍ଭ ହୋଇଛି । ସିନେମାର ନିର୍ଦ୍ଦେଶନାରେ ନୀରଜ ଯାଦବ ଅଛନ୍ତି । ଏହାସହ ଏହାର ନିର୍ମାଣରେ ଜ୍ୟୋତି ଦେଶପାଣ୍ଡେ, ଆନନ୍ଦ ଏଲ୍ ରାୟ, ହିମାଂଶୁ ଶର୍ମା କରିଛନ୍ତି । ସିନେମାଟି ୨୦୨୭ ମସିହା ଅକ୍ଟୋବର ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ । ■

ସାକ୍ଷାତକାର

# "ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ"

**ଦେବସ୍ମିତା ପଣ୍ଡା, ଅଭିନେତ୍ରୀ**

ରିଆଲିଟି ଶୋ'ରୁ ଓଲିଉଡ୍‌କୁ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା । ମଡର୍ଣ୍ଣ ଲୁକ୍ ହେଉ କି ରୋମାଣ୍ଟିକ୍ ସିନ୍, ଇମୋସନ୍, ସବୁଥିରେ ନିଜ ପ୍ରତିଭାକୁ ଚମତ୍କାର ଭାବେ ପ୍ରଦର୍ଶନ କରିଥାନ୍ତି ଅଭିନେତ୍ରୀ ଦେବସ୍ମିତା ପଣ୍ଡା । ରାଉରକେଲାରେ ତାଙ୍କର ଜନ୍ମ । ୨୦୧୪ ମସିହାରେ ସେ 'ରଜ୍ କୁଇନ୍' ରିଆଲିଟି ଶୋ'ର ବିଜେତା ଥିଲେ । 'ମୁଁ ବି ହିରୋଇନ୍ ହେବି'ର ସେ ବିଜେତା ମଧ୍ୟ ଥିଲେ । 'ରଘୁପତି ରାଘବ ରାଜାରାମ' ତାଙ୍କର ଡେବ୍ୟୁ ସିନେମା । ଏହାପରେ ସେ କିଛି ସିନେମା ଏବଂ ଧାରାବାହିକରେ ଅଭିନୟ କରିଛନ୍ତି । ତନ୍ମଧ୍ୟରୁ 'ତୋ ପାଇଁ ମୁଁ' ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାରେ ସେ ସକ୍ଷମ ହୋଇ ପାରିଛନ୍ତି । ଅଭିନୟ ଜଗତକୁ ଆସିବା ପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ... ।



**ଅଭିନୟ ଯାତ୍ରା କିପରି ଥିଲା?**

- ବ୍ୟାଙ୍କ୍‌ରେ ଚାକିରି କରିବାକୁ ସ୍ୱପ୍ନ ଦେଖିଥିଲି । କଷ୍ଟିଂ କରିଥିଲି । ସ୍କୁଲ ଓ କଲେଜରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ମୋ ସାନ ଭଉଣୀ ୨୦୧୪ ମସିହାରେ ମୋତେ 'ରଜ କୁଇନ୍'ରେ ଅଂଶଗ୍ରହଣ କରିବାକୁ କହିଥିଲା । ଏଥିପାଇଁ ମୋର ପରିବାରର ମୋତେ ସହଯୋଗ କରିଥିଲେ । ଏହି ପ୍ଲାଟଫର୍ମରେ ନିଜର ପ୍ରତିଭା ପ୍ରଦର୍ଶିତ କରି ମୁଁ ବିଜେତା ହୋଇଥିଲି । 'ମୁଁ ବି ହିରୋଇନ୍ ହେବି'ରେ ଅଂଶ ଗ୍ରହଣ କରି ବିଜେତା ହୋଇଥିଲି । ସୌଭାଗ୍ୟବଶତଃ ଏଥିରୁ ମୋତେ 'ରଘୁପତି ରାଘବ ରାଜାରାମ' ସିନେମା କରିବାକୁ ସୁଯୋଗ ମିଳିଥିଲା । ଏଥିରେ ମୁନ୍ନା ଭାଇ, ଦେବାଶିଷ ଭାଇଙ୍କ ସମେତ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାର୍ ମୋତେ ବହୁତ ସହଯୋଗ କରିଥିଲେ । ଏହା ପରେ ଅଭିନୟ ଯାତ୍ରା ଆଗକୁ ବଢ଼ିଥିଲା । 'ଭଲପାଏ ତୋତେ ମୁଁ ଶହେରୁ ଶହେ'ରେ ଅତିଥି କଳାକାର ଭାବେ ନଜର ଆସିଥିଲି । ପରେ ଧାରାବାହିକ 'ଟୁପୁର୍ ଟାପର୍', 'ତୋ ପାଇଁ ମୁଁ', 'ବିଜୟିନୀ' ଧାରାବାହିକରେ ଅଭିନୟ କରିଲି । 'ତୋ ପାଇଁ ମୁଁ' ଧାରାବାହିକର 'ଭୂମି' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଛତିଶଗଡ଼ି ହିନ୍ଦୀ ସିନେମା 'ମେରି ମା କର୍ମା'ରେ ମଧ୍ୟ ଅଭିନୟ କରିଛି ।

**ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି କେମିତି ଥିଲା?**

- 'ରଜକୁଇନ୍' ଓ 'ମୁଁ ବି ହିରୋଇନ୍ ହେବି'ର ପ୍ଲାଟ୍‌ଫର୍ମରେ କେମିତି ଅଭିନୟ କରିବାକୁ ହୁଏ, କ୍ୟାମେରାକୁ କେମିତି ସାମ୍ନା କରାଯାଏ, ନୃତ୍ୟ କରିବା ସବୁକିଛି ଜାଣି ଯାଇଥିଲି । ତେଣୁ ଏହି ଅନୁଭୂତି ମୋତେ ଫିଲ୍ମ ସୁଟିଂ କରିବାରେ ସାହସ ଦେଇଥିଲା । ତେଣୁ ପ୍ରଥମ ଦିନରେ ମୋତେ ଏତେ ଭୟ ଲାଗିନଥିଲା ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

- ନାଚ, ଗୀତ, ଚିତ୍ର ଆଙ୍କିବାକୁ ଭଲ ଲାଗେ ।

**ଅଭିନୟକୁ ଜୀବନ୍ତ କରିବାକୁ କଣ କରନ୍ତି?**

- ମୁଁ ଯେତେବେଳେ ଏହି ଲାଇନ୍‌କୁ ଆସିଥିଲି ସେତେବେଳେ ବହୁତ ପ୍ଲାଟ୍‌ଫର୍ମ ଥିଲା । ତେବେ ସବୁଠି ପ୍ରତିଯୋଗିତା । ତଥାପି ମୁଁ ମୋ ନିଜ ଉପରେ କେତେ ବିଶ୍ୱାସ ରଖି କାମ କରିବି ତାହାକୁ ଗୁରୁତ୍ୱ ଦେଇଥିଲି । ଏହି ଆତ୍ମବିଶ୍ୱାସ ବଳରେ ମୁଁ ଏତେବାଟ ଆସିପାରିଛି । ଏହା ସହିତ ସବୁବେଳେ ମୁଁ ନିର୍ଦ୍ଦେଶକଙ୍କ କଥା ମାନି ମୋର ଚରିତ୍ରକୁ କିପରି ଭଲ କରିବି ତାହାକୁ ଗୁରୁତ୍ୱ ଦିଏ । ଯାହାବି ଚରିତ୍ର ମିଳେ ସେଥିରେ ପ୍ରଥମେ ମୁଁ ନିଜକୁ ପ୍ରବେଶ କରାଏ ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ସୁନାରେ ନିବେଶ କରିଥିଲି ।

**ଦେବସ୍ମିତାଙ୍କ ଆଗାମୀ ଯୋଜନା ?**

- ରିଆଲିଟି ଶୋ'ରେ ନଜର ଆସୁଛି । ଫିଲ୍ମରେ କାମ କରିବାକୁ ଯୋଜନା ଥିବାରୁ ମେଗାଧାରବାହିକରେ କାମ କରୁନି ।

**ଫିଟ୍ ରହିବାକୁ କ'ଣ କରନ୍ତି?**

- କଳାକାରଙ୍କୁ ସବୁବେଳେ ଫିଟ୍ ରହିବାକୁ ହୁଏ । ତେଣୁ ସୁଟିଂ ସେଟ୍‌ର ବ୍ୟସ୍ତତା ଭିତରେ ମୁଁ ମୋ ନିଜକୁ ସମୟ ଦିଏ । ଫିଟ୍ ରଖିବାକୁ ଘରୋଇ ଖାଦ୍ୟ ଖାଏ ।

**ଡ୍ରିମ୍ ରୋଲ?**

- ମୁଁ ବଜେଟ୍ ନୁହେଁ, କାହାଣୀ ଓ ଚରିତ୍ରକୁ ଗୁରୁତ୍ୱ ଦିଏ । ତେଣୁ ବହୁତ ଇଚ୍ଛା ଅଛି 'ବେଟା' ସିନେମାର ଶ୍ରୀଦେବୀଙ୍କ ପରି ଚରିତ୍ର କରିବାକୁ । ତାଙ୍କ ପରି ଆତ୍ମନିର୍ଭରଶୀଳ ଏବଂ ରାଉଡି ପରି ଚରିତ୍ର କରିବାକୁ ଇଚ୍ଛା ଅଛି ।

**ଅଭିନୟ ଜଗତକୁ ଆସୁଥିବା ଯୁବପିଢ଼ିଙ୍କୁ କ'ଣ କହିବେ?**

- ସମସ୍ତେ ଭାବନ୍ତି ଅଭିନୟ କରିବା ବହୁତ ସହଜ । ହେଲେ ବାସ୍ତବ କଥା ହେଉଛି ବହୁତ କଷ୍ଟ । ଯେପର୍ଯ୍ୟନ୍ତ ତମେ ଅଭିନୟ କ'ଣ ଶିଖିନ କି ବୁଝିନ, ସେ ପର୍ଯ୍ୟନ୍ତ ଜୀବନ୍ତ ଅଭିନୟ କରିପାରବ ନାହିଁ । ଭିକାରି ଚରିତ୍ର ମିଳିଲେ ବି ତା' ଭିତରେ ପଶିବାକୁ ପଡ଼ିବ । ନଚେତ ଏ ଲାଇନ୍‌ରେ ଆଗକୁ ବଢ଼ିବା ସମ୍ଭବ ନୁହେଁ । ■






## ସବୁ ରେକର୍ଡ ଭାଙ୍ଗିଲା ଆତ୍ମଘାତୀ ଗୋଲ୍

ଡଲାସ,୪।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ଦୁଇଟି ନୂଆ ରେକର୍ଡ ହୋଇଛି। ପ୍ରଥମଟି ହେଉଛି ଆତ୍ମଘାତୀ ଗୋଲ ଏବଂ ଦ୍ୱିତୀୟଟି ହେଉଛି ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲ। ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଇଜିପ୍ଟ ବନାମ ଅଷ୍ଟ୍ରେଲିଆ ରାଉଣ୍ଡ-୩୨ ମୁକାବିଲାରେ ବିଜୟୀ ଦଳର ଡିଫେଣ୍ଡର ମହମ୍ମଦ୍ ହାନି ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଏହା ହେଉଛି ୧୩ତମ ଆତ୍ମଘାତୀ ଗୋଲ ଓ ଏହା ଫଳରେ ୨୦୧୮ ରୁଷିଆରେ ହୋଇଥିବା ୧୨ଟି ଗୋଲର ରେକର୍ଡକୁ ଅତିକ୍ରମ କରିଯାଇଥିଲା। ଏତିକିରେ ଏହି ରେକର୍ଡ ବନ୍ଦ ହୋଇ ନ ଥିଲା। ଶନିବାର ସକାଳେ ଆର୍ଜେଣ୍ଟିନା ଓ ଦୁଃସାହସୀ କେପ୍ ଭର୍ଡ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଆଉ ଏକ ଗୋଲ ଏହି ତାଲିକାରେ ଯୋଡି ହୋଇଯାଇଛି। କେପ୍ ଭର୍ଡର ଡିନେ ବୋର୍ଜେସ୍ ଏହି ବିଶ୍ୱକପ୍‌ର ୧୪ତମ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି। ଅବଶ୍ୟ ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ସର୍ବାଧିକ ୪୮ଟି ଟିମ୍ ଭାଗନେଉଥିବାରୁ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ଫଳରେ ଆତ୍ମଘାତୀ ଗୋଲ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସ୍ୱାଭାବିକ୍। ସେହିପରି ରାଉଣ୍ଡ-୩୨ ମ୍ୟାଚ୍ ଶେଷରେ ୪୬ଟି ଗୋଲ ବଦଳ ଖେଳାଳିଙ୍କ ଦ୍ୱାରା ସ୍କୋର ହୋଇଛି। ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ପୂର୍ବରୁ ଗୋଟିଏ ସଂସ୍କରଣରେ ସର୍ବାଧିକ ୩୦ଟି ଗୋଲ ହୋଇଥିଲା।

ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଇଜିପ୍ଟର ମହମ୍ମଦ ହାନି ଚଳିତ ବିଶ୍ୱକପ୍‌ରେ ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ଫଳରେ ୧୯୭୬ରେ ବେଲଜିୟମର ଡିଫେଣ୍ଡର ଇଭାନ ଭୁଟସୋଭଙ୍କ ପରେ ଗୋଟିଏ ଟୁର୍ଣ୍ଣାମେଣ୍ଟରେ ୨ଟି ଆତ୍ମଘାତୀ ଗୋଲ କରିବାରେ ଦ୍ୱିତୀୟ ଖେଳାଳି।

| | |
|---|---|
| 26 | ଫିଫା ବିଶ୍ୱକପ୍ |
| | ରାଉଣ୍ଡ ଅଫ୍ ୧୬ ମୁକାବିଲା |
| | ରବିବାର ରାତି |
| | ବ୍ରାଜିଲ-ନରୱେ |
| | ନ୍ୟୁୟର୍କ, ରାତି ୧.୩୦ |
| | ସୋମବାର ସକାଳ |
| | ଇଂଲଣ୍ଡ-ମେକ୍ସିକୋ |
| | ମେକ୍ସିକୋ ସିଟି, ସକାଳ ୫ଟା |
| | ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ଘାନାକୁ ବିଦାକଲା କଲମ୍ବିଆ

କାନ୍‌ସାସ୍ ସିଟି,୪।୭ (ଏଜେନ୍ସି): ଜନ୍ ଆରିଆସ୍‌ଙ୍କ ଏକମାତ୍ର ଗୋଲ ବଳରେ ଘାନାକୁ ୧-୦ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। କଲମ୍ବିଆ ମଧ୍ୟ ଏହି ମେଗା ଇଭେଣ୍ଟରେ ପ୍ରଥମ ନକ୍‌ଆଉଟ ବିଜୟ ହାସଲ କରିଛି। ଜୁଲାଇ ୭ ତାରିଖ ମଙ୍ଗଳବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଶେଷ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ କଲମ୍ବିଆ ସହ ଏର୍ଲିଙ୍ଗ ହଲାଣ୍ଡଙ୍କ ସ୍ୱିଜରଲାଣ୍ଡର ମୁକାବିଲା ହେବ। ଏଠାରେ ଖେଳାଯାଇଥିବା ମୁକାବିଲା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଖେଳର ୧୪ତମ ମିନିଟ୍‌ରେ ଆରିଆସ୍ ଗୋଲ ସ୍କୋର କରିବା ପରେ ଘାନା ଏହି ଗୋଲ ଶୁଝାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ୬୨ ଭାଗ ବଲ୍ ନିୟନ୍ତ୍ରଣରେ ରଖିଥିବା କଲମ୍ବିଆ ଉପରେ ଘାନା ଗୋଟିଏ ହେଲେ ଆକ୍ରମଣ କରି ପାରି ନ ଥିଲା। କଲମ୍ବିଆ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ଏତେ ଉନ୍ନତ ସମନ୍ୱୟ ଥିଲା ଯେ ଘାନାର ଫରୱାର୍ଡ ଖେଳାଳି ପୋଷ୍ଟ ଏରିଆରେ ଗୋଟିଏ ହେଲେ ଆକ୍ରମଣ କରି ପାରି ନଥିଲେ। ଫଳରେ କଲମ୍ବିଆ ସହଜ ବିଜୟ ହାସଲ କରି ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ହାସଲ କରିଥିଲା।



# ମରୋକ୍କୋ-କାନାଡା ଲଢ଼େଇ ଜୋରଦାର

ହଷ୍ଟନ,୪।୭ (ଏଜେନ୍ସି)



ଚଳିତ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ମରୋକ୍କୋ ବନାମ କାନାଡା ମଧ୍ୟରେ ମୁକାବିଲାରୁ ଆରମ୍ଭ ହୋଇଛି। ଉଭୟ ଦଳ ଚମତ୍କାର ପ୍ରଦର୍ଶନ କରି ଏହି ରାଉଣ୍ଡରେ ପ୍ରବେଶ କରିଥିଲାବେଳେ ପ୍ରଥମ ହାଇଡ୍ରେସନ ବ୍ରେକ୍ ବା ପ୍ରଥମ ୨୨ ମିନିଟ୍‌ରେ ଜୋରଦାର ଲଢ଼େଇ କରିଥିଲେ। ଏହି ସମୟରେ ମରୋକ୍କୋର ଷ୍ଟାର ଖେଳାଳି ତଥା ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରି ଆହତ ହେବା ଘଟଣା ମରୋକ୍କୋକୁ ଶକ୍ତ ଆଘାତ ଦେଇଥିଲା। ଖେଳ ଆରମ୍ଭରୁ କାନାଡା ଆକ୍ରମଣ କରିଥିଲା। କିନ୍ତୁ ତାରକା ଗୋଲରକ୍ଷକ ୟାସିନେ ବୋଉନୋଉଙ୍କୁ ଅତିକ୍ରମ କରିବା ସହଜ ହୋଇ ନ ଥିଲା। ମରୋକ୍କୋ ଦଳ କିନ୍ତୁ ଆକ୍ରମଣ କରିବାରେ ସଫଳ ହୋଇ ନ ଥିଲା। ହାଇଡ୍ରେସନ ବ୍ରେକ୍ ପରେ ବଲ ନିୟନ୍ତ୍ରଣକୁ ନେଇ ମରୋକ୍କୋ ଅଧିନାୟକ ଅର୍ଚାଫ୍ ହାକିମି ଓ କାନାଡା ରିଚି ଲାରେୟାଙ୍କ ମଧ୍ୟରେ ଧକ୍କା ମରାମରି ହୋଇଥିଲା। ରେଫରି ମାଇକେଲ ଅଲିଭର ଉଭୟଙ୍କୁ ୟେଲୋକାର୍ଡ ଦେଇ ଶାନ୍ତ କରାଇଥିଲେ। କିନ୍ତୁ ଉଭୟ ଦଳ ଏହା ପରେ ଖେଳକୁ ଛାଡି ଫାଉଲ ମରାମରି ଉପରେ ଗୁରୁତ୍ୱ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଖେଳ ଶେଷ ହେଲା ବେଳକୁ ରେଫରି ଉଭୟ ଦଳରୁ ୬ଜଣ ଖେଳାଳିଙ୍କୁ ୟେଲୋ କାର୍ଡ ଦେଖାଇଥିଲେ। ଏହି ସମୟରେ କେହି କାହାରିକୁ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ମରୋକ୍କୋ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଏହି ମୁକାବିଲା ପରେ ୨ଥରର ଚାମ୍ପିଅନ ତଥା ଏଥରର ଟାଇଟଲ ଫେବରାଇଟ ଫ୍ରାନ୍ସ ଓ ପାରାଗୁଏ ମଧ୍ୟରେ ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲର ବିଜେତା ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

## ହଲାଣ୍ଡ ଓ ନରୱେକୁ ଡରୁଛି ବ୍ରାଜିଲ୍

ନ୍ୟୁୟର୍କ,୪।୭ (ଏଜେନ୍ସି): ବ୍ରାଜିଲ ଓ ନରୱେ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୫ଥରର ଚାମ୍ପିଅନ ବ୍ରାଜିଲ ଫେବରାଇଟ ବୋଲି ସମସ୍ତେ ଆଶା କରୁଛନ୍ତି। କିନ୍ତୁ ବ୍ରାଜିଲ୍‌ର ହେଡ୍ କୋଚ୍ କାର୍ଲୋ ଆନ୍‌ସେଲୋଟିଙ୍କ ମତ ଭିନ୍ନ। ତାଙ୍କ ମତରେ ନରୱେ ଏକ ଶକ୍ତିଶାଳୀ ଦଳ। ଏହି ଦଳରେ ଏର୍ଲିଙ୍ଗ ହଲାଣ୍ଡଙ୍କ ପରି ସୁପରଷ୍ଟାର ଖେଳାଳି ରହିଛନ୍ତି। ବ୍ରାଜିଲର ରେକର୍ଡ ମଧ୍ୟ ଭଲ ନୁହେଁ। ଉଭୟଙ୍କ ମଧ୍ୟରେ ୪ଥର ମୁକାବିଲା ହୋଇଥିଲେ ନରୱେ ବିପକ୍ଷରେ ଦକ୍ଷିଣ ଆମେରିକାର ଏହି ଶକ୍ତିଶାଳୀ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିନାହିଁ। ୪ଟି ମୁକାବିଲାରୁ ୨ଟି ମ୍ୟାଚ୍ ଡ୍ର ରହିଥିଲାବେଳେ ୨ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଶେଷଥର ଦଳ ୧୯୯୮ ବିଶ୍ୱକପ୍‌ରେ ହାରିଥିଲା। ଚଳିତ ବିଶ୍ୱକପ୍‌ରେ ବ୍ରାଜିଲ ମଧ୍ୟ ଭଲ ଖେଳି ନାହିଁ। ଯଦିଓ ଦଳ ତାହାର ଶେଷ ୪ଟି ମ୍ୟାଚ୍‌ରେ ୩ଟି ବିଜୟ ହାସଲ କରିଛି ତଥାପି ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍ ଜିତିବାକୁ ୯୫ ମିନିଟ୍ ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା। ଗାବ୍ରିଏଲ ମାର୍ଟିନେଲୀଙ୍କ ଗୋଲ ବଳରେ ବ୍ରାଜିଲ ଏହି ମ୍ୟାଚ୍ ଜିତିଥିଲା। ଯେଉଁ କଳାତ୍ମକ ଖେଳ ଲାଗି ବ୍ରାଜିଲର ଖ୍ୟାତି ରହିଛି ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଦଳର ସୁପରଷ୍ଟାର ନେମାର ମଧ୍ୟ ଫିଟ୍ ହୋଇ ନାହାନ୍ତି। ଏପରି ସ୍ଥଳେ ଭିନିସିଅସ ଜୁନିଅରଙ୍କ ଖେଳ ଉପରେ ବ୍ରାଜିଲ ନିର୍ଭର କରୁଛି। ଅନ୍ୟ ପକ୍ଷରେ ନରୱେ ହେଡ୍ କୋଚ୍ ଷ୍ଟେଲ ସୋଲବାକେନ୍ ମଧ୍ୟ ବ୍ରାଜିଲକୁ ସମ୍ମାନ ଦିଅନ୍ତି। ତାଙ୍କ ମତରେ ଆମ ବିପକ୍ଷରେ ବ୍ରାଜିଲ ସହଜରେ ବିଜୟୀ ହୋଇପାରିବ ନାହିଁ। ଷ୍ଟେଲ୍‌ଙ୍କ ମତରେ ବ୍ରାଜିଲ ଏବେ ଫର୍ମକୁ ଫେରିଆସିଲାଣି। ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରହିଛି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳର ଖେଳରେ ଉନ୍ନତି ହୋଇଛି। ପ୍ରତ୍ୟେକ ପୋଜିସନରେ ସେମାନଙ୍କର ଶ୍ରେଷ୍ଠ ଖେଳାଳିମାନେ ରହିଛନ୍ତି।

## ଅଷ୍ଟ୍ରେଲିଆ ସୁଟ୍‌ଆଉଟ; ନକ୍‌ଆଉଟରେ ଇଜିପ୍ଟର ପ୍ରଥମ ବିଜୟ

ଡଲାସ,୪।୭ (ଏଜେନ୍ସି)

ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ରାଉଣ୍ଡ-୩୨ର ଏକ ମୁକାବିଲାରେ ଇଜିପ୍ଟ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଇଜିପ୍ଟ ପ୍ରଥମଥର ଲାଗି ନକ୍‌ଆଉଟ ମୁକାବିଲାରେ ବିଜୟୀ ହୋଇଛି। ଜୁଲାଇ ୭ ତାରିଖ ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲରେ ଇଜିପ୍ଟ ସହ ଆର୍ଜେଣ୍ଟିନାର ମୁକାବିଲା ହେବ। ରାଉଣ୍ଡ ଅଫ୍ ୩୨ର ଶେଷ ମୁକାବିଲାରେ କେପ୍ ଭର୍ଡକୁ ଅତିରିକ୍ତ ସମୟରେ ୩-୨ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି।

ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇଜିପ୍ଟ ସହ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଜୋରଦାର ମୁକାବିଲା କରିଥିଲା। ଖେଳର ୧୩ତମ ମିନିଟ୍‌ରେ କରିମ୍ ହାଫିଜ୍‌ଙ୍କଠାରୁ ପାଶ୍ ପାଇ ଏମାମ ଆଶୋର ଇଜିପ୍ଟ ଲାଗି ପ୍ରଥମ ଗୋଲ ଦେଇଥିଲେ। ଫିଫା ବିଶ୍ୱକପ୍ ନକ୍‌ଆଉଟରେ ଏହା ଥିଲା ଇଜିପ୍ଟର ପ୍ରଥମ ଗୋଲ। ଏହା ପରେ ଖେଳର ୫୫ତମ ମିନିଟ୍‌ରେ ମହମ୍ମଦ୍ ହାନିଙ୍କ ଆତ୍ମଘାତୀ ଗୋଲ ବଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ଖେଳର ମିମାଂସା ହୋଇ ନ ପାରିବାରୁ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଇଜିପ୍ଟ ପ୍ରଥମ ୪ଟି ସଟ୍‌କୁ ଗୋଲରେ ପରିଣତ କରିଥିଲା। ଅଷ୍ଟ୍ରେଲିଆ ୪ଟି ମଧ୍ୟରୁ ଗୋଟିଏ ସଟ୍ ପୋଷ୍ଟ ବାହାରେ ମାରି ମିସ୍ କରିଥିଲା। ଅନ୍ୟ ଏକ ସଟ୍ ପୋଷ୍ଟ ବାର୍‌ରେ ବାଜି ଫେରିଆସିଥିଲା। ଫଳରେ ଏସିଆ ମହାଦେଶର ଏହି ଶେଷ ଦଳ ରାଉଣ୍ଡ-୩୨ ମୁକାବିଲାକୁ ୨-୪ରେ ହାରିଯାଇଥିଲା।



## କେପ୍ ଭର୍ଡ ଆକ୍ରମଣରୁ ବର୍ତ୍ତିଗଲା ଆର୍ଜେଣ୍ଟିନା

ମିଆମି,୪।୭ (ଏଜେନ୍ସି): ଉତ୍ସାହୀ ଓ ଦୁଃସାହସ ଖେଳ ପ୍ରଦର୍ଶନ କରୁଥିବା କେପ୍ ଭର୍ଡ ଆକ୍ରମଣରୁ ବର୍ତ୍ତି ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ କେପ୍ ଭର୍ଡର ସ୍ମରଣୀୟ ଅଭିଯାନ ଶେଷ ହୋଇଛି। ଅନ୍ୟପକ୍ଷରେ ଇଜିପ୍ଟ ସହ ରାଉଣ୍ଡ ଅଫ୍ ୧୬ ମୁକାବିଲା କରିବାକୁ ଆର୍ଜେଣ୍ଟିନା ସୁଯୋଗ ପାଇଛି। ଏହି ମୁକାବିଲାରେ ସୁପରଷ୍ଟାର ଲିଓନେଲ ମେସି ଖେଳର ୨୯ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୯ତମ ମିନିଟ୍‌ରେ କେପ୍ ଭର୍ଡର ଡେରଏ ଡୁଆର୍ଟେ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାରୁ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଖେଳର ୯୨ତମ ମିନିଟ୍‌ରେ ଆର୍ଜେଣ୍ଟିନାର ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ୧୦୩ତମ ମିନିଟ୍‌ରେ କେପ୍ ଭର୍ଡର ସିଡ୍‌ନୀ ଲୋପେଜ୍ କାର୍ବାଲ ଗୋଲ ସ୍କୋର କରିବା ପରେ ଖେଳ ୨-୨ ଗୋଲରେ ସମାନସ୍ତରରେ ଚାଲିଥିଲା। ୧୧୧ତମ ମିନିଟ୍‌ରେ ଏକ ଦୁର୍ଭାଗ୍ୟଜନକ ଗୋଲ କେପ୍ ଭର୍ଡକୁ ବିଶ୍ୱକପ୍‌ରୁ ବିଦା କରିଥିଲା। ଦଳର ପୋଷ୍ଟ ପାଖକୁ ମରାଯାଇଥିବା ପାସ୍‌କୁ ଆର୍ଜେଣ୍ଟିନାର କ୍ରିଷ୍ଟିଆନୋ ରୋମେରୋ ହେଡ୍ କରିଥିଲେ। ଏହା ପରେ ବଲଟି ଡିଫେଣ୍ଡର ଡିନେ ବୋର୍ଜେସଙ୍କ କାନ୍ଧରେ ବାଜି କେପ୍ ଭର୍ଡର ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏଥିରୁ ଆଉ ମୁକୁଳି ନପାରି ମ୍ୟାଚ୍‌କୁ କେପ୍ ଭର୍ଡ ହାତଛଡ଼ା କରିଥିଲା।



## ରେକର୍ଡ ଟାଇଟଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ ଆଜି**

ଲଣ୍ଡନ, ୪।୭ (ଏଜେନ୍ସି): ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପର ୧୦ମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଟାଇଟଲ୍ ପାଇଁ ରବିବାର ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସାମ୍ନାସାମ୍ନି ହେବେ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରାତି ୮ଟାରେ ଏହି ଗ୍ରାଣ୍ଡଫାଇନାଲ ମ୍ୟାଚ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ସେହିଭଳି ଆୟୋଜକ ଇଂଲଣ୍ଡ ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪୦ ରନରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ସୋଫି ମୋନିଲେକ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏଠାରେ ଇଂଲଣ୍ଡକୁ ହରାଇ ରେକର୍ଡ ୭ମଥର ଲାଗି ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଘରୋଇ ଇଂଲଣ୍ଡ ୧୭ ବର୍ଷ ପରେ ଦ୍ୱିତୀୟଥର ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟରେ ରହିଛି। ୨୦୦୯ରେ ଏହି ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସଂସ୍କରଣର ଫାଇନାଲରେ ୬ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଓ ଶେଷଥର ଲାଗି ଚାମ୍ପିଅନ ହୋଇଥିଲା। ଯଦି ଇଂଲଣ୍ଡ ରବିବାର ବିଜୟୀ ହୁଏ ତେବେ ବିଶ୍ୱର ଦ୍ୱିତୀୟ ଦଳ ଭାବେ ଏକାଧିକଥର ଟି-୨୦ ବିଶ୍ୱକପ ଜିତିବାର ସୌଭାଗ୍ୟ ଲାଭ କରିବ। ତେଣୁ ଇଂଲଣ୍ଡ ୧୭ ବର୍ଷ ପରେ ପୁଣିଥରେ ଲର୍ଡ୍ସରେ ସଫଳତା ଦୋହରାଇବାକୁ ଲକ୍ଷ୍ୟ ରଖିଛି।

## ୱିମ୍ବଲଡନ ଟେନିସରେ ବିପର୍ଯ୍ୟୟ ହାରିଲେ ରିବାକିନା, ସ୍ୱିଆଟେକ

ଲଣ୍ଡନ,୪।୭ (ଏଜେନ୍ସି): ଏଠାରେ ଚାଲିଥିବା ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ଏକାଧିକ ସିଡେଡ ଖେଳାଳି ପରାଜିତ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ଏକକରେ ଦ୍ୱିତୀୟ ସିଡ୍ ଏଲିନା ରିବାକିନା (ବନାମ ଏଲିସେ ମେର୍ଟେନ୍ସ), ତୃତୀୟ ସିଡ୍ ଇଗା ସ୍ୱିଆଟେକ୍ (ବନାମ ଆଲେକ୍‌ଜାଣ୍ଡ୍ରା ଏଲା) ଓ ଷଷ୍ଠ ସିଡ୍ ଆମାଣ୍ଡା ଆନିସିମୋଭା (ବନାମ ମାଡିସନ୍ କିଜ୍‌ଙ୍କଠାରୁ) ପରାଜିତ ହୋଇଛନ୍ତି। କିନ୍ତୁ ୯ମ ସିଡ୍ ଲିଣ୍ଡା ନୋସ୍କୋଭା, ୧୩ଶ ସିଡ୍ ଜସ୍ମିନ୍ ପାଓଲିନ୍ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗ ଏକକରେ ଦ୍ୱିତୀୟ ସିଡ୍ ଆଲେକ୍‌ଜାଣ୍ଡ ଜ୍ୱେରେଭ୍, ୫ମ ସିଡ୍ ଆଲେକ୍ସ ଡି ମିନାଉର, ୯ମ ସିଡ୍ ଫାବିଓ କୋବୋଲି (ବନାମ କାରେନ ଖାଚାନୋଭ ୩-୨ରେ) ଓ ୧୩ଶ ସିଡ୍ ଜିରି ଲେହେକା ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

■ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ

## ଓଡ଼ିଶାକୁ ୨୦ ପଦକ; ମହିଳା ପ୍ରଥମ



ଭୁବନେଶ୍ୱର, ୪।୭ (ସମିସ): ଛତିଶଗଡ଼ର ରାୟପୁରଠାରେ ୧୧ତମ ଜାତୀୟ ବରିଷ୍ଠ ମିନିଗଲ୍ଫ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମିନିଗଲ୍ଫ ଦଳ ମୋଟ ୨୦ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୫ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ ରହିଛି। ଏଥିସହ ଓଡ଼ିଶା ମହିଳା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଲାଭ କରିଛି। ଏହି ସଫଳତା ଲାଗି ଓଡ଼ିଶା ମିନିଗଲ୍ଫ ସଂଘ ପକ୍ଷରୁ ସମସ୍ତ ଖେଳାଳି ଓ କୋଚଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

**ଭାରତ ପାଇଁ ସର୍ବକନିଷ୍ଠ ପଦାର୍ପଣକାରୀ ହେଲେ ସୂର୍ଯ୍ୟବଂଶୀ**

# ବିଷ ଭରିଦେଲେ ବିଷ୍ଣୋଇ

ମାଞ୍ଚେଷ୍ଟର,୪।୭ (ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମୁକାବିଲାରେ ଭାରତକୁ ବିଷ ଭରିଦେଇଛନ୍ତି ଅନାମଧେୟ ଲେଗ୍ ସ୍ପିନର ରବି ବିଷ୍ଣୋଇ। ଭାରତୀୟ ଦର୍ଶକଙ୍କ ଭରପୁର ଉପସ୍ଥିତିରେ ଘରୋଇ ଇଂଲଣ୍ଡ ଆଗରେ ଏହି ମ୍ୟାଚ୍ ଜିତିବାକୁ ଭାରତ ୧୯୧ ରନ୍‌ର ଲକ୍ଷ୍ୟ ଦେଇଥିଲା। ଇଂଲଣ୍ଡ ଇନିଂସର ପ୍ରଥମ ଓଭରରେ ଅର୍ଶଦୀପ ସିଂହ ଦୁଇ ଓପନରଙ୍କୁ ଆଉଟ କରି ବଡ଼ ସଫଳତା ମଧ୍ୟ ଦେଇଥିଲେ। ତାଙ୍କ ବ୍ୟତୀତ ଅନ୍ୟ ବୋଲରଙ୍କ ଦିଶାହୀନ ବୋଲିଂ ସତ୍ତ୍ୱେ ୧୬ ଓଭର ଖେଳ ଶେଷ ବେଳକୁ ଇଂଲଣ୍ଡ ୫ ୱିକେଟ ହରାଇ ୧୪୨ ରନ୍ କରିଥିଲା। ଏହି ସମୟରେ ଦଳକୁ ମ୍ୟାଚ୍ ଜିତିବା ଲାଗି ଶେଷ ୪ ଓଭର ବା ୨୪ଟି ବଲ୍‌ରେ ୪୯ ରନ୍ ଆବଶ୍ୟକ ହେଉଥିଲା। ୧୭ତମ ଓଭର ବୋଲିଂ କରିବାକୁ ଆସିଥିବା ରବି ବିଷ୍ଣୋଇ ନିଜର ଚମତ୍କାର ବୋଲିଂ ବଳରେ ଦାନ କରିଥିଲେ ୨୯ ରନ୍। ଏହି ଓଭରରେ ବେଥେଲ ୩ଟି ଛକା, ଗୋଟିଏ ଚୌକା ଓ ୨ଟି ୨ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ବିଷ୍ଣୋଇ ଆହୁରି ଦୟା ଦେଖାଇ ୨ଟି ନୋବଲ୍‌ରୁ ୩ ରନ୍ ଦେଇଥିଲେ। ବିଷ୍ଣୋଇଙ୍କ ଏହି ବିଶୃଙ୍ଖଳିତ ଓ ଲଜ୍ଜାଜନକ ବୋଲିଂ ଫଳରେ ଇଂଲଣ୍ଡ ଗୋଟିଏ ଓଭର ଓ ୪ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ୪୬ବଲ୍‌ରେ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୬ ରନ୍ କରିଥିବା ଜ୍ୟାକବ ବେଥେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଇଂଲଣ୍ଡ ୧ରନ୍‌ରେ ୨ଟି ଓ ୫୧ ରନ୍‌ରେ ୩ଟି ୱିକେଟ ହରାଇଥିଲାବେଳେ ହ୍ୟାରୀ ବ୍ରୁକ୍‌ଙ୍କ ୧୫ବଲ୍‌ରୁ ଏବଂ ଟମ୍ ବାଣ୍ଟନଙ୍କ ୩୨ ବଲ୍‌ରୁ ୩୯ରନ୍ ଲେଖାଏଁ ସଂଗ୍ରହ ବେଶ୍ ଉପଯୋଗୀ ହୋଇଥିଲା। ପୂର୍ବରୁ ୧୫ ବର୍ଷ ୯୯ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ଏଠାରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ୧୦ ବଲ୍‌ରେ ୧୪ ରନ୍ କରି ଭାରତକୁ ନିରାଶ କରିଥିଲେ। ଦଳର ଜଣେ ହେଲେ ଖେଳାଳି ବେଶି ସମୟ କ୍ରିଜ୍‌ରେ ତିଷ୍ଠି ନ ଥିଲେ। ଇଶାନ କିଶାନ ୪୯ ଓ ଅଭିଷେକ ଶର୍ମା ୪୩ ରନ୍ କରିଥିଲେ ମଧ୍ୟ ଆବଶ୍ୟକ ବେଳେ ନିଜ ୱିକେଟ ଫିଙ୍ଗିଦେଇଥିଲେ।

### ସଚିନଙ୍କ ୩୭ ବର୍ଷର ରେକର୍ଡ ଭାଙ୍ଗିଲା



ଯୁବ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଛନ୍ତି। ଶନିବାର ଓଲ୍ଡ ଟ୍ରାଫୋର୍ଡରେ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳି ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପି ଏକାଧିକ ରେକର୍ଡ ଭଙ୍ଗ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ଭାରତ ପାଇଁ ସର୍ବକନିଷ୍ଠ କ୍ରିକେଟର୍ ହୋଇଛନ୍ତି। ଶନିବାର ପଦାର୍ପଣ କରିବା ସମୟରେ ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ୯୯ ଦିନ ହୋଇଥିଲା। ଏହିକ୍ରମରେ ସୂର୍ଯ୍ୟବଂଶୀ ୩୭ ବର୍ଷ ତଳର ସଚିନ ତେନ୍ଦୁଲକରଙ୍କ ନାମରେ ରହିଥିବା ରେକର୍ଡକୁ ଭଙ୍ଗ କରିଛନ୍ତି। ୧୯୮୯ ସଚିନ ପାକିସ୍ତାନ ବିପକ୍ଷରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାବେଳକୁ ତାଙ୍କୁ ୧୬ ବର୍ଷ ୨୦୫ ଦିନ ବୟସ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ: ୧୯୦/୭, ୨୦ ଓଭର** (ଇଶାନ-୪୯, ଅଭିଷେକ-୪୩, ଆୟର-୩୭, ତିଳକ-୨୪, ସାମ କରାନ-୩/୩୩)।

**ଇଂଲଣ୍ଡ: ୧୯୧/୬, ୧୯ ଓଭର** (ବେଥେଲ ଅପରାଜିତ ୭୫, ବ୍ରୁକ୍-୩୯, ବାଣ୍ଟନ-୩୯, ଅର୍ଶଦୀପ -୩/୪୦)।

THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS